## କାଳିମେଳା ଜଙ୍ଗଲରେ ଥିବା ପାହାଡ଼ ଗୁମ୍ଫାରୁ ବିସ୍ଫୋରକ ସାମଗ୍ରୀ ଜବତ



ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ଜବତ ବିସ୍ଫୋରକ।

**ମାଲକାନଗିରି,୧୬।୧୧(ସୁଚିତ୍ରା ଦାସ)**

ମାଲକାନଗିରି ଜିଲା କାଳିମେଳା ଥାନା ଦୁଲାଗୁଣ୍ଡି ଜଙ୍ଗଲରେ ଥିବା ପାହାଡ଼ର ଏକ ଗୁମ୍ଫା ଭିତରେ ମାଓବାଦୀମାନେ ଲୁଚାଇଥିବା ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ମାଲକାନଗିରି ପୋଲିସ ଓ ବିଏସ୍‌ଏଫ୍ ଯବାନ ସର୍ଚ୍ଚ ଅପରେଶନ କରିବା ସମୟରେ ସୂଚନା ପାଇ ସତର୍କତାର ସହ ଗୁମ୍ଫାରୁ ମାଓବାଦୀ ସାମଗ୍ରୀକୁ ଜବତ କରିଥିଲେ। ସେଥିମଧ୍ୟରେ ଗୋଟିଏ ବନ୍ଧୁକ ,ବିପୁଳ ପରିମାଣର ଜୀବନ୍ତ ଗୁଳି, ଜିଲେଟିନ ଷ୍ଟିକ, ଲ୍ୟାଣ୍ଡମାଇନ ପରି ଅନେକ ବିସ୍ଫୋରକ ସାମଗ୍ରୀ ରହିଛି। ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରିବା ପାଇଁ ଏହି ବିସ୍ଫୋରକ ସାମଗ୍ରୀ ବହୁଦିନ ତଳେ ରଖିଥିବା ପୋଲିସ ଅନୁମାନ କରୁଛି।

## କ୍ୟାଡର ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

**ଫୁଲବାଣୀ,୧୬।୧୧(ରାକେଶ କୁମାର ରାଉତ)**



ଆତ୍ମସମର୍ପଣ କରିଥିବା ମାଓବାଦୀ।

ସଙ୍ଗଠନର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ କ୍ୟାଡର ମାଓବାଦୀ ଦମ୍ପତି କନ୍ଧମାଳ ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଛତିଶଗଡ ରାଜ୍ୟ ସୁକୁମା ଜିଲାର ଉଙ୍ଗା କାଲମୁ ଓରଫ କିଶୋର(୨୫) ଓ ତାଙ୍କ ସ୍ତ୍ରୀ ମାସେ ମାଦଭି(୨୨)। ଉଭୟେ ବଂଶଧାରା ଘୁମୁସର ନାଗାବଳୀ(ବିଜିଏନ୍) ଡିଭିଜନରେ କାମ କରୁଥିଲେ ବୋଲି ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି।

୨୦୧୮ରେ କିଶୋର ଓ ମାଦଭି ସିପିଆଇ ମାଓବାଦୀ ସଂଗଠନରେ ଯୋଗଦେବା ପରେ କ୍ୟାଡର ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ। ସୁପ୍ତ ହୋଇ ପଡ଼ିଥିବା ଉତ୍ତର-ଦକ୍ଷିଣ କରିଡରକୁ ପୁନଃସକ୍ରିୟ କରିବା ପାଇଁ ସେମାନେ ନିୟୋଜିତ ହୋଇଥିଲେ। ଝାଡ଼ଖଣ୍ଡ-ଛତିଶଗଡ଼ ଦେଇ ଓଡ଼ିଶାର ଦକ୍ଷିଣ ମଧ୍ୟବର୍ତ୍ତୀ ଅଞ୍ଚଳ ମାଓବାଦୀଙ୍କ ନଜରରେ ଥିଲା। ଏହି ଦମ୍ପତି ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ମାଓବାଦୀ ହିଂସା କାର୍ଯ୍ୟକଳାପରେ ସାମିଲ ଥିଲେ। କିନ୍ତୁ ସେମାନେ ସଙ୍ଗଠନର କାର୍ଯ୍ୟକଳାପକୁ ନେଇ ହତାଶ ଏବଂ ମାନସିକ ଦୁଶ୍ଚିନ୍ତାରେ ଥିଲେ। ମହିଳାମାନଙ୍କୁ ଯୌନ ନିର୍ଯାତନା, ଅନୈତିକ ଉପାୟରେ ଅର୍ଥ ଉପାର୍ଜନ, ଯୁବତୀ ଯୁବକଙ୍କୁ ମିଥ୍ୟା ପ୍ରତିଶ୍ରୁତି, ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଦୁର୍ବ୍ୟବହାର, ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ, ମାଓବାଦୀଙ୍କ ବିରୋଧରେ ହେଉଥିବା ଅପରେଶନରେ ଅତିଷ୍ଠ ହେବା ସହ ମାଓବାଦୀ ଦମ୍ପତି ସରକାରଙ୍କ ଥଇଥାନ ନୀତିରେ ଆକର୍ଷିତ ହୋଇ ଆତ୍ମସମର୍ପଣ କରିବାକୁ ଯୋଗାଯୋଗ କରିଥିଲେ। ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରାଯାଇଥିଲା। ସରକାରଙ୍କ ନୀତି ନିୟମ ଅନୁସାରେ ସବୁ ସୁବିଧା ଯୋଗାଇ ଦିଆଯିବ। ଯେଉଁମାନେ ଏହି ହିଂସା ପଥରେ ଅଛନ୍ତି, ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପୁଣି ଅନୁରୋଧ କରୁଛୁ। ମାଓବାଦୀ କାର୍ଯ୍ୟକଳାପ ଛାଡ଼ିଲେ ସରକାରଙ୍କ ଥଇଥାନ ନୀତିରେ ଥିବା ସବୁ ଯୋଜନା ଯୋଗାଇ ଦିଆଯିବ ବୋଲି ଆଇଜି ଶେଖର ଏବଂ କନ୍ଧମାଳ ଏସ୍‌ପି ହରିଶ ବି.ସି. କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡା ଏସ୍‌ଡିପିଓଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।





ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରବିବାର ବ୍ୟାଡମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଏକଲବ୍ୟ ପୁରସ୍କାରରେ ସମ୍ମାନିତ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଓ ପାରମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଅଛନ୍ତି। **(ଫଟୋ: ବିକାଶ ନାୟକ)**

## ବାଇକ୍-ସ୍କୁଟି ଧକ୍କା: ୨ ମୃତ, ୪ ଆହତ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଗେଙ୍ଗୁଟିଆ ଓ ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି କମଗରା ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ଥିବା ସାରଙ୍ଗଧର ସେତୁ ଉପରେ ରବିବାର ଅପରାହ୍ନରେ ଏକ ସ୍କୁଟି ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ୨ ଜଣ ହେଲେ ସଦର ଥାନା ତରଭା ଫାଣ୍ଡି କେଉଟବେରେଣୀ ଗ୍ରାମର ସତ୍ୟଜିତ ବରାଳ(୨୭) ଓ ବିଶ୍ୱପ୍ରସାଦ ବରାଳ(୨୦)। ଉଭୟେ ଏକ ବାଇକ୍‌ରେ ଢେଙ୍କାନାଳରୁ କାମାକ୍ଷାନଗର ଆଡ଼କୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍କୁଟିରେ ବସିଥିବା ୩ ଜଣଙ୍କ ସମେତ ପଛରେ ଆସୁଥିବା ଆଉ ଏକ ବାଇକ୍ ଆରୋହୀ ପିଟିହୋଇ ଆହତ ହୋଇଥିଲେ। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହିତ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଘଟଣା ପରେ ସାରଙ୍ଗଧର ସେତୁ ଉପରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା।

## ପୋଖରୀରେ ବୁଡ଼ି ୨ ମୃତ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ପୃଥକ ପୃଥକ ଘଟଣାରେ ଢେଙ୍କାନାଳ ଜିଲା ସଦରଥାନା ବଣସିଂହ ଓ ମହୁଲପଡ଼ା ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ୨ ଜଣଙ୍କର ମୃତ୍ୟୁ ଘଟିଛି। ବଣସିଂହରେ ପୋଖରୀରେ ବୁଡ଼ି କାଠିଆ ମହାଲିକ(୬୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ମହୁଲପଡ଼ାରେ ପୋଖରୀରେ ବୁଡ଼ି ଅଜିତ ପରିଡ଼ା(୪୨)ଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରପାଇ ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଚେତନତା ରୋକିବ ସାଇବର ଠକେଇ

**କଟକ,୧୬।୧୧(କାର୍ତ୍ତିକ ସାହୁ)**

### ରାଜ୍ୟରେ ବୁଲୁଛି ୧୬ ରଥ, ଆୟୋଜନ ହେଉଛି ବିଭିନ୍ନ କାର୍ଯ୍ୟକ୍ରମ

ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସର ୧୬ଟି ସାଇବର ରଥ ସାରା ରାଜ୍ୟର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପରିକ୍ରମା କରୁଛି। ଏହି ରଥରେ ଲାଗିଥିବା ଏଲ୍‌ଇଡି ପ୍ୟାନେଲରେ ପ୍ରଦର୍ଶିତ ଭିଡିଓ ବାର୍ତ୍ତା ଜନସାଧାରଣ, ବିଶେଷକରି ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବା ସହ ସେମାନଙ୍କ ମନରେ ସାଇବର ସୁରକ୍ଷା ପ୍ରତି ବଢୁଥିବା ସଚେତନତା ଏବଂ ଆଗ୍ରହ ସୃଷ୍ଟି କରାଉଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ଅନୁଷ୍ଠିତ ହୋଇଥିବା ରାଲି, ସେମିନାର, କର୍ମଶାଳା ଏବଂ ସାଧାରଣ ସଭା ସମେତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସାଧାରଣ ନାଗରିକ ଅଂଶଗ୍ରହଣ କରି ସାଇବର ସୁରକ୍ଷା କ୍ଷେତ୍ରରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି। ଏହି ଅଭିଯାନରେ ଓଡ଼ିଶାର ୩୩ଟି ପୋଲିସ ଜିଲା ସାମିଲ ହୋଇଥିବାବେଳେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସଚେତନତା କର୍ମଶାଳା ଆୟୋଜନ କରାଯାଇଛି। ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ହେଉଛି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ଓ ଦାୟିତ୍ୱ। ସଚେତନତା ହିଁ ସାଇବର୍ ଅପରାଧରୁ ସୁରକ୍ଷିତ ରହିବାର ଏକମାତ୍ର ଉପାୟ- ଏଭଳି ବାର୍ତ୍ତା ପୋଲିସ ତରଫରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସାଇବର ସଚେତନତା ସମ୍ବଳିତ ଲିଫ୍‌ଲେଟ ବଣ୍ଟନ କରାଯିବା ସହ ଏଲ୍‌ଇଡି ପ୍ୟାନେଲ ମାଧ୍ୟମରେ ଠକେଇ ହେବାର ପ୍ରକ୍ରିୟା ଓ ପ୍ରତିରୋଧ ଉପାୟ ସମ୍ପର୍କିତ ଭିଡିଓ ମଧ୍ୟ ପ୍ରଦର୍ଶିତ ହେଉଛି। ସେହିପରି ଠକେଇ ଫୋନ କଲ, ଓଟିପି ଫିଶିଂ, ୟୁପିଆଇ ଠକେଇ, ସେକ୍ସ ଟର୍ସନ, ଲୋନ ଆପ ଠକେଇ, ସୋସିଆଲ ମିଡ଼ିଆ ବ୍ଲାକମେଲିଂ ଭଳି ବିଭିନ୍ନ ସାଇବର୍ ଅପରାଧ ସମ୍ପର୍କରେ ବ୍ୟାପକ ସଚେତନ କରାଯାଉଛି। ଜିଲା ପୋଲିସ ତରଫରୁ ସାଇବର ସଚେତନତା ପ୍ରସାର ପାଇଁ ପଦଯାତ୍ରା, ସାଇବର ସୁରକ୍ଷା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନୀୟ କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ରାଜ୍ୟରେ ଡିଜିଟାଲ ସୁରକ୍ଷା ସଚେତନତା ବହୁଗୁଣ ବୃଦ୍ଧି ପାଇବ ଓ ସାଇବର୍ ଅପରାଧ ହାର ଅନେକ ମାତ୍ରାରେ କମିବ ବୋଲି ଓଡ଼ିଶା ପୋଲିସ ଆଶା ବାନ୍ଧିଛି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଏଥିରେ ୧୬ଟି ସାଇବର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା।

## କୋଣାର୍କର ଅର୍କବଟ ସୂର୍ଯ୍ୟଲୋକର ନନ୍ଦନବଟ

ଐତିହ୍ୟର ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଆମେ ଗତ ସଂଖ୍ୟାରେ କୋଣାର୍କଠାରେ ମନ୍ଦିର ପରିସରରେ ରହିଥିବା 'ଅର୍କବଟ' ପ୍ରସଙ୍ଗ ଆଲୋଚନା କରିଥିଲେ। ମନ୍ଦିରର ବାହାରପଟେ, ମୁଖଶାଳାରେ ସ୍ଥାନିତ ସମସ୍ତ ବିଗ୍ରହ ପ୍ରଥମେ ଅର୍କବଟ ତଳକୁ ବିଜେ କରିବା ପରେ ଯଥାଯୋଗ୍ୟ ସ୍ଥାନରେ ଖଞ୍ଜାଯାଇଥିଲେ।

ଆମେ ତ ପୋଥି ବର୍ଣ୍ଣନା ଦେଖିଲେ। ଶାସ୍ତ୍ର ବର୍ଣ୍ଣନା ବି ଜାଣିବା। ମୈତ୍ରେୟ ବନରେ ଅର୍କବଟ ତଳେ ସାଧୁ, ସନ୍ଥ ଓ ମୁନିମାନେ ଆଶ୍ରୟ ନେଉଥିଲେ। ଅଧ୍ୟାତ୍ମ ଦୃଷ୍ଟିରୁ ତାହା ଥିଲା ମୁକ୍ତିପ୍ରଦ। 'ମୁକ୍ତି'ର ପରିଭାଷା ଆମେ ଜାଣିଛେ। ଅବସୋସରୁ ମୁକ୍ତି। ଅବସୋସ ଷୋହଳ ପ୍ରକାର। ଏଥିରୁ ମୁକ୍ତି ମାନେ ନୀରବତା ଆଡ଼କୁ ଗତି। ମୌନ ଅବସ୍ଥା... ଭାବନାମୁକ୍ତ...। ଶାସ୍ତ୍ର ମତରେ ଶ୍ରୀଆଦିତ୍ୟ ସାକ୍ଷାତ୍ 'ଅର୍କବଟ' ରୂପ ଧାରଣ କରିଥିଲେ। ଅର୍କବଟ ସଂସ୍ପର୍ଶ ମାନେ ଅବଧ। ମାନସିକ ସ୍ତରରେ ଅବଧ। ମାୟାର ମୋହ ତାକୁ କବଳିତ କରିପାରେ ନାହିଁ। ଅର୍କବଟ ତଳେ ମୁନିମାନେ ସୂର୍ଯ୍ୟମନ୍ତ୍ର ଜପ କରୁଥିଲେ। ଜପରୁ ଧ୍ୟାନ ଆଡ଼କୁ ରାସ୍ତା। ତେଣୁ ଅଭୀଷ୍ଟ ପ୍ରାପ୍ତି ହୁଏ। ପ୍ରାଚୀନ ଶାସ୍ତ୍ର କୁହେ- ଯିଏ ଅର୍କବଟ... ତାହା ହିଁ ସୂର୍ଯ୍ୟଲୋକରେ ଥିବା ନନ୍ଦନ ବୃକ୍ଷ। 'ନନ୍ଦନ' ଶବ୍ଦ ଦର୍ଶନ ଶାସ୍ତ୍ରର ପାରିଭାଷିକ ଶବ୍ଦ। ୩୪ ତତ୍ତ୍ୱରେ ନନ୍ଦନ ଏକ ତତ୍ତ୍ୱ। ଏହି ତତ୍ତ୍ୱ ପ୍ରାପ୍ତ ହୁଏ ସାଧନାର ତିନିପକ୍ଷ ମଧ୍ୟରେ। ବାହାରିଆ ଲେଖକ ଏହାକୁ ସଂଯୋଗ କଲେ ବୁଦ୍ଧଦେବଙ୍କ ବୃକ୍ଷତଳେ ୪୯ ଦିନରେ ସିଦ୍ଧି ଲାଭ ସହିତ!!

ସେତିକିବେଳେ ସମସ୍ତ ଶିଳ୍ପୀଙ୍କୁ ଦୁଇଯୋଡ଼ା ଲେଖାଏଁ ବସ୍ତ୍ର ଉପହାର ଦେଇଥିଲେ। ତା' ସହିତ ଦେଇଥିଲେ ପଦ୍ମ ଅଙ୍କିତ ସ୍ୱର୍ଣ୍ଣ ମୁଦ୍ରା। ପୂର୍ବରୁ ସୂଚନା ଦେଇଥିଲୁ- ପଦ୍ମ ଅଙ୍କିତ ସ୍ୱର୍ଣ୍ଣମୁଦ୍ରା ଆମ ସାମ୍ରାଜ୍ୟର ଗୋଟିଏ ସ୍ଥାନରେ ଗଢ଼ାଯାଉଥିଲା, ତାହା ହେଉଛି କଟକର ବିଡ଼ାନାସୀ ଦୁର୍ଗରେ। ପୋଥିରେ ଲିଖିତ ହୋଇଛି ୩୪୬ ଟି ସ୍ୱର୍ଣ୍ଣମୁଦ୍ରା ଦେଇଥିଲେ। ତାହାହେଲେ କ'ଣ ନିର୍ମାଣ କାର୍ଯ୍ୟର ଶେଷ ଶେଷିଆକୁ ୧୮ ଶହ ଶିଳ୍ପୀ, ପଥୁରିଆ, କମାର, ମାଝି, ପାଇଟିଆଳ, ନାରୀ ମୂଲିଆଣୀ, ଶଗଡ଼ିଆ, ହାତୀଆଳ ପ୍ରଭୃତି କମି କମି ଆଉ ୩୪୬ଜଣ ଥିଲେ? ନା କେବଳ ୩୪୬ ଜଣ ଶିଳ୍ପୀ ଅବଶିଷ୍ଟ ଥିଲେ।

ଆମେ ବାରମ୍ବାର 'ଶିଳ୍ପୀ' ଶବ୍ଦ ବ୍ୟବହାର କରିଛୁ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଯେଉଁମାନେ ଅସୀମ ତ୍ୟାଗ କରିଥିଲେ ସେମାନେ ପଥରଶିଳ୍ପୀ। ସେମାନେ ବଢ଼େଇ ନୁହନ୍ତି। ଅଭିସନ୍ଧି ମୂଳକ ଭାବରେ କିଛି ପାଶ୍ଚାତ୍ୟ ଅନୁଗାମୀ ବ୍ୟବହାର କଲେ- ବାରଶ ବଢ଼େଇ...। ଓଡ଼ିଶାରେ ବଢ଼େଇ କହିଲେ ମହାରଣାମାନଙ୍କୁ ବି ବୁଝାଏ। ଏମାନେ କାଠ କାମ କରନ୍ତି, ପଥର କାମ ନୁହେଁ। ଏଇଠି ଅଭିସନ୍ଧିର ମୂଳବିନ୍ଦୁ। ବଢ଼େଇ ଶବ୍ଦ ପ୍ରୟୋଗ କଲେ ମୂଳରୁ ଓଡ଼ିଶାର ପଥରଶିଳ୍ପୀ କୋଣାର୍କଠାରେ ମନ୍ଦିର ଗଢ଼ି ନାହାନ୍ତି ବୋଲି ପ୍ରମାଣ କରିବାକୁ ସହଜ ହେବ। ବଢ଼େଇ କ'ଣ ମନ୍ଦିର ନିର୍ମାଣ କରନ୍ତି!! ହସରେ ଉଡ଼େଇ ହେବ। ଆମକୁ ନୁଆଁଣିଆ କରିହେବ।

'ମହାରଣା' ସାଙ୍ଗିଆ ଓଡ଼ିଶାରେ ବିଶେଷ ପ୍ରଚଳିତ। ପଥର କାରିଗର, କାଠ କାରିଗର, ଲୁହାକାରିଗର (କମାର), ଚିତ୍ର କାରିଗର, ମାଟି କାରିଗରମାନଙ୍କର 'ମହାରଣା' ସାଙ୍ଗିଆ ଅଛି। କେବଳ 'ବଢ଼େଇ' ଶବ୍ଦକୁ ରୂଢ଼ି କରାଯାଇଛି। ଆମେ ସୂଚନା ଦେଇଥିଲୁ- ପଥର କାରିଗର ଯେପରି ପଥରର ମନ୍ଦିର ନିର୍ମାଣ କରିଥିଲେ। ଆଜି ବି କରୁଛନ୍ତି, ସେହିପରି କାଠ କାରିଗର ବି ଓଡ଼ିଶାରେ କାଠର ମନ୍ଦିର ନିର୍ମାଣ କରିଛନ୍ତି। ଏହା ଏକ ବିରଳ ଘଟଣା। ଓଡ଼ିଶାରେ ତାହା 'କାଠର କୋଣାର୍କ' ଭାବରେ ପ୍ରସିଦ୍ଧ।

ଗଞ୍ଜାମ ଜିଲାର ପ୍ରାଚୀନ ଶ୍ରୀକରନଗର, ବର୍ତ୍ତମାନର ବୁଗୁଡ଼ାଠାରେ ଓଡ଼ିଆ ପୁଅ ଗଢ଼ିଥିଲା ନିହାଣ ମୁନରେ କାଠର କୋଣାର୍କ। ୪୮ଟି ପଥର ଖମ୍ବ ଉପରେ କାଠର ରଥ ସଦୃଶ ମନ୍ଦିର। ସାମ୍ନାରେ 'ଭଦ୍ରମଣ୍ଡପ'। ଏକ ଚକ ବିଶିଷ୍ଟ ମନ୍ଦିରର ଅଗ୍ରଭାଗରେ ସାତୋଟି ଘୋଡ଼ା ରଥକୁ ଟାଣୁଥିବାର ଦୃଶ୍ୟ। କୋଣାର୍କରେ ଶ୍ରୀସୂର୍ଯ୍ୟନାରାୟଣ ପୂର୍ବାଭିମୁଖୀ, ବୁଗୁଡ଼ାରେ ଶ୍ରୀବିରଞ୍ଚିନାରାୟଣ ପଶ୍ଚିମାଭିମୁଖୀ। କୋଣାର୍କରେ ସୂର୍ଯ୍ୟଙ୍କର ଉଦୟକାଳୀନ କିରଣ ଯେପରି ପ୍ରଥମେ ସ୍ପର୍ଶ କରେ, ବୁଗୁଡ଼ାରେ ସୂର୍ଯ୍ୟାସ୍ତ ସମୟରେ ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ ଆଭା ଶ୍ରୀବିରଞ୍ଚିନାରାୟଣଙ୍କୁ ସ୍ପର୍ଶ କରେ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉ କି ଦକ୍ଷିଣାୟନ ହେଉ, ତାଙ୍କର ଆଭା ସ୍ପର୍ଶ କରିବାରେ ବ୍ୟତିକ୍ରମ ନାହିଁ। ଆହାଃ... ଓଡ଼ିଆ କାଠଶିଳ୍ପୀଙ୍କର କି ଅନନ୍ୟ କଳାକୃତି!

କାଠର କୋଣାର୍କ ପ୍ରତି ମନେହୁଏ ନଜର ପଡ଼ିନି। ନ ହେଲେ ଲେଖିଥାନ୍ତେ ବାହାର ସାମ୍ରାଜ୍ୟର କାଠଶିଳ୍ପୀ ଆସି ଗଢ଼ିଛନ୍ତି। କାଠର କୋଣାର୍କ ମନ୍ଦିରର ଉତ୍ତର ପାର୍ଶ୍ୱରେ ପଟ୍ଟଚିତ୍ର ମହାରଣା(ଶିଳ୍ପୀ) ପ୍ରାୟ ତିନିଶହ ବର୍ଷ ତଳର ଆଙ୍କି ଦେଇଛନ୍ତି ଶ୍ରୀକ୍ଷେତ୍ରର ମାନଚିତ୍ର। ପଟ୍ଟଚିତ୍ର ଶୈଳୀରେ...।



ଗଞ୍ଜାମ ଜିଲା ବୁଗୁଡ଼ାସ୍ଥିତ ଶ୍ରୀବିରଞ୍ଚି ନାରାୟଣଙ୍କ କାଠର ମନ୍ଦିର କାନ୍ଥରେ ଥିବା ପ୍ରାଚୀନ ଶ୍ରୀକ୍ଷେତ୍ରର ମାନଚିତ୍ର। ପଟ୍ଟଚିତ୍ରର ଏହି ମାନଚିତ୍ର ଉତ୍ତରପାର୍ଶ୍ୱରେ ରହିଅଛି। **(ଫଟୋ: କାଳିଚରଣ ଦାଶ, ବୁଗୁଡ଼ା)**

> ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି- ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ- ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ ତା'ଭଳି ଏକ ଦୁର୍ବଳ ବ୍ୟକ୍ତି। -ଶ୍ରୀମା

# ପାତ୍ର ଥିଲେ ସିନା

ବିହାର ବିଧାନସଭା ନିର୍ବାଚନ ଫଳ ଭାରତୀୟ ରାଜନୈତିକ ଇତିହାସ ପାଇଁ ଏକ ନୂଆ ପାଣ୍ଡୁଲିପି ଲେଖିଛି। ଦୁଇ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀ ରହିଥିବା ନୀତିଶ କୁମାର ଓ କ୍ଷମତା ରାଜନୀତିରେ ସହଯୋଗୀ ଭାଜପା ସରକାରୀ ବିରୋଧୀ ପବନର ସମ୍ମୁଖୀନ ହୋଇପାରନ୍ତି ବୋଲି ଭୋଟ ଗ୍ରହଣ ପୂର୍ବରୁ ଆଲୋଚନା ହେଉଥିଲା। ତେବେ ଏକ୍‌ଜିଟ ପୋଲ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଅଧିକ ସିଟ୍ ମିଳିବ ବୋଲି ଆକଳନ କରିଥିବା ବେଳେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି), କଂଗ୍ରେସ ସହ ମିଶି ସୃଷ୍ଟି ହୋଇଥିବା ମହାଗଠବନ୍ଧନ ଦ୍ୱିତୀୟ ସ୍ଥାନରେ ରହିବ ବୋଲି ଅନୁମାନ ଲଗାଯାଇଥିଲା। ହେଲେ ୧୪ ନଭେମ୍ବରରେ ପ୍ରକାଶିତ ଫଳାଫଳ ଆଶଙ୍କା କିମ୍ବା ସମ୍ଭାବନା ଆଦି ସୀମା ଅତିକ୍ରମ କରି ଏନ୍‌ଡିଏକୁ ବିପୁଳ ବିଜୟ ଦେଇଦେଲା। ଫଳ ଦେଖି ଏନ୍‌ଡିଏ ନେତା ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ୨୪୩ ଆସନ ମଧ୍ୟରୁ ୨୦୨ ଆସନ ଜିତି ଏନ୍‌ଡିଏ ଯେଉଁ ଅପ୍ରତ୍ୟାଶିତ ବିଜୟ ହାସଲ କଲା ସେଥିରେ ଭାଜପା ୮୯ ଆସନ ପାଇ ଆଗରେ ଥିବା ବେଳେ ଜେଡିୟୁ ୮୫ ସିଟ୍ ଜିଣି ତା' ପାଖାପାଖି ରହିଲା। ଉଲ୍ଲେଖଯୋଗ୍ୟ ଯେ, ଉଭୟ ଦଳ ସମାନ ସଂଖ୍ୟକ ୧୦୧ ଆସନରେ ଲଢ଼ିଥିଲେ। ନିର୍ବାଚନ ଆରମ୍ଭ ବେଳୁ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଥିବା ଆର୍‌ଜେଡିର ତେଜସ୍ୱୀ ଯାଦବ ଯେତେବେଳେ ଅତି କଷ୍ଟରେ ନିଜ ଆସନ ବଞ୍ଚାଇପାରିଥିବା ବେଳେ ଦଳ ପାଇଁ ମାତ୍ର ୨୫ ସିଟ୍ ଗୋଟାଇବାରେ ସକ୍ଷମ ହେଲେ। ସହଯୋଗୀ କଂଗ୍ରେସ ଭାଗରେ ପଡ଼ିଲା କେବଳ ୬। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିରୋଧୀମାନେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍), ଇଭିଏମ୍ କାରସାଦି ଓ ସର୍ବୋପରି ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆଗରୁ ବିରୋଧୀ ଆହୁରି କେତେ ଅଭିଯୋଗ ଆଣିପାରନ୍ତି। କିନ୍ତୁ ସାଧାରଣରେ କୁହାଯାଇଥାଏ-ଯିଏ ଜିତିଲେ ସିଏ ସମ୍ରାଟ।

ହିନ୍ଦୀ ଭାଷୀ ଅଞ୍ଚଳ ବିଶେଷକରି ବିହାର ଓ ଉତ୍ତର ପ୍ରଦେଶର ଭୌଗୋଳିକ ସ୍ଥିତି, ଲୋକସଂଖ୍ୟା ଓ ସେମାନଙ୍କ ଚରିତ୍ର, ଜାତି ଓ ଧର୍ମକୁ ନେଇ ରାଜନୀତି ସର୍ବଦା ଭାରତୀୟ ଗଣତନ୍ତ୍ରକୁ ପ୍ରଭାବିତ କରିଥାଏ। ଗତ ଶତାବ୍ଦୀର ଶେଷ ଦଶକକୁ ଯଦି ଦେଖାଯାଏ ହିଂସା, ବୁଥ୍ ଜବରଦଖଲ ଆଦି ବିହାର ନିର୍ବାଚନ ସହ ଯୋଡ଼ି ହୋଇଥିଲା ଏବଂ ଅନେକ ସ୍ଥାନରେ ପୁନଃ ମତଦାନ ହେଉଥିଲା। ୨୦୦୫ରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେବା ପରେ ବିହାର ଅନେକ ପରିବର୍ତ୍ତନ ଦେଖିଲା। ୨୦୨୫ ବିହାର ବିଧାନସଭା ନିର୍ବାଚନ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରିଛି। କୌଣସି ସ୍ଥାନରେ ପୁନଃ ଭୋଟଗ୍ରହଣ ହେଉ ନ ଥିବା ବେଳେ ହିଂସାକାଣ୍ଡ ବିଷୟରେ ଖବର ମିଳି ନାହିଁ। ଦୀର୍ଘ ଶାସନ କରିଥିବା ସତ୍ତ୍ୱେ ନୀତିଶ ବିରୋଧୀ ମତ ନ ବଢ଼ିବା ଏବେ ବେଶି ଆଲୋଚନାର ବିଷୟବସ୍ତୁ ହୋଇଛି। ଏହାର ସମ୍ଭାବ୍ୟ ଉତ୍ତର ରଖାଯାଉଛି ଯେ, ମହାଗଠବନ୍ଧନ ବିହାରବାସୀଙ୍କ ମନକୁ ପଢ଼ିପାରିଲେ ନାହିଁ। ସାମାଜିକ, ଆର୍ଥିକ ଓ ରାଜ୍ୟର ଉନ୍ନତି ପ୍ରସଙ୍ଗ ବିରୋଧୀ ନ ଉଠାଇ ଜେଡିୟୁ, ଭାଜପାକୁ ଟାର୍ଗେଟ କରିବା ସହ ନିର୍ବାଚନ କମିଶନଙ୍କ ଉପରେ ଦୋଷ ଅଜାଡ଼ି ଚାଲିଲେ। ଗଣତନ୍ତ୍ରରେ ଦୋଷ ଲଦିବା ଅପେକ୍ଷା ଲୋକଙ୍କ ପାଇଁ ଦଳ କ'ଣ କରିପାରିବ ତାହା ସେମାନଙ୍କ ନିକଟରେ ପହଞ୍ଚାଇବାର ଥିଲା। କିନ୍ତୁ କମ୍ ଆଲୋଚନା ହେଉଥିବା ବିଷୟଟି ହେଉଛି ବୃଦ୍ଧ ନୀତିଶଙ୍କ ବିକଳ୍ପ ଭାବେ ଯୁବ ତେଜସ୍ୱୀ ନିଜକୁ ପ୍ରତିପାଦିତ କରିବାରେ ଅସଫଳ ହେଉଛନ୍ତି। ଦଳ ଚଳାଇବା ପାଖରୁ ଗଲା ବେଳେ ଗୋଟେ ଭଲ ପାତ୍ର ବା ଯୋଗ୍ୟ ନାକ ନେଇ ଯାଇଥିଲେ ଦାନ ପାଇପାରିଥାଆନ୍ତେ। ଏହି ପାତ୍ର ପ୍ରସ୍ତୁତ କରିବା ଲାଗି ଗୋଟେ ସକାରାତ୍ମକ ପରିବେଶ ସୃଷ୍ଟି କରି ନିଜର ବ୍ୟକ୍ତିତ୍ୱ ବିକଶିତ କରାଇପାରିଥିଲେ ଲୋକେ ସେହି ନେତାଙ୍କ ଗୁରୁତ୍ୱ ବୁଝିପାରିଥାଆନ୍ତେ। ଭାରତୀୟ ରାଜନୀତିରେ ଦେଖିଛି ଗୋଟେ ବିକଳ୍ପ ସୃଷ୍ଟି ନ ହେବା ଯାଏ ନେତାମାନେ ଦୀର୍ଘ ବର୍ଷ ଧରି ଶାସନରେ ରହିଥାଆନ୍ତି। ନଚେତ୍ ନେତା କେଉଁଥିରେ କୌଣସି ପଦକ୍ଷେପ ସାଧାରଣରେ ସ୍ୱୀକାରଯୋଗ୍ୟ ହେବାରେ ଅସଫଳ ହେଲେ ଭୋଟର ମୁହଁ ମୋଡ଼ିବା ସ୍ୱାଭାବିକ। ଏହା ୨୦୨୪ ନିର୍ବାଚନରେ ଓଡ଼ିଶା ଭୋଟର ପ୍ରମାଣ କରିଦେଇଛନ୍ତି। ଓଡ଼ିଶାର ଉଦାହରଣରୁ ବୁଝିବାକୁ ହେବ ଯେ ସବୁବେଳେ ବିକଳ୍ପକୁ ଖୋଜିବା ପାଇଁ ଅପେକ୍ଷା କରି ବସନ୍ତି ନାହିଁ। ବିରକ୍ତ ହେଲେ ଯାହାକୁ ଇଚ୍ଛା ତାହାକୁ ଶାସନ ଗାଦିରେ ବସାଇଦେଇ ପାରୁଛନ୍ତି।

ଆଜିର ସ୍ଥିତିରେ କଂଗ୍ରେସର ରାହୁଲ ଗାନ୍ଧୀ ହୁଅନ୍ତୁ ବା ଆର୍‌ଜେଡିର ତେଜସ୍ୱୀ ଯାଦବ ଆତ୍ମସମୀକ୍ଷା କରିବା ଗୁରୁତ୍ୱ ଧାରଣ କଲାଣି। ଏକ ଜାତୀୟ ଦଳ ଭାବେ କଂଗ୍ରେସ ୬ଟି ଆସନ ପାଉଥିବାରୁ ସେଥିରୁ ରାହୁଲ ବୁଝିଯିବା ଦରକାର ଯେ, ଜନସାଧାରଣଙ୍କ ନିକଟରେ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଲୋପ ପାଇଲାଣି। ତେଣୁ ସେଭଳି ନେତା ନେତୃତ୍ୱ ନେବାକୁ ଓହରିଯିବା ଉଚିତ। ତେଲଙ୍ଗାନା, କର୍ଣ୍ଣାଟକ କିମ୍ବା ହିମାଚଳ ପ୍ରଦେଶରେ କଂଗ୍ରେସ ଶାସନକୁ ଆସିବା ପଛରେ ସ୍ଥାନୀୟ ନେତାଙ୍କ କସରତ ଥିଲା। ତେଲଙ୍ଗାନାରେ ଏ. ରେଭାନ୍ତ ରେଡ୍ଡୀ, କର୍ଣ୍ଣାଟକରେ ଡି.କେ. ଶିବକୁମାର ଏବଂ ହିମାଚଳ ପ୍ରଦେଶରେ ସୁଖବିନ୍ଦର ସିଂ ସୁଖୁ ନିଜ ପ୍ରଚେଷ୍ଟାରେ କଂଗ୍ରେସକୁ ଜିତାଇ ପାରିଥିଲେ। ସେହି ବିଜୟ ସହ ରାହୁଲଙ୍କୁ ଆଦୌ ଯୋଡ଼ାଯିବା କଥା ନୁହେଁ। ବିହାର କଂଗ୍ରେସରେ ସେଭଳି ଆଞ୍ଚଳିକ ନେତାଙ୍କ ଅଭାବ ଆରମ୍ଭରୁ ଦିଶୁଥିଲା। ତେଣୁ ଯେତେବେଳେ ନେତାମାନେ ଜାଣୁଛନ୍ତି ଯେ ସେମାନଙ୍କ ଦ୍ୱାରା କିଛି ହୋଇପାରୁ ନାହିଁ, ନିଜଆଡ଼ୁ ସେମାନେ ମଇଦାନରୁ ଅପସରି ଯିବା କଥା। ଓଡ଼ିଶା କଥା ଦେଖିଲେ ଦିନେ ସର୍ବମାନ୍ୟ ନେତା ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖାଯାଉଥିଲା। ଏବେ ବହୁ ବିଗ୍ରହ ତାଙ୍କ ବ୍ୟକ୍ତିତ୍ୱ ହ୍ରାସ ପାଉଥିବାରୁ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଭାବେ ତାଳିଗଲାଣି ବୋଲି ନୂଆପଡ଼ା ଉପନିର୍ବାଚନରୁ ପ୍ରମାଣ ମିଳିଲା। ଏହା ସୁନିଶ୍ଚିତ ବିଷୟ ଯେ ଓଡ଼ିଶାରେ ଶୂନ୍ୟ ବିରୋଧୀ ସ୍ଥାନ ସୃଷ୍ଟି ହୋଇଛି। ସେହି ସ୍ଥାନକୁ ନବୀନ ପଟ୍ଟନାୟକ ପୂରଣ କରିବାର ଅକ୍ଷମତା ଦେଖାଇସାରିଲେଣି। ତାଙ୍କ ପାଖରେ କୌଣସି ନୂଆ ମନ୍ତ୍ର ଦେଖିବାକୁ ବାକି ନାହିଁ ବୋଲି ନୂଆପଡ଼ା ଦେଖାଇ ଦେଲା। ଅନୁରୂପ ଭାବେ ଓଡ଼ିଶା କଂଗ୍ରେସରେ ମଧ ଡି.କେ. ଶିବକୁମାର କିମ୍ବା ରେଭାନ୍ତ ରେଡ୍ଡୀଙ୍କ ଭଳି ଗ୍ରହଣୀୟ ନେତାଙ୍କ ଉପସ୍ଥିତି ନାହିଁ। ତେଣୁ ବିରୋଧୀ ସ୍ଥାନ ଏବେ ଖାଲି ପଡ଼ିଛି, ଯାହାକୁ କଂଗ୍ରେସ ଏକ ଜାତୀୟ ଦଳ ଭାବେ ପୂରଣ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।

# ଆମେରିକାରେ ନୂତନ ତରଙ୍ଗ



ଜନାର୍ଦ୍ଦନ ପତି

ଯୁକ୍ତରାଷ୍ଟ୍ର ଆମେରିକାର କେବଳ ନୁହେଁ ସମଗ୍ର ବିଶ୍ୱର ପୁଞ୍ଜିର ରାଜଧାନୀ ହେଉଛି ନ୍ୟୁୟର୍କ। ସେଇଠି ରହିଛି ରାଷ୍ଟ୍ରସଂଘର ମୁଖ୍ୟ କାର୍ଯ୍ୟାଳୟ। ୱାର୍ଲଡଷ୍ଟ୍ରିଟର କେନ୍ଦ୍ର। ନ୍ୟୁୟର୍କ ଭିତରେ ବହି ଯାଉଥିବା ହଡସନ ନଦୀ ଭିତରେ ଥିବା ଟାପୁରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ବିଶାଳ ପ୍ରତିମୂର୍ତ୍ତି। ନ୍ୟୁୟର୍କ ସହରର ମ୍ୟୁନିସିପାଲିଟିର ବାର୍ଷିକ ବଜେଟ ୧୦ହଜାର କୋଟି ଡଲାର ବା ଆଠ ଲକ୍ଷ ଅଶୀ ହଜାର କୋଟି ଟଙ୍କା। ନ୍ୟୁୟର୍କର ଜିଡିପିର ପରିମାଣ ହେଉଛି ୨.୪୪ ଟ୍ରିଲିୟନ ଡଲାର। ଭାରତର ମୋଟ ଜିଡିପି ଅଧାରୁ ଅଧିକ ହେଉଛି ନ୍ୟୁୟର୍କ ସହରର ଜିଡିପି। ଯୁକ୍ତରାଷ୍ଟ୍ର ଆମେରିକାର ପଚାଶଟି ପ୍ରଦେଶ ମଧ୍ୟରୁ ଚାଳିଶଟିର ଲୋକସଂଖ୍ୟା ନ୍ୟୁୟର୍କ ସହରରୁ କମ୍। ଲୋକସଂଖ୍ୟା ପ୍ରାୟ ୮୫ଲକ୍ଷ। ନ୍ୟୁୟର୍କ ଚଳଣି ଖର୍ଚ୍ଚ ବହୁତ ବେଶି। ଘରଭଡ଼ା, ଟ୍ୟାକ୍ସିଭଡ଼ା, ଗ୍ରୋସରି ଦାମ୍ ଖୁବ୍ ଅଧିକ। ଗୋଟିଏ ପଟେ ଅତ୍ୟନ୍ତ ପ୍ରାଚୁର୍ଯ୍ୟ ଓ ଅପରପଟେ ସାଧାରଣ ଲୋକଙ୍କ ଜୀବନଯାପନ ଖୁବ୍ କଷ୍ଟସାଧ୍ୟ।

୪ ନଭେମ୍ବର ୨୦୨୫ରେ ନ୍ୟୁୟର୍କ ମ୍ୟୁନିସିପାଲ ମେୟର ପଦବୀ ପାଇଁ ନିର୍ବାଚନ ହୋଇଥିଲା। ନ୍ୟୁୟର୍କ ସହରର ଭୋଟଦାତାମାନେ ଡେମୋକ୍ରାଟିକ ଦଳକୁ ପ୍ରାୟତଃ ସମର୍ଥନ କରିଥାନ୍ତି। ଡେମୋକ୍ରାଟିକ ଦଳର ବର୍ତ୍ତମାନ ନ୍ୟୁୟର୍କ ମେୟର ଅଛନ୍ତି ଆଣ୍ଡ୍ରେୟୁ କ୍ୟୁମୋ। ତାଙ୍କର କାର୍ଯ୍ୟକାଳ ଜାନୁୟାରୀ ୨୦୨୬ରେ ଶେଷ ହେବ। ନଭେମ୍ବର ୪ ତାରିଖ ନିର୍ବାଚନ ପୂର୍ବରୁ ଡେମୋକ୍ରାଟିକ ଦଳର ମେୟର ପ୍ରାର୍ଥୀ କିଏ ହେବ, ସେଥିପାଇଁ ଦଳ ଭିତରେ ନିର୍ବାଚନ ହୋଇଥିଲା ଓ ଜୋହରାନ ମାମଦାନି ନିର୍ବାଚିତ ହୋଇଥିଲେ ପ୍ରାର୍ଥୀ ହେବା ପାଇଁ। ଆଣ୍ଡ୍ରେୟୁ କ୍ୟୁମୋଙ୍କ ପଛରେ ବହୁ ପୁଞ୍ଜିପତି ଠିଆ ହୋଇଥିଲେ। ମାତ୍ର ଆଣ୍ଡ୍ରେୟୁ ପରାସ୍ତ ହେଲେ ଓ ଡେମୋକ୍ରାଟିକ ଦଳ ପକ୍ଷରୁ ପ୍ରାର୍ଥୀ ହୋଇପାରିଲେ ନାହିଁ।

ଜୋହରାନଙ୍କ ପିତା ମହମ୍ମଦ ମାମଦାନି ଜଣେ ମହାରାଷ୍ଟ୍ରର ମୁସଲମାନ। ସେ ୧୯୪୬ରେ ବମ୍ବେରେ ଜନ୍ମଲାଭ କରିଥିଲେ। ଜଣେ ପ୍ରଫେସର। ଉଗାଣ୍ଡାର ଏକ ବିଶ୍ୱବିଦ୍ୟାଳୟର ସେ କୁଳପତି। ଜୋହରାନଙ୍କ ମା' ମୀରା ନାୟାର, ଓଡ଼ିଶା ରାଉରକେଲାରେ ୧୯୫୭ରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ଉଚ୍ଚଶିକ୍ଷିତା ଓ ଫିଲ୍ମ ନିର୍ମାତା। ଜୋହରାନଙ୍କ ମାତାପିତା ଉଗାଣ୍ଡା ଯାଇଥିଲେ ଓ ସେଠାରେ ଜୋହରାନ ଜନ୍ମ ହୋଇଥିଲେ। ତା'ପରବର୍ତ୍ତୀ କାଳରେ ସେମାନେ ଯୁକ୍ତରାଷ୍ଟ୍ର ଆମେରିକାକୁ ଯାଇ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ।

ନ୍ୟୁୟର୍କ ସହରର ମେୟର ନିର୍ବାଚନ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି। କାରଣ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନିଜ ଦଳର ପ୍ରାର୍ଥୀଙ୍କ ପରିବର୍ତ୍ତେ ଡେମୋକ୍ରାଟିକ ଦଳର ସଦସ୍ୟ ଓ ସ୍ୱାଧୀନ ମେୟର ପ୍ରାର୍ଥୀ ଆଣ୍ଡ୍ରେୟୁ କ୍ୟୁମୋଙ୍କୁ ସମର୍ଥନ ଜଣାଇଥିଲେ। ଫଳରେ ଏହି ନିର୍ବାଚନ ବିତର୍କିତ ହୋଇ ଉଠିଲା।

ଜୋହରାନ ମମଦାନି ଡେମୋକ୍ରାଟିକ ଦଳର ସଦସ୍ୟ ଓ ଡେମୋକ୍ରାଟିକ ସୋସାଲିଷ୍ଟ ଅଫ୍ ଆମେରିକା ଗ୍ରୁପର ମଧ୍ୟ ସଦସ୍ୟ। ଏହି ଡେମୋକ୍ରାଟିକ ସୋସାଲିଷ୍ଟ ଏକ ରାଜନୈତିକ ଦଳ ନୁହେଁ। ଏହା ଏକ ଆନ୍ଦୋଳନ। ମାମଦାନି ନିର୍ବାଚନ ପୂର୍ବରୁ ଘୋଷଣା କଲେ ଯେ, ସେ ଜଣେ ଡେମୋକ୍ରାଟିକ ସୋସାଲିଷ୍ଟ। ସେ ମଧ ନ୍ୟୁୟର୍କବାସୀଙ୍କ ପାଇଁ କେତୋଟି କାର୍ଯ୍ୟକ୍ରମ ଘୋଷଣା କଲେ। ୧-ନ୍ୟୁୟର୍କରେ ଘରଭଡ଼ା କମାଇବେ ଓ ଦୁଇଲକ୍ଷ ବାସଗୃହ ନିର୍ମାଣ କରି ଶସ୍ତାରେ ଘର ଯୋଗାଇବେ।୨- ମ୍ୟୁନିସିପାଲିଟି ତରଫରୁ ଗ୍ରୋସରି ଦୋକାନ ଖୋଲାଯିବ ଓ ଶସ୍ତାରେ ସମସ୍ତଙ୍କୁ ଆବଶ୍ୟକ ଜିନିଷ ମିଳିବ। ୩- ବସ୍‌ରେ ଯାତାୟାତ ବିନାମୂଲ୍ୟରେ ଯୋଗାଇ ଦିଆଯିବ। ୪- ମହିଳା ଶ୍ରମିକଙ୍କ ଶିଶୁମାନଙ୍କ ସମେତ ସମସ୍ତ ଶିଶୁଙ୍କର ଯତ୍ନ ନିଆଯିବ। ଜୋହରାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କେବଳ ନ୍ୟୁୟର୍କକୁ ନୁହେଁ, ସମଗ୍ର ଆମେରିକାକୁ ଦୋହଲାଇ ଦେଲା।



ଏହି ପଟଭୂମିରେ ଟ୍ରମ୍ପଙ୍କ ବୟାନବାଜି ଆରମ୍ଭ ହେଲା। ସେ ଘୋଷଣା କଲେ, ମାମଦାନି ଜଣେ କମ୍ୟୁନିଷ୍ଟ ପାଗଳ। ନ୍ୟୁୟର୍କବାସୀ କମ୍ୟୁନିଷ୍ଟକୁ ସ୍ୱୀକାର କରିବେ ନାହିଁ। ସେ ନ୍ୟୁୟର୍କବାସୀଙ୍କୁ ଆହ୍ୱାନ ଦେଲେ, ଆପଣଙ୍କ ପାଖରେ ବିକଳ୍ପ ନାହିଁ। ତେଣୁ ସ୍ୱାଧୀନ ପ୍ରାର୍ଥୀ ଆଣ୍ଡ୍ରେୟୁ କ୍ୟୁମୋକୁ ସମର୍ଥନ କରନ୍ତୁ। ଆଉ ଯଦି ମାମଦାନି ନିର୍ବାଚିତ ହୁଅନ୍ତି, ତେବେ ସେ ନ୍ୟୁୟର୍କ ମ୍ୟୁନିସିପାଲିଟିକୁ ଅର୍ଥ ଦେବା ବନ୍ଦ କରିଦେବେ। ଜୋହରାନ ଏକ ଚକ୍ରବ୍ୟୂହକୁ ସାମ୍ନା କରିଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଆମେରିକାର ବିଲିୟନ କୋଟି ଡଲାରର ମାଲିକ ମାଇକେଲ ବ୍ଲୁମ୍‌ବର୍ଗ, ଜିଓନିଷ୍ଟ କୋଟିପତି ବିଲ୍ ଆକ୍‌ମ୍ୟାନ, ଖବରକାଗଜ ନ୍ୟୁୟର୍କ ଟାଇମ୍‌ସ- ଏମାନେ ସମସ୍ତେ ନିଜର ସମସ୍ତ ଶକ୍ତି ଦେଇ ଜୋହରାନଙ୍କୁ ପରାସ୍ତ କରିବାକୁ ଲାଗି ପଡ଼ିଥିଲେ। ହେଲେ ତାଙ୍କୁ ଅଭିମନ୍ୟୁ ସ୍ଥାନରେ ରଖିପାରିଲେ ନାହିଁ ଆମେରିକାର ପୁଞ୍ଜିପତିମାନେ। ବାରମ୍ବାର ପ୍ରଚାର କରାଗଲା ଯେ ମାମଦାନି ଜଣେ ପକ୍କା କମ୍ୟୁନିଷ୍ଟ।

ଏହି ଅବସରରେ କମ୍ୟୁନିଷ୍ଟ ଇସ୍ତାହାରରେ ଲିପିବଦ୍ଧ ହୋଇଥିବା କେଇପଦ କଥା ଏଠାରେ ବର୍ଣ୍ଣନା କରିବା ଆବଶ୍ୟକ। ଇସ୍ତାହାରରେ ଲେଖାଯାଇଛି (୧୮୪୮)- ଆଜି ଏପରି କୌଣସି ବିରୋଧୀ ଦଳ ଅଛି ଯେ କି କ୍ଷମତାସୀନ ତାହାର ବିପକ୍ଷ ଦଳମାନଙ୍କ ଦ୍ୱାରା କମ୍ୟୁନିଷ୍ଟ ବୋଲି ନିନ୍ଦିତ ହୋଇନାହିଁ ? ଏପରି କୌଣସି ବିରୋଧୀ ଦଳ ଅଛି ଯେ କି ଅପେକ୍ଷାକୃତ ଅଧିକ ପ୍ରଗତିଶୀଳ ବିରୋଧୀ ଦଳକୁ ଏବଂ ନିଜର ପ୍ରତିକ୍ରିୟାଶୀଳ ଶତ୍ରୁମାନଙ୍କୁ ମଧ୍ୟ ଓଲଟି କମ୍ୟୁନିଷ୍ଟ ଆଖ୍ୟା ଦେଇ ନିନ୍ଦା କରିବାକୁ ଛାଡ଼ିନାହିଁ? ନ୍ୟୁୟର୍କ ମ୍ୟୁନିସିପାଲ ମେୟର ନିର୍ବାଚନରେ ଯାହାସବୁ ଘଟିଗଲା, ତାହା କ'ଣ ଇସ୍ତାହାରକୁ ଠିକ୍ ବୋଲି ପ୍ରତିପାଦନ କରିନାହିଁ?

ବାସ୍ତବରେ ମାମଦାନି ଜଣେ କମ୍ୟୁନିଷ୍ଟ ନ ଥିଲେ କି ସେ ମାର୍କ୍ସବାଦୀ ନୁହନ୍ତି। ସେ କହିଛନ୍ତି, ଦେଶବାସୀଙ୍କୁ ମୌଳିକ ସୁବିଧା ଦେବା ରାଷ୍ଟ୍ରର କର୍ତ୍ତବ୍ୟ। ଖାଦ୍ୟ, ବାସଗୃହ, ଚିକିତ୍ସା, ଶିକ୍ଷା ଆଦିକୁ ବ୍ୟବସାୟ କରି ପୁଞ୍ଜିପତିମାନେ ଅଜସ୍ର ଅର୍ଥ ଆୟ କରୁଛନ୍ତି। ମଣିଷର ବଞ୍ଚିବା ପାଇଁ ଯେଉଁ ମୌଳିକ ଜିନିଷ ଦରକାର, ସେ ସବୁକୁ ଶସ୍ତାରେ ଯୋଗାଇବାକୁ ରାଷ୍ଟ୍ରକୁ ଦାୟିତ୍ୱ ନେବାକୁ ହେବ।

ନଭେମ୍ବର ୪ ନିର୍ବାଚନରେ ମାମଦାନି ବିଜୟୀ ହୋଇ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। 'ସମାଜବାଦ' ଏକ ଅଛୁଆଁ ରାଜନୀତି ହୋଇ ରହିନାହିଁ ନ୍ୟୁୟର୍କର ନାଗରିକଙ୍କ ପାଇଁ। ମମଦାନି ସ୍ପଷ୍ଟ ଭାବରେ ପାଲେଷ୍ଟାଇନ ରାଷ୍ଟ୍ର ପାଇଁ ଦାବି କରିଛନ୍ତି ଓ 'ଗାଜା' ନରସଂହାର ମୁଖ୍ୟ ଅପରାଧୀ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଗିରଫ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

ମାମଦାନିଙ୍କ ନାଗରିକତ୍ୱକୁ ଲୋପ କରିଦେବା ପାଇଁ ରିପବ୍ଲିକାନ ପାର୍ଟି ପକ୍ଷରୁ ଜୋରସୋରରେ ଉଦ୍ୟମ ଆରମ୍ଭ ହୋଇଛି। ମାମଦାନି ୧୯୯୮ରେ ଉଗାଣ୍ଡାରୁ ଆମେରିକାକୁ ଆସିଥିଲେ। ସେତେବେଳେ ତାଙ୍କର ବୟସ ହୋଇଥିଲା ସାତବର୍ଷ। ୨୦୧୮ରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ନାଗରିକତ୍ୱ ହାସଲ କରିଥିଲେ। ନ୍ୟୁୟର୍କ ମେୟର ଭାବେ ଶପଥ ନେବା ପୂର୍ବରୁ ତାଙ୍କୁ ଆମେରିକାରୁ ତଡିଦେବା ପାଇଁ ଉଦ୍ୟମ ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ମାତ୍ର ସେ ନିର୍ବାଚିତ ହେବା ପରେ ଏହି ଉଦ୍ୟମ ବି ଜୋରଦାର ଭାବେ ଚାଲିଛି।

ମାମଦାନିଙ୍କୁ ଇହୁଦୀ ବିରୋଧୀ ବୋଲି ଟ୍ରମ୍ପ ଦାବି କରିଥିଲେ। ମାତ୍ର ନ୍ୟୁୟର୍କର ଇହୁଦୀମାନଙ୍କର ଏକ ବଡ଼ ଅଂଶ ମମଦାନିଙ୍କ ସମର୍ଥନରେ ଥିଲେ। ମାମଦାନି ନିର୍ବାଚିତ ହେବା ପରେ ବିଜୟ ଉତ୍ସବରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୯୪୭ ଅଗଷ୍ଟ ୧୫ ମଧ୍ୟରାତ୍ର, ସ୍ୱାଧୀନତା ଦିବସର ବକ୍ତବ୍ୟକୁ ତୋଳି ଧରିଥିଲେ।

"A moment comes out but rarely in History, when we step out from the old to the new. When an age ends and the soul of a Nation find utterance. To night we step out from the old to the new."

ମାମଦାନି ଭାରତକୁ ଖୁବ୍ ସମ୍ମାନ କରନ୍ତି। ମାମଦାନିଙ୍କ ଡେମୋକ୍ରାଟିକ ସୋସାଲିଜମ୍ ସମଗ୍ର ଆମେରିକାରେ ଏକ ନୂଆ ତରଙ୍ଗ ସୃଷ୍ଟି କରିପାରିଛି।

ମୋ:୯୪୩୭୦୦୭୭୭୦

# ସାକ୍ଷରତାର ବ୍ୟାପକତା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଆଜିକାଲିର ଯୁବପିଢ଼ି ପାଖରେ କେବଳ ଦସ୍ତଖତ ଦେବା, ଅକ୍ଷର ଶିଖିବା ବା ପଢ଼ିପାରିବା ସାକ୍ଷରତା ନୁହେଁ, ଏହା ସହ ହିସାବ କରିବା, ଅନ୍ୟାନ୍ୟ ବିଷୟରେ ଜ୍ଞାନ ଆହରଣ କରିବା, ଶିକ୍ଷାର ଉପଯୋଗ କରି ଉନ୍ନତ ଜୀବନଶୈଳୀଟିଏ ବଞ୍ଚିବା ହେଉଛି ଶିକ୍ଷା ଗ୍ରହଣର ପ୍ରକୃତ ଉଦ୍ଦେଶ୍ୟ। ଜୀବନରେ ଆସୁଥିବା ଅନେକ ସମସ୍ୟା ପ୍ରତି ସଚେତନ ରହିବା ସହ ଏହାର ସମାଧାନର ବାଟ ଖୋଜିପାରିଲେ ହିଁ ଶିକ୍ଷା ଗ୍ରହଣର ମୂଲ୍ୟ ଅଛି। ସାକ୍ଷରତା ଓ ସଚେତନତା ସବୁବେଳେ ପରସ୍ପର ଅନୁପୂରକ। ଏଣୁ ସାକ୍ଷରତା ଅଭିଯାନରେ ସାମିଲ ହେଉଥିବା ଶିଶୁ, ମହିଳା ଓ ବୃଦ୍ଧାବୃଦ୍ଧମାନେ ଏହା ହୃଦ୍‌ବୋଧ କରିବା ଉଚିତ ଯେ, ସେମାନେ ନାମକୁମାତ୍ର ସାକ୍ଷର ହେଉଛନ୍ତି ନା ପ୍ରକୃତରେ ସାକ୍ଷରତାର ସବୁ ଦିଗକୁ ଛୁଇଁପାରୁଛନ୍ତି!

ସାକ୍ଷରତା ହେଉଛି ଏକ ମାନବ ଅଧିକାର। ଜଣେ ଶିକ୍ଷିତ ହେଲେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର କ୍ଷମତା ରଖେ। ଏହା କିଛି ଶବ୍ଦକୁ କହିବାର ବା ଲେଖିବାର ଦକ୍ଷତା ନୁହେଁ; ବରଂ ନିଜ ତଥା ସମାଜର ବିକାଶ ନିମନ୍ତେ ଜ୍ଞାନ ଆହରଣ କରିବାର ଏକ ପ୍ରକ୍ରିୟା କହିଲେ ଭୁଲ ହେବ ନାହିଁ। ଜଣେ ଶିକ୍ଷିତ ହେବା ଅର୍ଥ, ନିଜ ଭିତରେ ଲୁଚି ରହିଥିବା ସାମର୍ଥ୍ୟ, ଦକ୍ଷତାକୁ ପରିପ୍ରକାଶ କରିବା। ଶିକ୍ଷିତ ବ୍ୟକ୍ତିଟିଏ ସବୁବେଳେ ସଶକ୍ତ କାରଣ ଶିକ୍ଷା ହିଁ ସେଇ ଅସ୍ତ୍ର, ଯାହାଦ୍ୱାରା ସେ ନିଜର ଆତ୍ମସମ୍ମାନ ଓ ପରିଚୟକୁ ବଜାୟ ରଖିପାରେ। ଏହା କେବଳ ବ୍ୟକ୍ତିର କହିବା, ଲେଖିବାକୁ ମାର୍ଜିତ କରେ ନାହିଁ, ସମକାଳରେ ଚିନ୍ତନ, ବିଶ୍ଳେଷଣ, ନିଷ୍ପତ୍ତି ନେବା ଆଦି ଦିଗରେ ଉନ୍ନତ ପ୍ରଦର୍ଶନରେ ସହାୟକ ହୁଏ। ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ସାକ୍ଷର ହେବା ଅତ୍ୟନ୍ତ ପ୍ରୟୋଜନୀୟ। କାରଣ ପ୍ରତିପରିବାରର ମଙ୍ଗ ସବୁବେଳେ ମହିଳାଟିଏ ହାତରେ ଥାଏ। ସେଥିପାଇଁ ତ କଥାରେ ଅଛି, ''ପୁରୁଷଟିଏ ଶିକ୍ଷିତ ହେଲେ ଜଣେ ଶିକ୍ଷିତ ହେଲା ବୋଲି କୁହାଯାଏ, କିନ୍ତୁ ମହିଳାଟିଏ ଶିକ୍ଷିତ ହେଲେ ପୂରା ପିଢ଼ି ଶିକ୍ଷିତ ହୋଇଥାଏ। ''ଲିଙ୍ଗ, ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଶିକ୍ଷିତ ହେବାର ଅଧିକାର ଆମ ସମ୍ବିଧାନରେ ରହିଛି। ସତ କହିବାକୁ ଗଲେ ଖୁସି ଓ ସଫଳ ଜୀବନ ବଞ୍ଚିବାର ପ୍ରଥମ ପାହାଚ ହେଉଛି ଶିକ୍ଷିତ ହେବା। କାରଣ ଶିକ୍ଷା ବିନା ଜଣେ ତା'ର ଦୈନନ୍ଦିନ ସମସ୍ୟାଗୁଡ଼ିକୁ ଠିକ୍ ଭାବରେ ବୁଝିପାରିବ ନାହିଁ କି ତା'ର ସମାଧାନ କରିପାରିବ ନାହିଁ। ଜୀବନରେ ଆସୁଥିବା ଅସଂଖ୍ୟ ସମସ୍ୟାର ଗୋଟିଏ ସମାଧାନ ହେଉଛି ଶିକ୍ଷା।

ନିରକ୍ଷରତା ଭୋଗୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା, ସେମାନଙ୍କୁ ଶିକ୍ଷିତ କରିବାର ଦାୟିତ୍ୱ କେବଳ ସରକାରଙ୍କର ତା' ନୁହେଁ; ଶିକ୍ଷିତ ବ୍ୟକ୍ତିମାନେ ମଧ ଏହାର କର୍ଣ୍ଣଧାର ସାଜିପାରିବେ। ତେବେ ଏହାର ଶୁଭାରମ୍ଭ କରିବା ପାଇଁ ବେଶି ଦୂରକୁ ଯିବାକୁ ହେବ ନାହିଁ। ଆମ ଘରେ କିମ୍ବା ଆଖପାଖରେ କାମ କରୁଥିବା ମହିଳା, ଶିଶୁ ବା ବୟସ୍କ ଲୋକ, ଯେଉଁମାନଙ୍କ ପାଖରେ କୌଣସି ଅନୁଷ୍ଠାନକୁ ଯାଇ ଶିକ୍ଷା ଗ୍ରହଣ କରିବାର ସୁଯୋଗ ନାହିଁ ଅଥବା ଅଭାବ, ଅସୁବିଧାର ସମ୍ମୁଖୀନ ହୋଇ ସେମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଶିକ୍ଷିତ କରେଇବାର ଭାର ଆମ ଭଳି ଶିକ୍ଷିତ ଗୋଷ୍ଠୀ ନେବାର ଆବଶ୍ୟକତା ରହିଛି। ବୟସ ଏହା ପାଇଁ ପ୍ରତିବନ୍ଧକ ହୋଇ ନ ପାରେ, ଜଣେ ଇଚ୍ଛା କଲେ ଯେକୌଣସି ବୟସରେ ଶିକ୍ଷାଗ୍ରହଣ କରିପାରିବ।



ସମାଜ ତଥା ଜାତି ସମେତ ରାଜ୍ୟ ଓ ଦେଶର ପ୍ରଗତି ପାଇଁ ମହିଳାଙ୍କୁ ଶିକ୍ଷିତ କରିବା ଜରୁରୀ। ଏହାପରେ ମହିଳା ନିଜ ଅଧିକାର ବିଷୟରେ ସଚେତନ ହେବ, ନିଜର ଦକ୍ଷତା ଓ ଆବଶ୍ୟକତା ପାଇଁ ସ୍ୱର ଉତ୍ତୋଳନ କରିବ। ନିଜ ପ୍ରତି ହେଉଥିବା ଅତ୍ୟାଚାରକୁ ପ୍ରତିରୋଧ କରିବ, ଘରୋଇ ହିଂସା, ଶୋଷଣ ଓ ଅପରାଧ ଦାଉରୁ ସୁରକ୍ଷିତ ରଖିପାରିବ। ନିଜ ପରିବାର ଓ ପିଲାଙ୍କ ଭବିଷ୍ୟତ ମହିଳା ହାତରେ, ଯାହା ସେ ଶିକ୍ଷିତ ହେଲା ପରେ ଆହୁରି ଉନ୍ନତ ଭାବରେ ଗଢ଼ିପାରିବ। ନିଜେ ରୋଜଗାର କରି ଆତ୍ମନିର୍ଭରଶୀଳ ହେବା ସମ୍ଭବ କେବଳ ଶିକ୍ଷା ଯୋଗୁ। ସେ କୃଷି ହେଉ କି ଶିଳ୍ପ, ବ୍ୟବସାୟ, ଚାକିରି ; ପ୍ରତିଟି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବାର ଦକ୍ଷତା ଶିକ୍ଷିତ ହେବା ପରେ ଆସେ। ପିଲାମାନେ ଅବାଟରେ ଯାଉଥିଲେ କିମ୍ବା କୌଣସି ଅସୁବିଧା ଭୋଗୁଥିଲେ ମହିଳାଟିଏ ହିଁ ତାକୁ ଠିକ୍ ରାସ୍ତା ଦେଖାଇଥାଏ।

ଶିକ୍ଷା ପାଇଁ ସୁଯୋଗ ଓ ସହଯୋଗର ଆବଶ୍ୟକତା ଅଛି। ଧରାଯାଉ ଜଣେ ଶିକ୍ଷିତ ହେବା ପାଇଁ ଇଚ୍ଛା କଲା ଏବଂ ତା' ପାଖରେ ସରକାରୀ ସୁବିଧା ଉପଲବ୍ଧ; ମାତ୍ର ଶିକ୍ଷାଗ୍ରହଣ ପାଇଁ ନିର୍ଦ୍ଧାରିତ ସ୍ଥାନ ଓ ସମୟ ଭିତରେ ସେ ପହଞ୍ଚି ପାରିଲା ନାହିଁ; ଏଥିରେ ବ୍ୟାଘାତ ସୃଷ୍ଟି କଲେ ତା'ର ପରିବାର କିମ୍ବା ତା'ର ସ୍ୱାମୀ କିମ୍ବା ତା'ର ଘରକାମ ବା ରୋଜଗାର ପନ୍ଥା ବା ଆଉ କିଛି। ସେହି ସମୟରେ ଶିକ୍ଷାଗ୍ରହଣ ପାଇଁ ଆଗ୍ରହୀ ବ୍ୟକ୍ତିକୁ ଉପଯୁକ୍ତ ପରିବେଶ ଓ ସ୍ୱାଧୀନତା ଲୋଡ଼ା ହୁଏ, ଯାହା ନ ମିଳିଲେ ସୁବିଧା, ସୁଯୋଗ ଥାଇ ସୁଦ୍ଧା ତାହା କାମରେ ଲାଗି ପାରେ ନାହିଁ। ପରସ୍ପର ବୁଝାମଣା ଏବଂ ସକାରାତ୍ମକ ମାନସିକତା ଥିଲେ ହିଁ ସଫଳତା ମିଳିପାରିବ, ଏଥିରେ ଦ୍ୱିମତ ନାହିଁ।

ନିକଟରେ ଆରମ୍ଭ ହୋଇଥିବା ସାକ୍ଷରତା ଅଭିଯାନଗୁଡ଼ିକରେ ପଢ଼ିବା, ଲେଖିବା ବ୍ୟତୀତ ହିସାବ କରିବା, ମୋବାଇଲ, ଲାପ୍‌ଟପ୍, କମ୍ପ୍ୟୁଟର ଭଳି ଯାନ୍ତ୍ରିକ ଉପକରଣ ବିଷୟରେ ଜ୍ଞାନ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ରୋଗ ଓ ଏହାର ନିରାକରଣ ପ୍ରତି ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ସହ ଲଢ଼ିବା ଏବଂ ଥଇଥାନ ବିଷୟରେ ଧାରଣା, ଜରୁରିକାଳୀନ ପରିସ୍ଥିତିରେ କ'ଣସବୁ କରଣୀୟ ସେ ବିଷୟରେ ଶିକ୍ଷା ଦିଆଯାଉଛି। ବାସ୍ତବରେ ଏହାହିଁ ବର୍ତ୍ତମାନ ସମୟର ଆବଶ୍ୟକତା। ପ୍ରକୃତ ସାକ୍ଷରତା ସେତେବେଳେ ସମ୍ଭବ ହେବ, ଯେବେ ବ୍ୟକ୍ତିର ଜୀବନଶୈଳୀରେ ପରିବର୍ତ୍ତନ ଆସିବ। ଯେଉଁଦିନ ଶିକ୍ଷାରୁ ବଞ୍ଚିତ ଗୋଷ୍ଠୀ କାହାର ଠକାମିର ଶିକାର ହେବେ ନାହିଁ, ନିଜେ ଉତ୍ପାଦନ କରୁଥିବା ବସ୍ତୁଗୁଡ଼ିକର ସଠିକ ମୂଲ୍ୟାୟନ କରି ରୋଜଗାର କରିବେ, ନିଜ ପିଲାଙ୍କ ଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ସୁବିଧା ପାଇବେ, ନିଜ ଅଧିକାର ବିଷୟରେ ସଚେତନ ହେବେ, ସେହିଦିନ ସାକ୍ଷରତାର ନୂତନ ସୂର୍ଯ୍ୟୋଦୟ ହେଲା ବୋଲି ଧରିନିଆଯିବ।

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ସମାଜରେ ଲୋକଙ୍କୁ ରୋଜଗାରକ୍ଷମ କରିବାରେ ପଞ୍ଜାବର ଜଣେ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ଉଦାହରଣ ସୃଷ୍ଟି କରିଛନ୍ତି। ପଞ୍ଜାବ ବନ ବିଭାଗରେ କାର୍ଯ୍ୟରତ ଏହି ଅଧିକାରୀ ଜଣକ ହେଉଛନ୍ତି ଧରମବୀର ଧୈରୁ। ସେ ଧର୍ ବ୍ଲକ୍‌ରେ ରେଶମକୀଟ ପାଳନର ପୁନରୁଦ୍ଧାର ପାଇଁ କାର୍ଯ୍ୟକ୍ରମ ଚଳାଇ ସଫଳ ହୋଇପାରିଛନ୍ତି। ଉଲ୍ଲେଖନୀୟ ଯେ, ଏହି ବ୍ଲକ୍‌ରେ ପୂର୍ବରୁ ରେଶମକୀଟ ପାଳନ କରାଯାଉଥିଲା ଏବଂ ସମୟକ୍ରମେ କୃଷକମାନେ ସେଥିରୁ ଦୂରେଇ ଯାଇଥିଲେ। ତେବେ ୨୦୨୨ରେ ପଠାନକୋର୍ଟ ଫରେଷ୍ଟ ଡିଭିଜନରେ ଡିଏଫ୍‌ଓ ଭାବେ ଧରମବୀର ଯୋଗଦେବା ପରେ ତାଙ୍କ ଉଦ୍ୟମରେ ଧର୍ ବ୍ଲକ୍‌ର କୃଷକମାନେ ରେଶମକୀଟ ପାଳନ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ବ୍ଲକର ବିଭିନ୍ନ ଗାଁରେ ମୁଲବେରି ଗଛ ରୋପଣ କରାଯାଇ ରେଶମକୀଟ ପାଳନକୁ ବ୍ୟାପକ କରାଯାଇଛି। ବିଶେଷକରି ମହିଳାଙ୍କୁ ଏହି ଚାଷରେ ଜଡ଼ିତ କରାଯାଇଛି। କୀଟପାଳନ ସହିତ ରେଶମ କୋଷା ସଂଗ୍ରହ ଉପାୟ ସମ୍ପର୍କରେ କୃଷକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୭ ନଭେମ୍ବର ୧୯୭୬

- ରାଜ୍ୟସଭାର ଇତିହାସରେ ପ୍ରଥମ ଥର ପାଇଁ ସୁବ୍ରମଣ୍ୟନ୍ ସ୍ୱାମୀଙ୍କୁ ରାଜ୍ୟସଭା ସଭ୍ୟପଦରୁ ବହିଷ୍କାର କରିଦିଆଯାଇଛି।
- ଜାତିସଂଘର ନିରାପତ୍ତା ପରିଷଦରେ ଭିଏତନାମ ଜାତିସଂଘର ସଭ୍ୟ ହେବା ସପକ୍ଷରେ ପ୍ରାୟ ସମସ୍ତ ସଭ୍ୟଙ୍କର ବିପୁଳ ସମର୍ଥନ ମିଳିଥିବା ସତ୍ତ୍ୱେ ଆମେରିକା ଏହା ବିରୁଦ୍ଧରେ ପୁଣି ଭିଟୋ ପ୍ରୟୋଗ କରିଛି।

## ଚିରନ୍ତନୀ

ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ
ହରଷ ଉପୁଜାଏ ପବନ ମନ୍ଦେ
ଉଠ ଗୋ ଉଠ ପ୍ରିୟ ! ପୁଲକେ ମାଜି ହିଆ
ବଦନ ପଖାଳ ଗୋ ପରାଗ ଗନ୍ଧେ
ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ ।
-(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 9 | | | | |
| 9 | | | 1 | 5 | | | | |
| | | | | | 4 | | | |
| | 4 | 3 | 6 | | | | | 2 |
| | | 8 | | 7 | | 5 | | |
| | | 9 | 8 | | | | | 6 |
| 2 | | | | | | 1 | | |
| | 5 | | | | | 8 | | |
| 7 | | | | | 6 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 3 | 6 | 1 | 5 | 9 | 8 | 2 |
| 8 | 9 | 6 | 2 | 7 | 4 | 5 | 3 | 1 |
| 5 | 1 | 2 | 3 | 8 | 9 | 4 | 7 | 6 |
| 6 | 7 | 5 | 4 | 3 | 2 | 1 | 9 | 8 |
| 3 | 8 | 9 | 7 | 5 | 1 | 2 | 6 | 4 |
| 1 | 2 | 4 | 9 | 6 | 8 | 7 | 5 | 3 |
| 4 | 5 | 7 | 8 | 2 | 6 | 3 | 1 | 9 |
| 9 | 6 | 1 | 5 | 4 | 3 | 8 | 2 | 7 |
| 2 | 3 | 8 | 1 | 9 | 7 | 6 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମଦମୁକ୍ତ ହେଉ ଓଡ଼ିଶା

ମହାଶୟ,

ବର୍ତ୍ତମାନର ସରକାର ବିରୋଧୀ ଦଳରେ ଥିଲାବେଳେ କହିଥିଲେ କ୍ଷମତାକୁ ଆସିଲେ ଓଡ଼ିଶାକୁ ମଦମୁକ୍ତ କରିଦେବେ। ରାଜ୍ୟବାସୀ ଖୁସି ହୋଇ ବିପୁଳ ଭୋଟରେ ଜୟଯୁକ୍ତ କରାଇଥିଲେ। ମଦର ଅପକାରିତା ବିଷୟରେ ସମସ୍ତେ ଜଣାଅଧିକେ ଅବଗତ ଥିବେ। ମଦୁଆମାନେ ସ୍ୱାର୍ଜିତ ଅର୍ଥକୁ ମଦ ପାଣିରେ ଭସାଇ ଦେଉଛନ୍ତି। ପିଲାଛୁଆଙ୍କୁ ପେଟପୂରା ଖାଇବାକୁ ଦେଇ ପାରୁନାହାନ୍ତି। ମଦ ନିଶାରେ ମଦୁଆମାନେ ସ୍ତ୍ରୀ, ପିଲାଙ୍କୁ ବାଡ଼ିଆପିଟା କରୁଛନ୍ତି। ମଦନିଶାରେ କାମ ନ କରି ବିଛଣାରେ ଶୋଇ ରହୁଛନ୍ତି। ମଦ ପିଇ କେଉଁଠି ରାସ୍ତା ଉପରେ ତ କେଉଁଠି ନାଳନର୍ଦ୍ଦମାରେ ପଡୁଛନ୍ତି। ସେମାନେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଉଛନ୍ତି , ଅନ୍ୟକୁ ମାରୁଛନ୍ତି ଏବଂ ନିଜେ ମଧ୍ୟ ମରୁଛନ୍ତି। ମଦ ପିଇ ପିଇ ଲୋକେ ରୁଗ୍‌ଣ ହେବା ସହ ଆର୍ଥିକ ଦୁରବସ୍ଥା ମଧ୍ୟରେ ଜୀବନଯାପନ କରୁଛନ୍ତି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ସବୁବେଳେ ଲାଗିରହୁଛି। ଏପରିକି ଛାଡ଼ପତ୍ର ଦିଆନିଆ ହେଉଛି କିମ୍ବା କେହି କାହାରିକୁ ହତ୍ୟା ମଧ କରୁଛି। ତେଣୁ ସରକାର ରାଜସ୍ୱ ଉପରେ ଗୁରୁତ୍ୱ ଦେଇ ମଣିଷ ଜୀବନକୁ ହାହତାଶ ମଧ୍ୟକୁ ଠେଲି ନ ଦିଅନ୍ତୁ। ନିଜ କଥାକୁ ନିଜେ ରକ୍ଷା କରନ୍ତୁ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରେସ୍ ଫୋରମ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

**ଯାଜପୁରରୋଡ୍,୧୬।୧୧ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ପ୍ରେସ ଫୋରମ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ରବିବାର ପାଳିତ ହୋଇଯାଇଛି। ଫୋରମର ସଭାପତି ଅଭୟ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ଅତିଥି ଭାବେ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ବିବେକାନନ୍ଦ ମହାନ୍ତି, ପ୍ରେସ ଫୋରମର ମୁଖ୍ୟ ପରାମର୍ଶଦାତା ଉଦୟନାଥ ଖଣ୍ଡେଇ ଓ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଗୁଡୁ ପ୍ରମୁଖ ଯୋଗଦେଇ 'ଦେଶ ଓ ରାଜ୍ୟ ବିକାଶରେ ସାମ୍ବାଦିକଙ୍କ ଭୂମିକା'ସମ୍ପର୍କରେ ଆଲୋଚନା କରିଥିଲେ। ଫୋରମର ସମ୍ପାଦକ ମଳୟ ମଲ୍ଲିକ 'ଖବରଦାତାଙ୍କ ସୁରକ୍ଷା ଓ ଖବର ପରିବେଷଣରେ ଲକ୍ଷ୍ମଣ ରେଖା' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଦୟାନିଧି ନାୟକ, ଜ୍ଞାନରଞ୍ଜନ ଓଝା, ବାଇଧର ମାଝୀ, ଅଜୟ ସାହୁ, ଆଶୁତୋଷ ମିଶ୍ର, ଜିତେନ୍ଦ୍ର ରାଉତ, ଅଶିତାନନ୍ଦ ବିଶ୍ୱାଳ, ଚିତ୍ତରଞ୍ଜନ ବୋଇତେଇ, ଦୀପକ ଦାସ, ମାନସ ଆଇଚ, କୁଞ୍ଜବିହାରୀ ମହାନ୍ତି, ସୁଶାନ୍ତ ଭୂୟାଁ, ଆଶୁତୋଷ ମହାନ୍ତି, ପ୍ରମୋଦ ପାତ୍ର, ପ୍ରହଲ୍ଲାଦ ଦେଓ, ସଞ୍ଜୟ ସରକାର, ଆଶିଷ ରାଉତ, ପ୍ରକାଶ କୁମାର ସାହୁ, ପ୍ରଶାନ୍ତ ଗେଡ଼ି, ସୌରଭ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ଞାନରଞ୍ଜନ ଓଝା ଧନ୍ୟବାଦ ଦେଇଥିଲେ।

# ଚଣ୍ଡିଖୋଲରେ ଜାତୀୟ ପ୍ରେସ୍ ଦିବସ ପାଳିତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଖବରଦାତାମାନେ।

**ଚଣ୍ଡିଖୋଲ,୧୬।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):** ଚଣ୍ଡିଖୋଲସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ରବିବାର ଚଣ୍ଡିଖୋଲ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଖବରଦାତା ମହେଶ୍ୱର ବଳଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରମୋଦ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଉପସ୍ଥିତ ଖବରଦାତାଙ୍କୁ ସ୍ୱାଗତ କରିଥିଲେ। ଖବରଦାତା ଭକ୍ତଚରଣ ସାହୁ ଓ ପ୍ରଦୀପ୍ତ ପୃଷ୍ଟି ଖବରଦାତାଙ୍କ ମଧ୍ୟରେ ଏକତା ଭାବ ରଖିବା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାପସ ମିଶ୍ର, ପ୍ରଦ୍ୟୁମ୍ନ ଓଝା, ମନୋଜ ପଣ୍ଡା, ବିଷ୍ଣୁ ମୋହନ ସାହୁ, ଉତ୍କଳ ପ୍ରସନ୍ନ ପ୍ରଧାନ, ଅମିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିମଳ ବେହେରା ଧନ୍ୟବାଦ ଦେଇଥିଲେ।

# ଧରାପଡ଼ିଲା ସିଓଆର୍ ପାଇଁ ଚଞ୍ଚକତା

**ଯାଜପୁର,୧୬।୧୧ (ହର୍ଷବର୍ଦ୍ଧନ ବେହେରା)**

- ସ୍କୁଲ ଟ୍ରଷ୍ଟର ସମସ୍ତ ସଦସ୍ୟ ଗୋଟିଏ ପରିବାରର
- କାରଣ ଦର୍ଶାଅ ନୋଟିସ ଜାରିକଲେ ଡିଇଓ
- ଅନ୍ୟ ଘରୋଇ ସ୍କୁଲର ସିଓଆର୍ ତଦନ୍ତ କେବେ

ରାଜ୍ୟରେ ଘରୋଇ ସ୍କୁଲ ପ୍ରତିଷ୍ଠା କରିବାକୁ ପରିଚାଳନା କମିଟି କିମ୍ବା ଟ୍ରଷ୍ଟ ଗଠନ କରି ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିକଟରେ ସ୍ୱୀକୃତି ପ୍ରମାଣପତ୍ର ବା ସାର୍ଟିଫିକେଟ ଅଫ୍ ରିକଗ୍ନାଇଜେଶନ(ସିଓଆର୍) ପାଇଁ ଆବେଦନ କରାଯାଇଥାଏ। ତେବେ ମାନ୍ୟତା ଆଦେଶର ୧୪ ନମ୍ବର ସର୍ତ୍ତାବଳୀରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ, ସ୍କୁଲ କୌଣସି ବ୍ୟକ୍ତି, ଗୋଷ୍ଠୀ କିମ୍ବା ବ୍ୟକ୍ତିବିଶେଷଙ୍କ ସଂଘ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ଲାଭ ପାଇଁ ଚାଲିବା ଉଚିତ ନୁହେଁ। କିନ୍ତୁ ଯାଜପୁର ଜିଲାରେ ଅଧିକାଂଶ ଘରୋଇ ସ୍କୁଲ କେତେଜଣ ବ୍ୟକ୍ତିଙ୍କ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଏନେଇ ସାମାଜିକ କର୍ମୀ ମଞ୍ଜୁ ଦାସଙ୍କ ଅଭିଯୋଗ ଭିତ୍ତିରେ ସ୍କୁଲଗୁଡ଼ିକର ସିଓଆର୍ ନିୟମ ଓ ସର୍ତ୍ତାବଳୀକୁ ଉପଯୁକ୍ତ ଭାବେ ପାଳନ କରାଯାଇଛି କି ନାହିଁ ସେନେଇ ଯାଜପୁର ସମଗ୍ର ଶିକ୍ଷା ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତରେ ଯାଜପୁର ରୋଡ୍ କୁସୁନପୁରସ୍ଥିତ ଏକ ସ୍କୁଲ ସିଓଆର ପାଇବାକୁ ବ୍ୟାପକ ଅନିୟମିତତା କରିଥିବା ଜଣାପଡିଛି। ଉକ୍ତ ସ୍କୁଲ ଟ୍ରଷ୍ଟର ସମସ୍ତ ସଦସ୍ୟ ଗୋଟିଏ ପରିବାରର, ଯାହା ଉପରୋକ୍ତ ମାନ୍ୟତା ଆଦେଶର ନିୟମ ଏବଂ ସର୍ତ୍ତାବଳୀକୁ ଉଲ୍ଲଂଘନ କରୁଛି। ଏହି ପରିପ୍ରେକ୍ଷୀରେ ଜିଲା ସମଗ୍ର ଶିକ୍ଷାର ଜିଲା ଶିକ୍ଷାଧିକାରୀ ତାଙ୍କ ପତ୍ରସଂଖ୍ୟା ୩୯୨୭/୧୪।୧୧।୨୦୨୫ରେ କୁସୁନପୁରର ଉକ୍ତ ସ୍କୁଲ ସମ୍ପାଦକଙ୍କୁ କାହିଁକି ଆପଣଙ୍କ ବିରୋଧରେ ଯଥାର୍ଥ ବିବେଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଲ୍ଲେଖ କରିଛନ୍ତି। ଏହି ଚିଠି ପାଇବାର ୭ ଦିନ ମଧ୍ୟରେ ଉତ୍ତର ଦେବାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ଜିଲାର ବହୁ ପ୍ରତିଷ୍ଠିତ ଘରୋଇ ସ୍କୁଲ ଓ କଲେଜ କର୍ତ୍ତୃପକ୍ଷ ସିଓଆର୍ ପାଇବାକୁ ବିଭିନ୍ନ ଅନିୟମିତତା କରିଛନ୍ତି। ପରିଚାଳନା କମିଟି କିମ୍ବା ଟ୍ରଷ୍ଟରେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ରହି ଛାତ୍ରୀଛାତ୍ରମାନଙ୍କଠାରୁ ମୋଟା ଅଙ୍କର ଫି ଆଦାୟ କରି ବ୍ୟବସାୟରେ ମାତିଛନ୍ତି। ଏବେ ଗୋଟିଏ ସ୍କୁଲ ଉପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଥିବାବେଳେ ଆଗାମୀ ଦିନରେ ଏଭଳି ଅନେକ ସ୍କୁଲ ସମ୍ପର୍କରେ ତଦନ୍ତ ହେବ କି ନାହିଁ ସେନେଇ ପ୍ରଶ୍ନ ଉଠିଛି। ତେବେ ସିଓଆର୍ ନ ଥିବା ସ୍କୁଲଗୁଡ଼ିକ ଏବଂ ସିଓଆର୍ ପାଇବାକୁ ଚଞ୍ଚକତା କରିଥିବା ସ୍କୁଲଗୁଡ଼ିକ ସଂକ୍ରାନ୍ତରେ ରିପୋର୍ଟ ମାଗିବା ବହୁ ପୁରୁଣା। ପୂର୍ବରୁ ଅନୁରୂପ ଭାବେ ଏକାଧିକ ନିର୍ଦ୍ଦେଶ ହୋଇ ଆସିଥିଲେ ହେଁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ଶିକ୍ଷା ଅଧିକାରୀମାନଙ୍କ ମଧ୍ୟରେ ରହିଥିବା ମଧୁଚନ୍ଦ୍ରିକା ଯୋଗୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନଥିବା ଚର୍ଚ୍ଚା ହେଉଛି। ସମସ୍ତ ଘରୋଇ ସ୍କୁଲରେ ଶିକ୍ଷା ଅଧିକାର ଆଇନ ଓ ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଥିବା ସମସ୍ତ ମାନଦଣ୍ଡ ଏବଂ ସର୍ତ୍ତାବଳୀକୁ କଡ଼ାକଡ଼ି ପାଳନ ହେଉଛି କି ନାହିଁ ସେ ସଂକ୍ରାନ୍ତରେ ଯାଞ୍ଚ କରିବାକୁ ପଦକ୍ଷେପ କେବଳ ଚିଠି ଆଦାନ ପ୍ରଦାନରେ ସୀମିତ ରହିଛି। ସିଓଆର୍ ପାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଆବଶ୍ୟକ ଜମି ଏବଂ ଶ୍ରେଣୀ ଗୃହ ଅଛି କି ନାହିଁ, ଉପଯୁକ୍ତ ଫୋରମ୍‌ରେ ପରିଚାଳନା କମିଟି ଗଠନ ହୋଇଛି ନା ନାହିଁ, କମିଟି ରେଜିଷ୍ଟ୍ରିଭୁକ୍ତ କି ନୁହେଁ, ତାଲିମପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି କି ନାହିଁ ପ୍ରଭୃତି ଦିଗ ଉପରେ ମନୋନୀତ ଏକ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରୁଛି। ହେଲେ ଶିକ୍ଷା ବିଭାଗ କେଉଁଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା, ଦେଖିବାକୁ ବାକି ରହିଲା ବୋଲି ଆଲୋଚନା ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ଭିତ୍ତିରେ ତଦନ୍ତ କରଯାଇ ଉକ୍ତ ସ୍କୁଲ ଉପରେ କାରଣ ଦର୍ଶାଅ ନୋଟିସ ହୋଇଛି। ସେଭଳି ସିଓଆର୍ ପାଇଁ ଚଞ୍ଚକତା କରିଥିବା ସ୍କୁଲଗୁଡିକ ଉପରେ ଅଭିଯୋଗ ଆସିଲେ ଆଇନ ଅନୁସାରେ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ।

# ବିଞ୍ଝାରପୁର ଥାନାଧିକାରୀ ସମ୍ବର୍ଦ୍ଧିତ



**ବିଞ୍ଝାରପୁର,୧୬।୧୧(ରାମକୃଷ୍ଣ ଦାସ):** ବିଞ୍ଝାରପୁର ବ୍ଲକ ସୟଦପୁର ସୈନିକ ଡିଫେନ୍ସ ଏକାଡେମୀରେ ଶିଶୁ ଦିବସ ପାଳିତ ହୋଇଯାଇଛ। ଏନେଇ ଅନୁଷ୍ଠିତ ସଭାରେ ସେକ୍ ଗୁଫରାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ଥାନାଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଯୋଗଦେଇ ଏକାଡେମୀରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଉତ୍ତମ ଭବିଷ୍ୟତ ପାଇଁ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏଥିସହିତ ଏକାଡେମୀର ପ୍ରତିଷ୍ଠାତା ସେକ୍ ଉମରଙ୍କୁ ତାଙ୍କର ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ଦିଗରେ ନିରନ୍ତର ଉଦ୍ୟମକୁ ଥାନା ଅଧିକାରୀ ପ୍ରସଂଶା କରିଥିଲା। ଏହି ଅବସରରେ ଥାନାଅଧିକାରୀ ମଲ୍ଲିକଙ୍କୁ ଏକାଡେମୀ ପକ୍ଷରୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ବ୍ଲକର ୨ ଖବରଦାତା ସେକ୍ ସନୱାର, ଗୁଲସନୱାଜ ଅଲ୍ଲି ଖାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏକାଡେମୀ ପକ୍ଷରୁ ସେକ୍ ଇବ୍ରାର ଧାନ୍ୟବାଦ ଦେଇଥିଲେ।


## Odisha Lift Irrigation Corporatiom Ltd.
(A Govt. of Odisha Undertaking)

**OFFICE OF THE EXECUTIVE ENGINEER, L.I. DIVISION, BARGARH**

**E-Procurement Notice - EE/OLIC/BGH-04/2025-26**

E-mail : eeolicbgh@gmail.com, Ph : 06646-246126

No.CAD-2317 **No.2305/Dated : 12.11.2025**

1. Name of the tender Inviting Officer : Executive Engineer, L.I. Division, Bargarh
2. Name of the work : Reinforcement of 02 nos. Package (03 Nos. CLIPS) in different Block of Bargarh District under State Plan Grant 2024-25
3. No. of Packages : 02 Nos.
4. Tender Amount : Varies from 15.97 Lakhs to 25.79 Lakhs.
5. Date and time of availability of bid documents in the portal for on line bidding **from 10.00 hrs dated 19.11.2025 to 17.00 hrs dated 28.11.2025.**
6. Last date and time of receipt of bids in the portal up to **17.00 hrs. Dated-28.11.2025.**
7. Last date and time of clarification up to **17.00 hrs Dated-27.11.2025.**
8. Date of opening of bid at **11.00 hrs. Dated-29.11.2025.**
9. Further details can be seen from the e-procurement portal of Govt. of Odisha i.e. **www.tendersorissa.gov.in**
10. Subsequent corrigendum/addendum/cancellation of tender if required shall be available in the above portal.

OIPR-

**Sd./- Executive Engineer**
**L.I. Division, Bargarh**


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No.RDM-LAA-MBJ-0024-2024-22182/ R&DM,** **Dated: 19 JUN 2025**

No.XXI-17: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଉତରା ସବ୍ ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ରାଉତରା**, ଥାନା: ବେତନଟୀ ନଂ. ୧୧୪, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୦.୬୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଉତରା ସବ୍ ମାଇନର ନିର୍ମାଣ ନିମନ୍ତେ ।
୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ରାଉତରା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୨୭.୧୯ | ଏ. ୧୦.୬୪ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୪୩/ ୨୦୨୨
ଏ.୧୦.୬୪ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରାଉତରା ସବ୍-ମାଇନର ନିମନ୍ତେ ମୌଜା-ରାଉତରା, ଥାନା-ବେତନଟୀ ନଂ-୧୧୪, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୯୮୨ | ଶାରଦ ଦୁଇ | ୦.୨୩ | ୦.୧୧ | ଅନନ୍ତ ଦାସ, କର୍ମୁ ଦାସ, ହାଡିବନ୍ଧୁ ଦାସ, ପି. କାହ୍ନୁ ଦାସ, ଜା:ମୋଚି, ବା:ନିଜଗାଁ |
| | ୭୬ | ଶାରଦ ଦୁଇ | ୦.୧୫ | ୦.୧୧ | |
| | ୬୩୦ | ଶାରଦ ତିନି | ୦.୧୭ | ୦.୦୮ | |
| ୪ | ୬୩୮ | ଶାରଦ ତିନି | ୦.୧୨ | ୦.୧୨ | ଅନୁକୂଳ ମହାନ୍ତ, ଶ୍ରୀହରି ମହାନ୍ତ, ପି:ଦ୍ୱାରି ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୭ | ୯୮୪ | ଶାରଦ ଦୁଇ | ୦.୧୫ | ୦.୦୨ | ଆରତୀ ମହାନ୍ତ, ପି:ଭାଗବତ ମହାନ୍ତ, ନୀର ମହାନ୍ତ, ସ୍ୱା:ଭାଗବତ ମହାନ୍ତ, ଜା:କନ୍ଧଶବର, ବା:ନିଜଗାଁ |
| ୮ | ୭୩ | ଶାରଦ ଦୁଇ | ୦.୨୩ | ୦.୧୫ | ଆରତୀ ମହାନ୍ତ, ପି:ଭାଗବତ ମହାନ୍ତ, ନୀର ମହାନ୍ତ, ସ୍ୱା:ଭାଗବତ ମହାନ୍ତ, ନବୀନ ମହାନ୍ତ, ପି:ଲାଲମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୨ | ୯୬୩ | ଶାରଦ ଦୁଇ | ୦.୧୬ | ୦.୧୦ | ଉଦୟ ନାଥ ମହାନ୍ତ, ପି:ସାନ ଚୈତନ୍ୟ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮ | ୮୯୨/୧୧୭୨ | ଶାରଦ ତିନି | ୦.୧୦ | ୦.୦୫ | କର୍ମୁ ମହାନ୍ତ, ପି:ଗଙ୍ଗା ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୯୨/୧୧୭୩ | ଶାରଦ ତିନି | ୦.୪୩ | ୦.୨୨ | |
| ୨୨ | ୬୮୭ | ଶାରଦ ଦୁଇ | ୦.୦୬ | ୦.୦୬ | କାଳିଆ ମାଝୀ, ପି:ନିମାଇ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୬୮୪ | ଶାରଦ ତିନି | ୦.୧୩ | ୦.୧୩ | |
| ୨୭ | ୭୪ | ଶାରଦ ଦୁଇ | ୦.୧୭ | ୦.୦୮ | ଗଣେଶ୍ୱର ମହାନ୍ତ, ବିନୋଦ ମହାନ୍ତ, ପି:କନ୍ଦର୍ପ ମହାନ୍ତ, ଚଞ୍ଚଳା ମହାନ୍ତ, ସ୍ୱା: ଲାଲ ମୋହନ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୨୯ | ୬୯୩ | ଶାରଦ ଦୁଇ | ୦.୦୪ | ୦.୦୪ | ଗଣେଶ ମହାନ୍ତ, ରମେଶ ମହାନ୍ତ, ଶଶଧର ମହାନ୍ତ, ସର୍ବେଶ୍ୱର ମହାନ୍ତ, ରତ୍ନି ମହାନ୍ତ, ପି:ଚନ୍ଦ୍ରମୋହନ ମହାନ୍ତ, ସୁଗା ମହାନ୍ତ, ସ୍ୱା: ଚନ୍ଦ୍ରମୋହନ ମହାନ୍ତ, ହର ମୋହନ ମହାନ୍ତ, ଗୋକୁଳ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି:ମଧୁ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୭୬୬ | ଶାରଦ ଦୁଇ | ୦.୭୨ | ୦.୦୫ | |
| ୩୦ | ୮୫୪ | ଶାରଦ ତିନି | ୦.୬୮ | ୦.୩୨ | ଗଦାଧର ମହାନ୍ତ, ପି:ପ୍ରାଣକୃଷ୍ଣ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୩୧ | ୭୬୯ | ଶାରଦ ଦୁଇ | ୦.୨୨ | ୦.୧୪ | ଗହ୍ଲା ମହାନ୍ତ, ଗୌର ମହାନ୍ତ, ପି:ସହରାଇ ମହାନ୍ତ, ଥୁପି ମହାନ୍ତ, ଚିତ୍ତ ମହାନ୍ତ, ପି:ଜୁବରାଜ ମହାନ୍ତ, କୃପାସିନ୍ଧୁ ମହାନ୍ତ, ନୃପଚନ୍ଦ୍ର ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପି:ସନାତନ ମହାନ୍ତ, ଚୁଡାମଣୀ ମହାନ୍ତ, ସ୍ୱା:ସନାତନ ମହାନ୍ତ, କାନ୍ଦରୀ ମହାନ୍ତ, ପେଲି ମହାନ୍ତ, ଗୁଞ୍ଜରୀ ମହାନ୍ତ, ପି:ମନବୋଧ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୭୯ | ଶାରଦ ତିନି | ୦.୧୫ | ୦.୧୨ | |
| | ୯୩୯ | ଶାରଦ ଦୁଇ | ୦.୭୫ | ୦.୧୭ | |
| | ୯୪୨ | ଶାରଦ ଦୁଇ | ୧.୨୦ | ୦.୩୮ | |
| | ୯୬୨ | ଶାରଦ ଦୁଇ | ୦.୧୭ | ୦.୧୭ | |
| | ୮୪୮ | ଶାରଦ ଦୁଇ | ୦.୨୮ | ୦.୨୦ | |
| ୩୭ | ୯୩୭ | ଶାରଦ ଏକ | ୦.୬୮ | ୦.୧୮ | ଗୋବରା ମହାନ୍ତ, ପି:ଦଶରଥ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| | ୯୩୮ | ଶାରଦ ଦୁଇ | ୦.୧୪ | ୦.୧୪ | |
| ୩୮ | ୬୩୪ | ଶାରଦ ଦୁଇ | ୦.୨୩ | ୦.୧୧ | ଗୋବର୍ଦ୍ଧନ ମହାନ୍ତ, କୌଶଲ୍ୟା ମହାନ୍ତ, ଯତନୀ ମହାନ୍ତ, ପି:ଚନ୍ଦ୍ରମୋହନ ମହାନ୍ତ, ମତୀ ମହାନ୍ତ, ସ୍ୱା:ଚନ୍ଦ୍ର ମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୪୧ | ୯୨୯ | ଶାରଦ ଦୁଇ | ୦.୬୪ | ୦.୩୫ | ଗୌରଚନ୍ଦ୍ର ମହାନ୍ତ, ପି:ସହରୋଇ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୪୩ | ୯୮୫ | ଶାରଦ ଦୁଇ | ୦.୩୨ | ୦.୩୨ | ଗୌର ମୋହନ ମହାନ୍ତ, ମହେନ୍ଦ୍ର ମହାନ୍ତ, ପି:ହରି ମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୪୭ | ୮୮୯ | ଶାରଦ ଏକ | ୦.୬୦ | ୦.୧୪ | ଚନ୍ଦୁ ମହାନ୍ତ, ପି:ବଡ ଶଙ୍କର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୭୧/୧୧୫୪ | ଶାରଦ ଦୁଇ | ୦.୧୧ | ୦.୧୧ | |
| | ୮୭୧/୧୧୫୫ | ଶାରଦ ଦୁଇ | ୦.୧୨ | ୦.୧୨ | |
| ୪୯ | ୬୮୫ | ଶାରଦ ତିନି | ୦.୨୨ | ୦.୧୮ | ଚୈତନ ମହାନ୍ତ, ପି:ଗୋସାଇଁ ଦାସ ମହାନ୍ତ, ଜା: କୁଡୁମି, ବା:ନିଜଗାଁ |
| ୫୨ | ୮୮୬ | ଶାରଦ ତିନି | ୦.୦୯ | ୦.୦୯ | ଜଗବନ୍ଧୁ ମହାନ୍ତ, ପି:ସାହେବରାମ ମହାନ୍ତ, ଜା: କୁଡୁମି, ବା:ପୁରିନ୍ଦା |
| | ୯୧୦ | ଶାରଦ ଦୁଇ | ୦.୧୮ | ୦.୦୩ | |
| ୬୮ | ୯୩୪ | ଶାରଦ ଏକ | ୦.୮୨ | ୦.୧୩ | ଦୁଲା ମାଝୀ, ପି:ମାତାଲ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୭୩ | ୬୮୮ | ଶାରଦ ଦୁଇ | ୦.୪୬ | ୦.୪୧ | ଦେବେନ୍ଦ୍ର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ଶୁକ୍ରିଆ ମହାନ୍ତ, ପି:ହଗୁରୁ ମହାନ୍ତ, ଯୁଡାନୀ ମହାନ୍ତ, ସ୍ୱା: ହଗରୁ ମହାନ୍ତ, ସାଗରା ମହାନ୍ତ, ପି:ଗୋପିନାଥ ମହାନ୍ତ, ଜା:କୁଡୁମି, ବା:ଯୁଆଳିଭଙ୍ଗା |
| | ୬୯୪ | ଶାରଦ ଦୁଇ | ୦.୦୮ | ୦.୦୫ | |
| ୭୭ | ୮୫୫ | ଶାରଦ ତିନି | ୦.୨୦ | ୦.୦୬ | ନବୀନ ମହାନ୍ତ, ପି:ଲାଲମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୭୬୮/ ୧୧୫୮ | ଶାରଦ ଦୁଇ | ୦.୦୬ | ୦.୦୬ | |
| | ୯୮୪/ ୧୧୬୦ | ଶାରଦ ଦୁଇ | ୦.୧୩ | ୦.୦୨ | |
| ୮୩ | ୯୩୧/୧୧୮୧ | ଶାରଦ ଦୁଇ | ୦.୬୯ | ୦.୧୮ | ନୁନାରାମ ମହାନ୍ତ, ପି:ନାରାୟଣ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୮୮ | ୮୫୧ | ଶାରଦ ତିନି | ୦.୪୦ | ୦.୧୬ | ପ୍ରଫୁଲ ମହାନ୍ତ, ପ୍ରଭାକର ମହନ୍ତ, ପି:ଶତ୍ରୁଘନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୨୮ | ଶାରଦ ତିନି | ୦.୧୪ | ୦.୦୧ | |
| ୯୪ | ୬୯୬ | ଶାରଦ ଦୁଇ | ୦.୧୯ | ୦.୦୪ | ଫୁଲ ମାଝୀ, ସ୍ୱା:ଲିପା ମାଝୀ, ଜା:ସାନ୍ତାଳ, ବା: ନିଜଗାଁ |
| | ୬୮୩ | ଶାରଦ ତିନି | ୦.୧୩ | ୦.୧୩ | |
| ୯୬ | ୬୩୫ | ଶାରଦ ଦୁଇ | ୦.୨୨ | ୦.୧୮ | ବାଇଧର ମହାନ୍ତ, ଗେହ୍ଲୀ ମହାନ୍ତ, ପି:ସାନ ଦୁଃଖ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୦୪ | ଶାରଦ ତିନି | ୦.୩୬ | ୦.୦୩ | |
| ୧୧୨ | ୬୮୯ | ଶାରଦ ଦୁଇ | ୦.୬୩ | ୦.୧୩ | ଭାଗୀରଥି ମହାନ୍ତ, ପ୍ରାଣକୃଷ୍ଣ ମହାନ୍ତ, ପି:ଶଙ୍କର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୧୬ | ୮୭୨ | ଶାରଦ ଦୁଇ | ୦.୪୪ | ୦.୦୩ | ମଥୁରା ନନ୍ଦ ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୧୮ | ୬୯୧ | ଶାରଦ ଦୁଇ | ୦.୦୭ | ୦.୦୧ | ମହାଦେବପ୍ରସାଦ ଖଣ୍ଡେଲବାଲା, ରାମପ୍ୟାରି ଲାଲ ଖଣ୍ଡେଲବାଲା, ବୈଦନାଥ ଖଣ୍ଡେଲବାଲା, ପି:ଚୁନିଲାଲ ଲଛମି ନାରାୟଣ ଜା:ବୈଶ୍ୟ ବଣିଆ, ବା:ମୋତିଗଞ୍ଜବଜାର, ଜି:ବାଲେଶ୍ୱର |
| ୧୨୪ | ୮୮୫ | ଶାରଦ ତିନି | ୦.୦୮ | ୦.୦୮ | ମୋଚିରାମ ମହାନ୍ତ, ପି:କୃଷ୍ଣ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| | ୬୪୧ | ଶାରଦ ତିନି | ୦.୨୬ | ୦.୦୯ | |
| | ୯୦୬ | ଶାରଦ ଦୁଇ | ୦.୪୯ | ୦.୦୩ | |
| | ୯୦୭ | ଶାରଦ ଦୁଇ | ୦.୧୮ | ୦.୧୮ | |
| ୧୨୬ | ୬୯୫ | ଶାରଦ ଦୁଇ | ୦.୫୧ | ୦.୦୪ | ରମାକାନ୍ତ ମହାନ୍ତ, ଉମେଶ ମହାନ୍ତ, ଗେହ୍ଲେଇ ମହାନ୍ତ, ତରୁ ମହାନ୍ତ, ଉର୍ବଶି ମହାନ୍ତ, ଶଚି ମହାନ୍ତ, ପି:ସନାତନ ମହାନ୍ତ, ସମବାରି ମହାନ୍ତ, ସ୍ୱା:ସନାତନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୨୭ | ୮୮୭ | ଶାରଦ ତିନି | ୦.୬୪ | ୦.୦୪ | ରମାନାଥ ମହାନ୍ତ, ପି:ବୁଧୁ ମହାନ୍ତ, ଜା:କୁଡୁମି, ବା:ଅମଣିଦା |
| ୧୩୩ | ୬୮୬ | ଶାରଦ ଦୁଇ | ୦.୧୨ | ୦.୦୫ | ରାଜୁ ମାଝୀ, ଭିଲୁ ମାଝୀ, ରାମ ମାଝୀ, ପି:ଫାଗୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୩୫ | ୮୭୧ | ଶାରଦ ଦୁଇ | ୦.୩୫ | ୦.୧୬ | ରାମହରି ମହାନ୍ତ, ପି:ବଡ ଶଙ୍କର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୮୯/୧୧୨୮ | ଶାରଦ ଏକ | ୦.୯୧ | ୦.୨୦ | |
| ୧୪୭ | ୬୭୮ | ଶାରଦ ତିନି | ୦.୨୦ | ୦.୦୧ | ଲକ୍ଷ୍ମଣ ମାଝୀ, ପି:ସୁନ୍ଦର ମାଝୀ, ଲାଦୁମ ମାଝୀ, ପି:ପଞ୍ଚା ମାଝୀ, ସମ୍ବାରି ମାଝୀ, ପି:ସୁବୁଦା ମାଝୀ, ପାନ ମାଝୀ, ସ୍ୱା:ସୁବୁଦା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୪୮ | ୭୮ | ଶାରଦ ତିନି | ୦.୪୦ | ୦.୧୦ | ଲକ୍ଷ୍ମୀ ମହାନ୍ତ, ସ୍ୱା:ଦୁର୍ଯ୍ୟୋଧନ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୧୫୩ | ୮୮୩ | ଶାରଦ ଦୁଇ | ୦.୨୨ | ୦.୦୪ | ସତୃଘନ ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୮୪ | ଶାରଦ ଦୁଇ | ୦.୧୩ | ୦.୧୩ | |
| ୧୫୪ | ୮୭୯ | ଶାରଦ ଦୁଇ | ୦.୩୪ | ୦.୧୦ | ସତୃଘନ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୫୬ | ୭୬୭ | ଶାରଦ ଦୁଇ | ୦.୩୩ | ୦.୧୮ | ଶତୃଘନ ମହାନ୍ତ, ମଥୁରାନନ୍ଦ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୬୦ | ୬୯୨ | ଶାରଦ ଦୁଇ | ୦.୧୭ | ୦.୧୪ | ସମବାରୀ ମହାନ୍ତ, ପି:ଲାଲ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୭୬୮ | ଶାରଦ ଦୁଇ | ୦.୦୬ | ୦.୦୬ | |
| | ୭୩/୧୧୬୨ | ଶାରଦ ଦୁଇ | ୦.୧୦ | ୦.୧୦ | |
| ୧୬୩ | ୮୬୮ | ଶାରଦ ତିନି | ୦.୪୪ | ୦.୦୧ | ସାଧୁ ଚରଣ ପାତ୍ର, ପି:ଚନ୍ଦ୍ର ମୋହନ ପାତ୍ର, ଜା:କାପୁଡିଆ, ବା:ବାରିପଦା |
| ୧୬୮ | ୮୯୫ | ଶାରଦ ଦୁଇ | ୦.୪୨ | ୦.୨୧ | ଶିବ ମହାନ୍ତ, ଶଙ୍କର ମହାନ୍ତ, ଗୁରୁ ଚରଣ ମହାନ୍ତ, ମୁଖ ମହାନ୍ତ, ସୁଖ ମହାନ୍ତ, ସଜନୀ ମହାନ୍ତ, ପି:ଆଷାଢୁ ମହାନ୍ତ, ପେମ ମହାନ୍ତ, ସ୍ୱା:ଆଷାଢୁ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୩ | ୮୯୪ | ଶାରଦ ଦୁଇ | ୦.୧୭ | ୦.୧୦ | ହୃଦାନନ୍ଦ ମହାନ୍ତ, ସର୍ବେଶ୍ୱର ମହାନ୍ତ, ଅପୂର୍ବ ମହାନ୍ତ, ସୁରୁମଣି ମହାନ୍ତ, ଚାନ୍ଦମଣି ମହାନ୍ତ, ପି:ହରି ମହାନ୍ତ, ମହେଶ୍ୱରୀ ମହାନ୍ତ, ସ୍ୱା:ହରି ମହାନ୍ତ, ସୁର ମହାନ୍ତ, ପି:ଭୀମ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୯୬ | ଶାରଦ ଦୁଇ | ୦.୪୬ | ୦.୦୩ | |
| | ୮୯୩ | ଶାରଦ ତିନି | ୦.୫୬ | ୦.୦୧ | |
| ୧୮୪ | ୮୯୨ | ଶାରଦ ଦୁଇ | ୦.୩୫ | ୦.୦୮ | ହେମ ମହାନ୍ତ, ପି:ଗଙ୍ଗାଧର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୭୯/୧୨୦୬ | ଶାରଦ ତିନି | ୦.୧୪ | ୦.୦୮ | |
| ୧୮୫ | ୭୭ | ଶାରଦ ଦୁଇ | ୦.୧୮ | ୦.୧୮ | ହେମ ମହାନ୍ତ, ପି:କାଳିଆ ମହାନ୍ତ, ଯେହେରୁ ମହାନ୍ତ, ପି:ରାସୁ ମହାନ୍ତ, ଶୁକାନ୍ତ ମହାନ୍ତ, ପି: ପ୍ରେମଚାନ୍ଦ ମହାନ୍ତ, ଜା:କୁଡୁମି, ବା:ଶଶା |
| ୧୮୭/୫୯ | ୯୦୯/୧୨୫୦ | ଶାରଦ ଦୁଇ | ୦.୬୧ | ୦.୪୨ | ଯୁଧିଷ୍ଠିର ମହାନ୍ତ, ମନୋରଞ୍ଜନ ମହାନ୍ତ, ପି:ସୀତାନାଥ ମହାନ୍ତ,ଜା:କୁଡୁମି,ବା:ନିଜଗାଁ |
| ୧୮୭/୬୩ | ୭୪/୧୨୫୫ | ଶାରଦ ଦୁଇ | ୦.୧୬ | ୦.୦୮ | ମୁଲକ ଚାନ୍ଦ ମହାନ୍ତ, ପି:ବିନୋଦ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୧୮୭/୬୫ | ୬୩୩ | ଶାରଦ ଦୁଇ | ୦.୩୪ | ୦.୦୯ | ବୁଦ୍ଧେଶ୍ୱର ମହାନ୍ତ, ପି:ଅମିନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୩୨ | ଶାରଦ ତିନି | ୦.୦୫ | ୦.୦୧ | |
| ୧୮୭/୮୧ | ୬୩୯ | ଶାରଦ ତିନି | ୦.୧୫ | ୦.୦୮ | ମନୋରଞ୍ଜନ ମହାନ୍ତ, ପି:ରମେଶ ଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୪୦ | ଶାରଦ ତିନି | ୦.୩୦ | ୦.୩୦ | |
| ୧୮୭/୯୪ | ୬୨୯ | ଶାରଦ ତିନି | ୦.୦୪ | ୦.୦୨ | ମହେନ୍ଦ୍ର ନାଥ ମହାନ୍ତ, ପି:ହରମୋହନ ମହାନ୍ତ, ଜା:କୁର୍ମୀ କ୍ଷତ୍ରୀୟ, ବା:ନିଜଗାଁ |
| | ୬୩୧ | ଶାରଦ ତିନି | ୦.୧୫ | ୦.୦୬ | |
| ୧୮୭/୧୦୦ | ୭୨ | ଶାରଦ ଦୁଇ | ୦.୦୯ | ୦.୦୯ | ପ୍ରଭାକର ମହାନ୍ତ, ପି:ମାନ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୧୮୭/୧୦୬ | ୮୮୮ | ଶାରଦ ଦୁଇ | ୦.୬୨ | ୦.୨୨ | ନବୀନ ଦାସ, ପି:ପୂର୍ଣ୍ଣଚନ୍ଦ୍ର ଦାସ, ଜା:ମୋଚି, ବା:ନିଜଗାଁ |
| ୧୮୭/୧୨୮ | ୯୩୦/୧୩୧୧ | ଶାରଦ ଦୁଇ | ୦.୩୯ | ୦.୧୦ | ସୀତାନାଥ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ପି:ରିଦୟ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୭/୧୨୯ | ୯୩୦ | ଶାରଦ ଦୁଇ | ୦.୩୯ | ୦.୦୫ | ଯୁଧିଷ୍ଠିର ମହାନ୍ତ, ମନୋରଞ୍ଜନ ମହାନ୍ତ, ପି:ସୀତାନାଥ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୭/୧୪୧ | ୬୮୫/୧୩୨୨ | ଶାରଦ ଏକ | ୦.୧୧ | ୦.୦୨ | ଡମ୍ବରୁଧର ମହାନ୍ତ, ଉଗ୍ରେଶ୍ୱର ମହାନ୍ତ, ବିଶ୍ୱଜିତ ମହାନ୍ତ, ପି:ସନ୍ୟାସୀ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୭/୧୪୯ | ୬୩୭ | ଶାରଦ ଦୁଇ | ୦.୩୦ | ୦.୦୮ | କମଳାକାନ୍ତ ମହାନ୍ତ, ପି:ଚନ୍ଦ୍ର ମୋହନ ମହାନ୍ତ, ଜା:କୁଡୁମି,ବା:ରାଉତରା |
| ୧୮୭/୧୫୧ | ୯୦୯ | ଶାରଦ ଦୁଇ | ୦.୩୫ | ୦.୨୨ | ସୁରେନ୍ଦ୍ର ମହାନ୍ତ, ପି:ରାମେଶ୍ୱର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୭/୧୫୮ | ୭୪/୧୩୩୦ | ଶାରଦ ଦୁଇ | ୦.୧୭ | ୦.୦୭ | ମୁଲୁକ ଚାନ୍ଦ ମହାନ୍ତ, ପି:ବିନୋଦ ମହାନ୍ତ, ଜା: କୁଡୁମି, ବା:ପୁରିନ୍ଦା |
| ୧୮୭/୧୫୯ | ୭୧ | ଶାରଦ ଦୁଇ | ୦.୧୦ | ୦.୦୮ | ରାଧାମଣୀ ମହାନ୍ତ, ସ୍ୱା:ହରିଶ୍ଚନ୍ଦ୍ର ମହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା:ରାଉତରା |
| ମୋଟ | ୯୧ ପ୍ଲଟକୁ | ଏ.୨୭.୧୯ ଡେ.ମି. | ଏ.୧୦.୬୪ ଡେ.ମି. | | |

**Sd./- Amin**
**Deuli Zone**

**Sd./-**
**Revenue Inspector,**
**Deuli Zone**

**Sd./-**
**Zone Officer-cum-**
**L.A. Collector, S.I.P.**
**Deuli Zone**

**Sd./- Spl. Land Acquisition Officer**
**S.I.P. Baripada**

OIPR-

**ଅଗ୍ନିବିପନ୍ନ ପରିବାରକୁ ସହାୟତା** | ଆଳି,(ବନମାଳୀ ସେନାପତି ): ଆଳି ବ୍ଲକ ଚଣ୍ଡିଆଗଡ଼ି ପଞ୍ଚାୟତ ବଇଦିମାଲ ଗ୍ରାମରେ ବିଦ୍ୟୁତ୍ ଶର୍ଟ ସର୍କିଟରେ ନିଆଁ ଲାଗି ହେମନ୍ତ ଦଳେଇଙ୍କ ଘର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏଥିରେ ପରିବାର ଲୋକ ସର୍ବସ୍ୱ ହରାଇ ଖୋଲା ଆକାଶ ତଳେ ରହିଛନ୍ତି। ଆଳି ଅଞ୍ଚଳର ଆସ ଖୁସି ବାଣ୍ଟିବା ଫାଉଣ୍ଡେସନ ପକ୍ଷରୁ ଅଗ୍ନି ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ଅନୁଷ୍ଠାନର ସଭାପତି ପ୍ରଶାନ୍ତ ଜେନା, ଉପସଭାପତି ସୁବ୍ରତ ବେହୁରା, ଦେବାଶିଷ ମଲ୍ଲିକ, ସୁକାନ୍ତ ମଲ୍ଲିକ, ଧର୍ମେନ୍ଦ୍ର ମଲ୍ଲିକ, ଲକ୍ଷ୍ମୀପ୍ରିୟା ଦାସ, ସନ୍ଧ୍ୟାରାଣୀ ପରିଡ଼ା, ସୌଭାଗ୍ୟ ରାଉତ, କହ୍ନେଇ ଚୁଳି ପ୍ରମୁଖ ପହଞ୍ଚି ସରପଞ୍ଚ ସନାତନ ସାହୁଙ୍କ ଉପସ୍ଥିତିରେ ପରିବାର ଲୋକଙ୍କୁ ଏକମାସର ରାଶନ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



# ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ୧୦୫୨ ରୋଗୀଙ୍କ ଚିକିତ୍ସା



ଶିବିରରେ ଯୋଗ ଦେଇଥିବା ଡାକ୍ତର ଓ ଅନ୍ୟମାନେ।

ରାଜକନିକା, ୧୬।୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ କାଡ୍ ଓ ଷ୍ଟଲୱାର୍ଟ ପକ୍ଷରୁ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ରବିବାର ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ୧୦୫୨ ପଞ୍ଜୀକୃତ ରୋଗୀଙ୍କ ଚିକିତ୍ସା ଡାକ୍ତରମାନଙ୍କ ଦ୍ୱାରା କରାଯାଇଛି। କାଡ୍‌ର ସମ୍ପାଦକ ଶରତ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଉପେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ।

ଏଥିରେ ଡା. ଅଭିଜିତ ଦଳାଇ (ଔଷଧ ବିଭାଗ), ଡା. ବିକ୍ରମ ଚନ୍ଦ୍ର ଲେଙ୍କା (ଶଲ୍ୟ), ଡା. ଜୟଶ୍ରୀ ରାଉତ (ପ୍ରସୂତି ଏବଂ ସ୍ତ୍ରୀ ରୋଗ), ଡା. ଆଶିଷ କୁମାର ମିଶ୍ର (ଅସ୍ଥିଶଲ୍ୟ), ଡା. ସୁଶ୍ରୀ ସାଗରୀକା ସାହୁ (ଚକ୍ଷୁ), ଡା. ସୌମ୍ୟିକା ମିଶ୍ର (କର୍ଣ୍ଣ, ନାଶା, ଗଳା), ଡା. ଶନ୍ତରୂପା ମହାନ୍ତି (ଶିଶୁରୋଗ), ଡା. ସିଦ୍ଧାର୍ଥ ରାଉତ, ଡାଃ. ଦୀପକ ପାଢ଼ୀ (କମ୍ୟୁନିଟ୍ ଔଷଧ ବିଭାଗ), ଡା. ସୁସ୍ମିତା ନାୟକ (ଦନ୍ତରୋଗ) ଏବଂ ଡା. ସବ୍ୟସାଚୀ ପଟ୍ଟନାୟକ (ସ୍ନାୟୁରୋଗ) ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ଚିକିତ୍ସା ଯୋଗାଇଥିଲେ। ଏହି ପ୍ରରିପ୍ରେକ୍ଷୀରେ ଅନ୍ୟତମ ଅତିଥି ଭାବେ କଟକ ଉଚ୍ଚନ୍ୟାୟାଳୟର ଆଇନଜୀବୀ କ୍ଷୀରୋଦ କୁମାର ରାଉତ ଯୋଗଦେଇଥିଲେ। କାଡ୍‌ର ସଭାପତି ହଳଧର ମଲ୍ଲିକ ଉପସ୍ଥିତ ଥିବାବେଳେ, ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଓ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭ୍ରମାତ୍ମକ ଖବର ଗଣମାଧ୍ୟମର ବିଶ୍ୱସନୀୟତାକୁ ହରାଏ

## ଜାତୀୟ ପ୍ରେସ ଦିବସ

କେନ୍ଦ୍ରାପଡ଼ା, ୧୬।୧୧ (ଜଗନ୍ନାଥ ଧଳ)

ଏକ ବଳିଷ୍ଠ ଓ ଶକ୍ତିଶାଳୀ ଗଣମାଧ୍ୟମ ସମାଜକୁ ଆଗେଇ ନେଇଥାଏ। ସତ୍ୟଶୀଳ, ନିରପେକ୍ଷ ଓ ପ୍ରତିବଦ୍ଧ ଗଣମାଧ୍ୟମ ସର୍ବଦା ଜନମତକୁ ଜାଗ୍ରତ କରିଥାଏ। ସମାଲୋଚନା ଗଠନ ମୂଳକ ହେଲେ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ। ତେବେ ଗଣମାଧ୍ୟମର ଭ୍ରମାତ୍ମକ ଖବର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ। ଏପରିକି ପ୍ରସାରଣକାରୀଙ୍କ ଉପରେ ସମାଜରେ ନକରାତ୍ମକ ଭାବ ସୃଷ୍ଟି ହୋଇଥାଏ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଜାତୀୟ ପ୍ରେସ ଦିବସ ଓ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧିରେ ଗଣମାଧ୍ୟମର ବିଶ୍ୱସନୀୟତାର ସଂରକ୍ଷଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଶିକ୍ଷାବିତ୍ ତପନ କୁମାର ପତି, ଜିଲା ପୋଲିସ ଡିଆଇବି ଡିଏସ୍‌ପି ଲକ୍ଷ୍ମୀନାରାୟଣ ତିୱାରୀ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଶୁଭମ ପଣ୍ଡା ମୁଖ୍ୟ ଆଲୋଚକ ଥିଲେ। ଏଥିସହ ଖବରଦାତା ଚିତରଞ୍ଜନ ଦାସ, ଆଶିଷ ସେନାପତି, ରବିନାରାୟଣ ପତି, ସରୋଜ ପରିଡା, ନିହାରରଞ୍ଜନ ସାହୁ, ହିମାଂଶୁ ନାୟକ, ରାଧାକାନ୍ତ ମହାନ୍ତି, ଅଲେଖ ନାୟକ ପ୍ରମୁଖ କହିଥିଲେ, ଖବର ପ୍ରଚାର ପ୍ରସାରଣରେ ଏବେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଛି। ପ୍ରଥମେ ଖବର ପ୍ରସାରଣର ବାହାବା ପାଇଁ ତଥ୍ୟ ସଂଗ୍ରହ ପାଇଁ ସମୟ ମିଳୁନାହିଁ। ତେବେ ସ୍ୱଳ୍ପ ତଥ୍ୟ ମଧ ଠିକ୍ ଭାବେ ପରିବେଷଣ ହୋଇଥାଏ। ଅପରପକ୍ଷରେ ଖବର ପ୍ରସାରଣରେ ଖବରଦାତାଙ୍କ ଆର୍ଥିକ, ସାମାଜିକ ସୁରକ୍ଷା ବିପନ୍ନ ପ୍ରତି କେହି ଧାନ ଦେଉନାହାନ୍ତି। ଛାପା ଗଣମାଧ୍ୟମ ବିଜ୍ଞାପନ ଉପରେ ନିର୍ଭରଶୀଳ। ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଉତ୍ତର ଦେବାକୁ ପ୍ରଶାସକ ଅନିଚ୍ଛୁକ ରହୁଛି। ଫଳରେ ଜିଲା ବିକାଶ କ୍ଷେତ୍ରରେ ରାଜ୍ୟରେ ପଛୁଆ ରହୁଛି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବରଦାତା ଭବନ ଯୋଗାଇ ଦିଆଯାଉନାହିଁ। ମିଛ ଖବରଦାତାଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆହ୍ୱାନ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ମଲ୍ଲିକ କହିଥିଲେ, ଖବରଦାତା ଓ ପ୍ରଶାସନିକ ଅଧିକାରୀ ପରସ୍ପର ପରିପୂରକ। ସେମାନଙ୍କ ସହଯୋଗରେ ଜିଲାରେ ବିକାଶ ହୋଇପାରିବ। ତେବେ ଭ୍ରମାତ୍ମକ ଖବର ଘଟଣା ପରିଚାଳନାରେ ସମସ୍ୟା ସୃଷ୍ଟି କରିବ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିର ଚରଣ ମାଝି ଜାତୀୟ ପ୍ରେସ୍ ଦିବସ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟାଳୟ କର୍ମଚାରୀ ଦିବ୍ୟ ରଞ୍ଜନ ବେହେରା, ମୋଦନ ହାଁସଦା, ରଞ୍ଜନ ସାହୁ, ସେଖ ନୁର ଇସଲାମ ପ୍ରମୁଖ ଏହି ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ।


ଆଲୋଚନାଚକ୍ରରେ ଯୋଗଦେଇଥିବା ଆଲୋଚକମାନେ।

# ସାଗରବେଳା ମହୋତ୍ସବର ପ୍ରସ୍ତୁତି ବୈଠକ



ରାଜନଗର, ୧୬।୧୧(ଭାସ୍କର ରାଉତରାୟ)

୭ମ ରାଜନଗର ସାଗରବେଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ରବିବାର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡା. ଅଭୟ କୁମାର ପତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ପୂର୍ବ ବିବରଣୀ ପାଠ କରିଥିଲେ। ଏହା ସର୍ବସମତିକ୍ରମେ ଗୃହୀତ ହୋଇଥିଲା। ୭ମ ବେଳାଭୂମି ମହୋତ୍ସବ ପାଳନ ସହ ମହୋତ୍ସବ ମୁଖାପତ୍ର 'ସାଗରବେଳା' ପ୍ରକାଶ ପାଇଁ ମତପ୍ରକାଶ ପାଇଥିଲା। ମୁଖପାତ୍ର ପ୍ରକାଶ ଦାୟିତ୍ୱ ଡ. ଧରଣୀଧର ରାଉତଙ୍କୁ ଦିଆଯାଇଥିଲା। ବୈଠକରେ ପରିଷଦର ସଦସ୍ୟ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଅନିଲ କୁମାର ବଳ, ପ୍ରାଧ୍ୟାପକ ଅଭିନ୍ନ କୁମାର ସ୍ୱାଇଁ, ମହେଶ୍ୱର ରାଉତ, କ୍ଷୀରୋଦ କୁମାର ମଲ୍ଲିକ, ସୀତାକାନ୍ତ ରାଉଳ, ମେଜର ଗଗନ ବିହାରୀ ସ୍ୱାଇଁପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ମହୋତ୍ସବକୁ ସରସ ସୁନ୍ଦର ସହ ପାଳନ କରିବା ସହ ବରପୁତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରାଯାଇଥିଲା। ଅଧାପିକା ଭଗବତୀ ରାଉତ ଧନ୍ୟବାଦ ଦେଇଥିଲେ।

# ଟଟବନ୍ଧ ସବ୍‌ଡିଭିଜନ କାର୍ଯ୍ୟାଳୟ କବାଟ ଡାଡ଼ି ଚୋରି

ରାଜନଗର, ୧୬।୧୧(ଭାସ୍କର ରାଉତରାୟ)

ରାଜନଗରଠାରେ ଥିବା ଟଟବନ୍ଧ ବିଭାଗ ସବ୍‌ଡିଭିଜନ କାର୍ଯ୍ୟାଳୟ ଓ ସେକସନ୍ ଅଫିସ କବାଟ ଭାଙ୍ଗି ଦୁର୍ବୃତ୍ତ ଶନିବାର ରାତିରେ ଚୋରି କରିଛନ୍ତି। କାର୍ଯ୍ୟାଳୟ ଭିତରେ ସରକାରୀ କାଗଜପତ୍ର ବିଛାଡି ହୋଇପଡିଛି। କାର୍ଯ୍ୟାଳୟ ଭିତରେ, ବାହାରେ ଲାଗିଥିବା ୩ ସିସିଟିଭି କ୍ୟାମେରା, ହାର୍ଡଡିସ୍କକୁ ମଧ ଦୁର୍ବୃତ୍ତମାନେ ନେଇ ଯାଇଛନ୍ତି। ରବିବାର ଥିବାରୁ ପିଅନ ଖବର ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ପୋଲିସକୁ ଯନ୍ତ୍ରୀ ଫୋନ ଯୋଗେ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୋମବାର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଆସିବା ପରେ କ'ଣ ସବୁ ଚୋରି ହୋଇଛି ତାହା ସ୍ପଷ୍ଟ ହେବ।


**Odisha Lift Irrigation Corporatiom Ltd.**
(A Govt. of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BARGARH**
E-Procurement Notice - EE/OLIC/BGH-04/2025-26
| ୧୪ | ୩୫ | ୫୮ | ପଦର | ୦.୬୦୦ | ୦.୧୨୦ | କାଳି ଚରଣ ବିଶୋଇ, ଚୈତନ୍ୟ ବିଶୋଇ, ସୂର୍ଯ୍ୟ ବିଶୋଇ, କୁମୁଦ ବିଶୋଇ, ପଦ୍ମା ବିଶୋଇ, ପି.: ଭ୍ରାତୃହରି ବିଶୋଇ, ଲେମ୍ବୁ ବିଶୋଇ, ସ୍ୱା.: ଭ୍ରାତୃହରି ବିଶୋଇ, ଜା: କାଳଞ୍ଜି, ବା: ନିଜଗାଁ | |
| ୧୫ | ୪୬ | ୪୦୪ | ବିଲ ଅଣଜଳସେଚିତ ଦୁଇ | ୦.୬୧୦ | ୦.୫୬୦ | କେଦାର ପ୍ରଧାନ, ଶିବରାମ ପ୍ରଧାନ, ସୁଦର୍ଶନ ପ୍ରଧାନ, ପି.: ଅର୍ଜ୍ଜୁନ ପ୍ରଧାନ, ହେମ ପ୍ରଧାନ, ସ୍ୱା.: ଅର୍ଜ୍ଜୁନ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | କେନାଲ ସକାଶେ = ୦.୦୧୦, ଗୋଚର ପ୍ରତିବଦଳ = ୦.୫୫୦ |
| ୧୬ | ୫୧ | ୩୯୫<br>୪୧୪ | ବିଲ ଅଣଜଳସେଚିତ ଦୁଇ | ୦.୨୯୦<br>୦.୧୬୦ | ୦.୧୨୦<br>୦.୧୬୦ | ଖଲି ପ୍ରଧାନ, ପି.: ଉତ୍କଳ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | (୪୧୪) କେନାଲ ସକାଶେ = ୦.୦୩୦, ଗୋଚର ପ୍ରତିବଦଳ = ୦.୧୩୦ |
| ୧୭ | ୭୩ | ୩୫୩ | ବିଲ ଅଣଜଳସେଚିତ ଦୁଇ | ୦.୨୦୦ | ୦.୧୩୫ | ଜମ୍ଭୁ ବିଶୋଇ, ରାଧୁ ବିଶୋଇ, ବଙ୍ଗାଳି ବିଶୋଇ, ପି.: ଖଲି ବିଶୋଇ, ମହାଦେଈ ବିଶୋଇ, ସ୍ୱା.: ଖଲି ବିଶୋଇ, ତାରେଣି ବିଶୋଇ, ରମେଶ ବିଶୋଇ, ସରସ୍ୱତୀ ବିଶୋଇ, ଅନୁ ବିଶୋଇ, ଉରୁ ବିଶୋଇ, ପି.: ବାସୁ ବିଶୋଇ, କବିରାଜ ବିଶୋଇ, ପଞ୍ଚାନନ ବିଶୋଇ, ତ୍ରିଲୋଚନ ବିଶୋଇ, ବାବୁ ବିଶୋଇ, ଶୁଶିଳା ବିଶୋଇ, କୁମାରୀ ବିଶୋଇ, ଲଳିନୀ ବିଶୋଇ, ପି.: କାଶି ବିଶୋଇ, କୌତୁକି ବିଶୋଇ, ସ୍ୱା.: କାଶି ବିଶୋଇ, ଅରକ୍ଷିତ ବିଶୋଇ, ଧୋବଣୀ ବିଶୋଇ, ମଙ୍ଗୁଳି ବିଶୋଇ, ପି.: ରଘୁ ବିଶୋଇ, ଖୁଦି ବିଶୋଇ, ସ୍ୱା.: ରଘୁ ବିଶୋଇ, ଜା: କାଳଞ୍ଜି, ବା: ନିଜଗାଁ | |
| ୧୮ | ୭୫ | ୩୮<br>୩୯<br>୪୨<br>୪୩ | ବିଲ ଅଣଜଳସେଚିତ ଦୁଇ | ୦.୦୭୦<br>୦.୧୬୦<br>୦.୦୨୦<br>୦.୦୪୦ | ୦.୦୧୦<br>୦.୦୮୦<br>୦.୦୨୦<br>୦.୦୨୫ | କୁରିଆ ଜେନା, ତୁଳସା ଜେନା, ଗୁନି ଜେନା, ରାଧୁ ଜେନା, ପି.: ହାଡୁ ଜେନା, ସନ୍ତୋଷ ଜେନା, ମୁଷା ଜେନା, ପି.: ହନୁ ଜେନା, ଶଶି ଜେନା, ସ୍ୱା.: ହନୁ ଜେନା, ଜା: କାଳଞ୍ଜି, ବା: ନିଜଗାଁ | |
| ୧୯ | ୯୨ | ୫୯ | ପଦର | ୦.୩୨୦ | ୦.୦୫୦ | ତ୍ରିନାଥ ବିଶୋଇ, ପି.: ଗୁନା ବିଶୋଇ, ଜା: କାଳଞ୍ଜି, ବା: ନିଜଗାଁ | |
| ୨୦ | ୯୫ | ୩୬୩<br>୩୬୪<br>୪୪<br>୪୫<br>୩୬୨ | ବିଲ ଅଣଜଳସେଚିତ ଦୁଇ | ୦.୧୨୫<br>୦.୦୭୫<br>୦.୦୮୦<br>୦.୧୭୦<br>୦.୨୯୦ | ୦.୦୩୦<br>୦.୦୧୦<br>୦.୦୨୦<br>୦.୦୨୦<br>୦.୧୧୦ | ତୁଳସୀ ଜେନା, ସ୍ୱା.: ଜାରିଲି ଜେନା, ଜା: କାଳଞ୍ଜି, ବା: ନିଜଗାଁ | |
| ୨୧ | ୮୪ | ୫୬ | ପଦର | ୦.୨୦୦ | ୦.୦୫୫ | ଟିଣା ବିଶୋଇ, ସହଦେବ ବିଶୋଇ, ନକୁଳ ବିଶୋଇ, ଲଡୁ ବିଶୋଇ, ପଙ୍କଜ ବିଶୋଇ, ପି.: ଗଙ୍ଗା ବିଶୋଇ, ହେମ ବିଶୋଇ, ସ୍ୱା.: ଗଙ୍ଗା ବିଶୋଇ, ଜା: କାଳଞ୍ଜି, ବା: ନିଜଗାଁ | |
| ୨୨ | ୧୬୧ | ୬୦ | ପଦର | ୦.୩୩୦ | ୦.୦୫୦ | ରଙ୍କ ବିଶୋଇ, ସୁରେନ୍ଦ୍ର ବିଶୋଇ, ଗୌରା ବିଶୋଇ, ଚଞ୍ଚଳା ବିଶୋଇ, ବାସିନି ବିଶୋଇ, ପରି ବିଶୋଇ, ବଙ୍ଗାଳି ବିଶୋଇ, ଜୟନ୍ତି ବିଶୋଇ, ପି.: ଗଣପତି ବିଶୋଇ, କୁନ୍ଦନ ବିଶୋଇ, ସ୍ୱା.: ଗଣପତି ବିଶୋଇ, ଜା: କାଳଞ୍ଜି, ବା: ନିଜଗାଁ | |
| ୨୩ | ୨୧୪/୧୭୧ | ୪୮ | ପଦର | ୦.୨୦୦ | ୦.୦୭୫ | ରୋହିତ ବିଷୋୟୀ, ପି.: ନିରଞ୍ଜନ ବିଷୋୟୀ, ଜା: କାଳଞ୍ଜି, ବା: ବରମୁଣ୍ଡଳି | |
| ୨୪ | ୨୧୪/୧୭୦ | ୪୮/୧୫୯୬ | ପଦର | ୦.୨୦୦ | ୦.୦୭୫ | ରାଜୀବ ବିଷୋୟୀ, ପି.: ନିରଞ୍ଜନ ବିଷୋୟୀ, ଜା: କାଳଞ୍ଜି, ବା: ବରମୁଣ୍ଡଳି | |
| ୨୫ | ୨୧୪/୧୬୯ | ୪୮/୧୫୯୫ | ପଦର | ୦.୩୧୫ | ୦.୦୭୫ | ବିଶ୍ୱଜିତା ପାଠୀ, ସ୍ୱା.: ରାମକୃଷ୍ଣ ପାଠୀ, ଜା: ବ୍ରାହ୍ମଣ, ବା: ବରମୁଣ୍ଡଳି | |
| ୨୬ | ୨୧୪/୧୬୬ | ୩୫୨ | ବିଲ ଅଣଜଳସେଚିତ ଦୁଇ | ୦.୨୭୫ | ୦.୦୫୦ | କାମିନୀ ପ୍ରଧାନ, ସ୍ୱା.: ଅନିଳ କୁମାର ପ୍ରଧାନ, ଜା: କାଳଞ୍ଜି, ବା: ବରମୁଣ୍ଡଳୀ | |
| ୨୭ | ୭୬ | ୪୨୩<br>୪୨୨ | ବିଲ ଅଣଜଳସେଚିତ ଦୁଇ | ୦.୨୨୦<br>୧.୧୫୦ | ୦.୦୨୦<br>୦.୧୩୦ | କୁରିଆ ପ୍ରଧାନ, ପି.: ଉମ୍ବ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | |
| | | | | ମୋଟ | ୩.୨୬୫ | ଏକର | |

Sd./– Spl. L.A.-cum-R&R.O. (M.I.P.)
Mahendragada (Gajapati)

OIPR:

# ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଏଲ୍‌ଆଇସିର ଷ୍ଟଲ୍

ଭୁବନେଶ୍ୱର,୧୬।୧୧

ନୂଆଦିଲ୍ଲୀରେ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଏଲ୍‌ଆଇସିର ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ଉତ୍ତରାଞ୍ଚଳର ଜୋନାଲ ମ୍ୟାନେଜର୍ ଜେ.ପି.ଏସ. ବଜାଜ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏଲ୍‌ଆଇସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ୧୪ ଦିନିଆ ଅବଧିରେ କର୍ପୋରେଶନର ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ଏବଂ ଏଜେଣ୍ଟ ଭାବରେ ନିଯୁକ୍ତି ପାଇଁ କ୍ୟାରିଅର୍ ସୁଯୋଗ ଉପଲବ୍ଧ ହେବ। ଏଲ୍‌ଆଇସିର ଇ-ସେବା ଏବଂ ଅନ୍ୟାନ୍ୟ ଅନଲାଇନ ସେବା ସମ୍ବନ୍ଧରେ ମଧ୍ୟ ସୂଚନା ପ୍ରଦାନ କରାଯିବ। ଏଲ୍‌ଆଇସି କାଗଜହୀନ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସ ଜାରି ରଖିଛି। ପଲିସିଧାରୀମାନେ ବିଭିନ୍ନ ଅନଲାଇନ ମୋଡ ମାଧ୍ୟମରେ ପ୍ରିମିୟମ ପୈଠ କରିପାରିବେ। ଗ୍ରାହକମାନେ ଏଲ୍‌ଆଇସି ୱେବସାଇଟ ପରିଦର୍ଶନ କରି ଭର୍ଚୁଆଲ ଆସିଷ୍ଟାଣ୍ଟ ଏଲ୍‌ଆଇସି ମିତ୍ର ମାଧ୍ୟମରେ ନିଜ ପଲିସି ସମ୍ବନ୍ଧରେ ସୂଚନା ପାଇପାରିବେ। ବିକଳ୍ପ ଭାବରେ ସେମାନେ ୦୨୨-୬୮୨୭୬୮୨୭ ଡାଏଲ କରି ଆଇଭିଆରଏସ ମାଧ୍ୟମରେ ଏହି ସୂଚନା ପାଇପାରିବେ। ସମସ୍ତ ପଲିସିଧାରୀ ଏଲ୍‌ଆଇସି ହ୍ୱାଟ୍‌ସଆପ ନମ୍ବର ୮୯୭୬୮୬୨୦୯୦ ମାଧ୍ୟମରେ ନିଜ ପଲିସିର ସୂଚନା ଏବଂ ସେବା ପାଇଁ ଯୋଗାଯୋଗ କରିପାରିବେ। ସୂଚନା ଥାଉକି, ଏଲ୍‌ଆଇସି ଚଳିତ ବର୍ଷ ନିଜର ୬୯ତମ ବାର୍ଷିକୀ ପାଳନ କରୁଛି। ଦେଶର ଏକ ପ୍ରମୁଖ ଆର୍ଥିକ ସଂସ୍ଥା ଭାବରେ ଏହା ବହୁ ସଂଖ୍ୟକ ଲୋକଙ୍କର ବୀମା ଆବଶ୍ୟକତା ପୂରଣ କରିଛି। ବୀମା ସହିତ ଏଲ୍‌ଆଇସି ଏଲ୍‌ଆଇସି ଗୋଲ୍ଡେନ ଜୁବିଲି ଫାଉଣ୍ଡେଶନ ମାଧ୍ୟମରେ ଶିକ୍ଷା, ଚିକିତ୍ସା ଏବଂ ଅନ୍ୟାନ୍ୟ ସାମାଜିକ ସେବା ପ୍ରତି ଯୋଗଦାନ କରି ନିଜର ସାମାଜିକ ଦାୟିତ୍ୱ ପାଳନ କରୁଛି।

# ଓଡ଼ିଶାର ଯୁବକ ପାଇବେ ବିଶ୍ୱସ୍ତରୀୟ ଦକ୍ଷତା ତାଲିମ

ଭୁବନେଶ୍ୱର,୧୬।୧୧(ଅନୁରାଧା ମହାରଣା)

ଓଡ଼ିଶାର ଯୁବକମାନଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ତାଲିମ ପ୍ରଦାନ କରିବା ପାଇଁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ (ଓଏଚ୍‌ପିସି) ଓଡ଼ିଶାର ୫ଟି ଜିଲାର ଯୁବକମାନଙ୍କୁ ଉନ୍ନତ ଦକ୍ଷତା ତାଲିମ ପ୍ରଦାନ କରିବା ପାଇଁ ଏହାର ସିଏସ୍‌ଆର ପଦକ୍ଷେପ ଅଧୀନରେ ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ର (ଡବ୍ଲ୍ୟୁଏସ୍‌ସି) ସହିତ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସିଏସ୍‌ଆର ପଦକ୍ଷେପ ଅଧୀନରେ ଓଏଚ୍‌ପିସି ଅନୁଗୋଳ, କୋରାପୁଟ, କଳାହାଣ୍ଡି, ମାଲକାନଗିରି ଏବଂ ସମ୍ବଲପୁର ଜିଲାର ୬୦ ଜଣ ସାମାଜିକ ଦୁର୍ବଳଶ୍ରେଣୀର ଛାତ୍ରଙ୍କୁ ତାଲିମ ପ୍ରଦାନ କରିବ। ମନୋନୀତ ପ୍ରାର୍ଥୀମାନଙ୍କୁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ସୌନ୍ଦର୍ଯ୍ୟ ଏବଂ ସୁସ୍ଥତା, ଭର୍ଟିକାଲ ପରିବହନ,



ପ୍ରିସିସନ ଇଞ୍ଜିନିୟରିଂ, ମେକାନିକାଲ ଏବଂ ବୈଦ୍ୟୁତିକ ସେବା, ବୈଦ୍ୟୁତିକ ପ୍ରଯୁକ୍ତିବିଦ୍ୟା ଏବଂ ଏସି ଏବଂ ରେଫ୍ରିଜରେଶନ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବର୍ଷକିଆ ତାଲିମ ଦିଆଯିବ। ଏହି ପ୍ରମୁଖ ପାଠ୍ୟକ୍ରମଗୁଡ଼ିକ ସମନ୍ୱିତ ଶିକ୍ଷା, ଅତ୍ୟାଧୁନିକ ସୁବିଧା ଏବଂ ଉତ୍ତମ ଶିକ୍ଷାର୍ଥୀ ପରିଚାଳନା ମାଧ୍ୟମରେ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବ। ଓଏଚ୍‌ପିସି ପକ୍ଷରୁ ଏହାର ନିର୍ଦ୍ଦେଶକ (ମାନବ ସମ୍ବଳ) ସନ୍ଦୀପ ପଟ୍ଟନାୟକ ଓ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଏସ୍‌ଡି ଏବଂ ଟିଇ ବିଭାଗ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ, ଓଏଚ୍‌ପିସିର ବରିଷ୍ଠ ଅଧିକାରୀ ନିର୍ଦ୍ଦେଶକ (ଅର୍ଥ) ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ (ଅପରେଶନ) ଅମୀୟ କୁମାର ମହାନ୍ତି, ମୁଖ୍ୟ ମହାପ୍ରବନ୍ଧକ (ମାନବ ସମ୍ବଳ) ଅନିମା ତ୍ରିପାଠୀ ଏବଂ ଉପ ମହାପ୍ରବନ୍ଧକ (ମାନବ ସମ୍ବଳ) ମନୋଜ କୁମାର ମହାନ୍ତି, ଟି. ଥାମ୍ପିରାଜା, ଜିତମିତ୍ରା ଶତପଥୀ, ପିଟିଆନ ଆଣ୍ଟୋନିସାମି ଏବଂ ଲିମ ଲାଇ ସୁନଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି।

# ଜିଲାସ୍ତରୀୟ 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୬।୧୧

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆର୍ଥିକ ସେବା ବିଭାଗ ନିର୍ଦ୍ଦେଶକ୍ରମେ ଜିଲାସ୍ତରୀୟ 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ଶୀର୍ଷକ ଏକ ସଚେତନତା ଶିବିର ସାରଳା ଭବନ କଟକ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆର୍‌ବିଆଇର ମହାପ୍ରବନ୍ଧକ ଅନିତା ପଟ୍ଟନାୟକ, ରାଜ୍ୟ ବ୍ୟାଙ୍କର୍ସ କମିଟି ଆବାହକ ଓ ୟୁକୋ ବ୍ୟାଙ୍କ ମୁଖ୍ୟ ମହାପ୍ରବନ୍ଧକ ଗୌତମ ପାତ୍ର, କଟକ ଆଞ୍ଚଳିକ କାର୍ଯ୍ୟାଳୟ ୟୁକୋ ବ୍ୟାଙ୍କ ମୁଖ୍ୟ ବର୍ଷା ଏବଂ ବ୍ୟାଙ୍କ ପ୍ରବନ୍ଧକ ସତ୍ୟରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଏହି ସଭାରେ ଏଲଆଇସିର ଅଧିକାରୀ ବହୁଦିନ ଧରି ପଡ଼ିରହିଥିବା ପଲିସି କିପରି ଫେରିପାଇବେ ସେ ବିଷୟରେ ସୂଚନା ଦେଇଥିଲେ। ଆର୍‌ବିଆଇର କଟକ ଜିଲା ଅଧିକାରୀ ରାହୁଲ କାନ୍ତ, ରାଜ୍ୟ ବ୍ୟାଙ୍କର୍ସ କମିଟି ପ୍ରଭାରୀ ଲିଙ୍ଗରାଜ ନାୟକ, ବରିଷ୍ଠ ପ୍ରବନ୍ଧକ ସୁକାନ୍ତ ଛାଟୋଇ, ଉପଅଞ୍ଚଳ ପ୍ରବନ୍ଧକ ବିଭୁତି ଭୂଷଣ ବେହେରା, ପ୍ରବନ୍ଧକ ଅବିନାଶ ସେଠୀ, ବରିଷ୍ଠ ପ୍ରବନ୍ଧକ ସଞ୍ଜୟ ବେହେରା, ସହାୟକ ପ୍ରବନ୍ଧକ ନିବେଦନ ପଟ୍ଟନାୟକ ପ୍ରମୁଖ ପ୍ରମୁଖ ଯୋଗ ଦେଇଥିଲେ।

# ମିଟ୍ସ ମେଗା ଫୁଡ୍ ପାର୍କ ପରିଦର୍ଶନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ରାୟଗଡ଼ା,୧୬।୧୧(ଆଶିଷ ରଞ୍ଜନ ପଣ୍ଡା)

ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ରାୟଗଡ଼ା ଜିଲା କୋଲନରା ବ୍ଲକ ଭୁଜବଳସ୍ଥିତ ମିଟ୍ସ କଲେଜ ଓ ମେଗା ଫୁଡ ପାର୍କ ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ସେଠାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ଏଥିସହ ଉପସ୍ଥିତ ଥିବା ଅଧିକାରୀଙ୍କ ସହ ସ୍ଥାନୀୟ ନିଯୁକ୍ତି ସୃଷ୍ଟି, ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ ଓ ପରିସଂଖ୍ୟାନ ଅବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ମିଟ୍ସ ଗ୍ରୁପ୍ ଦ୍ୱାରା କୃଷିଭିତ୍ତିକ ଶିଳ୍ପ ସୁଦୃଢ଼ କରିବା ଓ ସ୍ଥାନୀୟ ଯୁବକଙ୍କୁ କୌଶଳ ବିକାଶରେ ସହଯୋଗ ଦେବା ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଫୁଡ୍ ପାର୍କ ପରିଦର୍ଶନ ପରେ ଅତିଥିମାନେ ମିଟ୍ସ ଅଡିଟୋରିଅମରେ ବନ୍ଦେ




ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମିଟ୍ସ ଗ୍ରୁପର ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ସିଇଓ ଶ୍ରୀରାମ ପଣ୍ଡା, ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା, ନିର୍ଦ୍ଦେଶକ ଡ. ସି.ଭି..ଗୋପୀନାଥ, ଡିନ୍ ଡ.ଶାନ୍ତନୁ ମହାନ୍ତି, ଅଧ୍ୟକ୍ଷ ପ୍ରଫେସର ରାମାନୁଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦକ୍ଷିଣ ଓଡ଼ିଶାର ଗ୍ରାମୀଣ ଓ ଜନଜାତୀୟ ଅଞ୍ଚଳରେ ଗୁଣବତ୍ତା ପୂର୍ଣ୍ଣ ଶିକ୍ଷା, କୌଶଳ ବିକାଶ ଓ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଦିଆଯାଉଥିବା ଶିକ୍ଷାଦାନକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦୦ ଛାତ୍ରୀଛାତ୍ର, ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ କଲେଜର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ମିଟ୍ସ ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁରକ୍ଷିତ ଡିଜିଟାଲ୍ କାରବାର ପାଇଁ ସ୍ମାର୍ଟ ଅଭ୍ୟାସକୁ ଗୁରୁତ୍ୱ

ଭୁବନେଶ୍ୱର,୧୬।୧୧

ଭାରତରେ ୟୁପିଆଇ ଏବଂ କାର୍ଡ ପେମେଣ୍ଟରୁ ଇ-କମର୍ସ ପ୍ଲାଟଫର୍ମ ଏବଂ ଖୁଚୁରା ଆଉଟଲେଟର ବର୍ଦ୍ଧିତ ବ୍ୟବହାର ଦେଖିବାକୁ ମିଳୁଛି। ତେବେ ବଢୁଥିବା ଡିଜିଟାଲ କାରବାର ସହ ଡିଜିଟାଲ ଠକେଇ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏ ପରିପ୍ରେକ୍ଷୀରେ ସୁରକ୍ଷିତ ଡିଜିଟାଲ କାରବାର ପାଇଁ ସ୍ମାର୍ଟ ଅଭ୍ୟାସକୁ ଏସବିଆଇ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଅନ୍ତର୍ଜାତୀୟ ଠକେଇ ସଚେତନତା ସପ୍ତାହର ଏକ ଅଂଶ ଭାବରେ ଏସବିଆଇ କାର୍ଡ, ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ଆର୍ଥିକ କାରବାରରେ ସତର୍କ ରହିବାକୁ କିଛି ଟିପସ୍ ପ୍ରଦାନ କରିଛି। ଏସବିଆଇ ପକ୍ଷରୁ ଦିଆଯାଇଦିବା ସଚେତନତା ବାର୍ତ୍ତା ମଧ୍ୟରେ କେବଳ ବିଶ୍ୱସ୍ତ ପ୍ଲାଟଫର୍ମରୁ କିଣାକିଣିକୁ ପ୍ରୋତ୍ସାହିତ କରାଯାଇଛି। ସନ୍ଦିଗ୍ଧ ଆଟାଚମେଣ୍ଟ ଉପରେ କ୍ଲିକ୍ ନକରିବାକୁ ପରାମର୍ଶ ଦିଆଯାଇଛି। ବ୍ୟକ୍ତିମାନେ ସେମାନଙ୍କର ଡିଭାଇସ୍ ଯେପରିକି ଲାପଟପ୍, ଡେସ୍କଟପ୍ ଏବଂ ମୋବାଇଲ୍ ଫୋନର ସ୍କ୍ରିନ୍ କୌଣସି ଅଜଣା ବ୍ୟକ୍ତିଙ୍କ ସହିତ ଶେୟାର ନକରିବାକୁ କୁହାଯାଇଛି। ଅବାସ୍ତବ ରିହାତି, ରିଫଣ୍ଡ ବିଜ୍ଞପ୍ତି ଏବଂ ଠକେଇ ଡିଲ୍ ପ୍ରତି ସତର୍କ ରହି ପେମେଣ୍ଟ କରିବା ପୂର୍ବରୁ ବ୍ରାଣ୍ଡ ସହିତ ସିଧାସଳଖ ଅଫର୍ ଯାଞ୍ଚ କରିବାକୁ କୁହାଯାଇଛି।


## OFFICE OF MUNICIPAL COUNCIL, BHAWANIPATNA

Dist.: Kalahandi, PIN - 766001, Odisha, Phone No.: (06670) 230424
eobptm@yahoo.com

No. 3603/BPM Dt.15.11.2025

### QUOTATION CALL NOTICE

No. C-1487: Sealed quotations is invited from registered contractors/ registered firms for hiring of Drivers and Helpers for Door to Door collection vehicle. Interested and eligible service providers are requested to submit their quotations under the terms and conditions mentioned below. The quotation to be received on or before 28.11.2025 at 11.00 A.M. and it will opened on same day at 4.00 P.M. in presence of the agency or his authorized representatives if any. If date of opening falls on Holiday, then the next working date will be treated as date of opening at the same time.

**Scope of Work:**
1. Deployment of 11 Drivers for operating Door-to-Door (DTD) Collection Vehicles.
2. Deployment of 11 Helpers to assist in daily municipal solid waste collection activities.
3. Personnel must be punctual, disciplined and physically fit to perform daily waste collection duties.

**Eligibility Criteria:**
1. The service providers must have 5 years of experience in providing similar manpower services.
2. The agency must be a registered manpower service provider with valid GST, PAN and Labour licence.
3. The manpower service must provide proof of compliance with statutory obligations such as EPF, ESI and labour welfare regulations.
4. The agency must not be blacklisted by any Government authority (self-declaration to be submitted).

**Documents to be submitted:**
• Copy of Registration Certificate of the agency. • GST Registration Certificate • PAN Card • Valid Labour License • Experience Certificates • Quotation in the prescribed format with rate per Driver and Helper (monthly)

**Submission of Quotation:** Interested agencies may submit there sealed quotations in the office of the undersigned during office hours on or before 28.11.2025 by 11.00 A.M. Quotations will be opened on the next working day at 4.00 P.M. in presence of the bidders or their authorized representatives.

**Terms & Conditions:**
1. The Municipality reserves the right to reject any or all quotations without assigning any reason thereof.
2. Engagement will be purely on an outsourcing basis.
3. Payment will be made monthly based on satisfactory performance and attendance.

| Sl. No. | Approximately Requirements | Per Person | Rate Offered (In Figure) | Rate Offered (In Words) |
|---|---|---|---|---|
| 1 | Providing Manpower i.e. Drivers and Helpers for 10 Numbers of Door to Door Collection Vehicles. | | | |

The authority reserve the rights to reject any or all tender without assigning any reason thereof. Selection will be made basing on the previous experience and performance since last three years.

OIPR- Sd./- Executive Officer, Bhawanipatna Municipality



## ODISHA LIFT IRRIGATION CORPORATION LTD.

(A Govt. of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, SUNDARGARH

No.CAD-2276

E-mail I.D - eeolicsngh@gmail.com

**NATIONAL COMPETITIVE BIDDING THROUGH E-PROCUREMENT**

**Identification No. EEOLICSNGH-01 /2025-2026, Dt. 11.11.2025**

1. The Executive Engineer, Lift Irrigation Division, SUNDARGARH representing ODISHA LIFT IRRIGATION CORPORATION LIMITED, BHUBANESWAR invites percentage Rate bids in online mode for Revival & Reinforement of 20Nos. defunct & old operable LI Projects in 8 packages under different Blocks of Sundargarh Dist. under State Plan 2024-25 grant from reputed Contractors/Firms having valid "D" & "C" Class Civil contractor license from State PWD/PHED/RWSS/ Irrigation/ Rural works or equivalent grade of CPWD/Railway along with valid HT license issued by E.L.B.O, Odisha with vendor code from Tata Power (TPCODL/TPSODL/TPNODL/TPWODL) and valid joint venture agreement should be made between Civil and Electrical License. In case of separate license, where Civil License holder will be treated as prime contractor the joint venture agreement to be done before the Executive Magistrate/Sub-Registrar at District Registrar/Sub-Registrar Office complying with the terms and conditions having registered in the State Portal and possessing compatible digital signature certificate for online bidding and having valid PAN,GST. The bidder having only PWD license without Joint venture with H.T.License will participate where no Electrification work required as mentioned against the Packages. The compatible digital signature certificate of PWD license holder should be used for on line biding. The Defaulter Contractors are not allowed to participate in this Tender. Defaulter means:-Those contractors whose performance is not satisfactory & who have not completed the spillover projects, as well as other site dispute etc. but the work delayed due to negligence of the Contractor if any such Contractor submits the bids then his bids may be disqualified as per the decision of the tender committee. Final bill will be paid after completion and trial run of the project minimum five days within the hand over to Pani Panchayat and TPWODL.
2. Work Experience certificate must be required in execution of similar nature of work.
3. All the prevailing codal procedures approved by the Government and to be amended within the period of publication of this Notice and date of receipt tender, will be considered for evaluation of the tender.
4. The authority reserves the right to increase or decrease the quantity of work, accept or reject any or all the Tenders without assigning any reason thereof.
5. Name of the District Sundargarh.
6. Name of the Division - L.I. Division, SUNDARGARH
7. Name of the Block-Hemgir, Lefripada, Subdega, Balisankara, Badgaon, Kutra, Tangarpali, Sundargarh.
8. No.of L.I.Projects:-( 20 nos.Lift Irrigation Projects in 8 Packages) (State Plan 2024-25).
9. Cost of Tender varies from 8.76 lakhs to 15.59 lakhs (approx)
10. E.M.D.to be deposited (1% of Tender value)
11. Cost of Tender paper(mentioned in the notice) + GST @18% on tender paper will be paid by the buyer directly in online mode only through e-portal
12. Date & Time of publication:17.11.2025 at 10.00AM
13. Last Date & time of seeking clarification on dt.21.11.2025 upto 5.00 PM
14. Closing Date & Time :-25.11.2025 upto 5.00 PM
15. Opening Date & Time of-26.11.2025 at 11.00 AM
16. Class of Contractor- "D" & "C" (as detailed in DTCN)
17. Completion period- 60 & 90 days.
18. The Annexures and Schedules format in DTCN must be filled up by the Contractor and should be uploaded with the bid documents. Contractors who will participate in the e-Tender, they should make joint venture agreement, to be done before the Executive Magistrate/Sub-Registrar at District Registrar/Sub-Registrar Office.

Subsequent corrigendum if required shall be available in e-procurement portal

OIPR- Sd./- Er. Niranjan Naik, Executive Engineer, L.I. Division, Sundargarh



## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E-Mail ID : serwcbaripada@gmail.com, Ph. No. - 06792-261343/261344
Gangraj, Baripada

**Office Order No. : 5216/Dt.14.11.2025//**

**2nd Corrigendum to National Competitive Bidding e_procurement Notice No.4738/Road work Dt.15.10.2025 (NCB No.-394)**

**No.O-1484** : Due to unavoidable circumstances the important dates of tendering process for road works are being changed as follows.

| Sl. No. | Item | Time Schedule as per original NCB | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 15.11.2025 at 11.00 AM to 04.12.2025 up to 5.00 PM | 06.12.2025 at 11.00 A.M. to 23.12.2025 up to 05.00 P.M. |
| 2 | Date and Time of seeking tender clarification if any | 03.12.2025 up to 5.00 PM | 22.12.2025 up to 5.00 P.M. |
| 3 | Date & Time of opening of Technical Bid | 05.12.2025 at 11.00 AM | 24.12.2025 at 11.00 A.M. |
| 4 | Date & Time of opening of Financial Bid | Will be intimated later | Will be intimated later |

All other terms and conditions remain unchanged.

OIPR- Sd./- Er. A.K Naik, Chief Construction Engineer, RW Circle, Baripada



## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

e-mail : serwsbd2003@yahoo.com

Letter No. : 5842 Date : 14.11.2025

**1st Corrigendum**

**No.O-1481** : In continuation to this office Bid Identification No. CCERWCSBD-Online-20/2025-26 invited vide this office Notice No.3539 Dtd.23.09.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per 1st Corrigendum notice |
|---|---|---|---|
| 1 | Availability of Tender online for bidding | 16.10.2025 at 11.00 AM to 14.11.2025 up to 5.00 PM | Extended up to 05.12.2025 5.00 P.M. |
| 2 | Date and Time of seeking tender clarification if any | 13.11.2025 up to 2.00 PM | 04.12.2025 up to 2.00 P.M. |
| 3 | Date & Time of opening of tender (Technical Bid) | 15.11.2025 at 11.00 AM | 06.12.2025 at 11.00 A.M. |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

OIPR- Sd./- Chief Construction Engineer, RW Circle, Sunabeda



## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR

No.O-1480

**1st Corrigendum Notice**
**No.3408, dated. 14.11.2025**

The 1st Corrigendum to the Bid Identification No. **BLGR-Online-32/2025-26**, the Revised Estimated Cost, EMD amount and Date & Time are as follows :

| Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|
| From | To | | Technical Bid | Financial Bid |
| 1 | 2 | 3 | 4 | 5 |
| 07.11.2025 at 11.00 A.M. | 28.11.2025 upto 5.00 P.M. | 27.11.2025 upto 5.00 P.M. | 29.11.2025 at 11.00 A.M. | The date will be intimated later on |

N.B. - All other terms and conditions remain unchanged.

OIPR- Sd./- Chief Construction Engineer, R.W. Circle, Bolangir



## GOVERNMENT OF ODISHA OFFICE OF THE EXECUTIVE ENGINEER, P.H. DIVISION, BALASORE

Phone : 9438660004, e-mail : eephbls@gmail.com

**NATIONAL COMPETITIVE BIDDING THROUGH e-Procurement (Online Mode)**

**Invitation for Bids (IFB) dt.12.11.2025**

**No.C-1479** : The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Double Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Period of Completion | Availability of bid documents for online bidding: From | Availability of bid documents for online bidding: To | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| 1 | Supply, Installation Testing & Commissioning of DG Sets (CPCB IV + GEN set with AMF Pannel) with Movable Trolley including shed for Jaleswar Town | SEPHBLS-27 dt.12.11.2025 | 64.12 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. of dt.03.12.2025 | 17:00 Hrs. of dt.28.11.2025 | 11:00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

**Name and Address of the officer inviting bid : The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**

OIPR- Sd./- Superintending Engineer, P.H.Division, Balasore



## GOVT. OF ODISHA OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR

E-Mail: eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**Online - 12/EE/RW/AND/2025-26**

**Construction of 4 Nos. Additional Clas Room & 3 Nos. Toilet of Kushaleswar Anchalika Mahavidyalaya, Rekutia**

No. 6969 Date: 07.11.2025

No. O-1401: Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Building work through e-Procurement as per annexure in Double Cover System. The bid should be submitted Online in the website **www.tendersorissa.gov.in** by eligible class of contractors having legal competency & expertise, registered with the State Government & contractors of equivalent grades/class registered with Central Govt./MES/Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender Online for Bidding: From | Availability of Tender Online for Bidding: To | Last date & time of seeking tender clarification | Date & time of opening of tender in O/o. the S.E., R.W. Division, Anandapur (Double Cover): Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 12/EE/RW/ AND/2025-26 | Dt.15.11.25 at 10.00 A.M. | Dt.21.11.25 upto 5.30 P.M. | Dt.20.11.25 upto 5.30 P.M. | Dt.24.11.25 at 11.30 A.M. | Will be intimated later |

OIPR- Sd./- Executive Engineer, R.W. Division, Anandapur



## OFFICE OF THE SUPERINTENDING ENGINEER POTTERU CANAL DIVISION, M.V-79

No.A-886

e-mail id : eepcdbhuba65@gmail.com

**e-Procurement Notice No. SE-PCD-MV79-03/2025-26**

1. Type of Works : System Improvement works, 2. Total No. of Works : Twenty Six (26) Nos., 3. Estimated Cost : Varies from Rs.5.43 Lakhs to Rs.25.20 Lakhs, 4. Period of Completion : 90 (Ninety days).

| Procurement Officer | Bid Identification No. | Bid Amount (Rs. In Lakhs) | Availability & Submission of Bids-online |
|---|---|---|---|
| Superintending Engineer, Potteru Canal Division, M.V.-79, Malkangiri | SE-PCD-MV79-03(I)/2025-26 to SE-PCD-MV79-03(26)/2025-26 | varies from Rs.5.43 Lakhs to Rs.25.20 Lakhs | from 17.11.2025 10.00 A.M. to 26.11.2025 5.00 P.M. |

Date of opening of the Tender / Bid : 27.11.2025 at 11.00 A.M.
Further details can be seen from the Govt. Website www.tendersorissa.gov.in

OIPR- Sd./- Superintending Engineer, Potteru Canal Division, M.V-79



## ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜଗତ୍‌ସିଂହପୁର

ବିଜ୍ଞାପନ ସଂଖ୍ୟା: 4487 ତା: 15.11.2025

### ଜମି ନିଲାମ ବିଜ୍ଞପ୍ତି

No. F-86: ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧୀଶକାରୀ ଜଗତ୍‌ସିଂହପୁରଙ୍କ Execution Case No. 01/2016 (arising out of Certificate Case No. 1/2015)ର ଆଦେଶ ମୁତାବକ ସୌଭାଗ୍ୟ ରଞ୍ଜନ ନାୟକ, ପି.: ନବକୃଷ୍ଣ ନାୟକ ଓ ସଞ୍ଜୀବ କୁମାର ନାଥ, ପି.: ନିତ୍ୟାନନ୍ଦ ନାଥଙ୍କଠାରୁ ଦେୟ ଟ.୧,୦୭,୧୬,୮୧୭.୦୦ଙ୍କା (ଏକ କୋଟି ସାତ ଲକ୍ଷ ଷୋଳ ହଜାର ଆଠଶହ ସତର ଟଙ୍କା) ମାତ୍ର ଆଦାୟ ନିମନ୍ତେ ନିମ୍ନ ଲିଖିତ ତଫସିଲ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଅଛି।
ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା୧୭।୧୨।୨୦୨୫ରିଖ ଦିବା ୧୧ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ ତିର୍ତ୍ତୋଲଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ମୌଜା | ଖାତା ନଂ. | ପ୍ଲଟ ନମ୍ବର | ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|
| ଗୋବିନ୍ଦ ମାହାନ୍ତି | ୩୮୧ | ୫୧୯ | ୦.୯୭ | ଘରବାରି | ସୌଭାଗ୍ୟ ରଞ୍ଜନ ନାୟକ, ପି. ନବକୃଷ୍ଣ ନାୟକ, ଜା: କ୍ଷିତି ବଂଶ, ବା: ତେରମାଣପୁର, |
| | | ୮୯୨ | ୦.୫୦ | ଘରବାରି | ସଞ୍ଜୀବ କୁମାର ନାଥ, ପି.: ନିତ୍ୟାନନ୍ଦ ନାଥ, ଜା: ଯୋଗୀ, ବା: କୁଜଙ୍ଗ, ଥା: କୁଜଙ୍ଗ |

OIPR: ସ୍ୱା./- ତହସିଲଦାର, ତିର୍ତ୍ତୋଲ



## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK

No.O-1447

e-mail : serw_ctc@yahoo.com

No. Tender Online RWC-25/2025 **e-Procurement NOTICE** Letter No. 4139 Date : 11.11.2025

1. **Name of the work** : Construction of **Road & Bridge works**
2. **Class of contractor**
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last Date & Time of seeking tender clarification | Date & Time of opening of tender: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-25/25 | 18.11.2025 at 11.30 A.M. | 09.12.2025 up to 05.00 P.M. | 09.12.2025 up to 02.00 P.M. | 10.12.2025 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**

OIPR- Sd./- Chief Construction Engineer, Rural Works Circle, Cuttack



## OFFICE OF THE NOTIFIED AREA COUNCIL, NILGIRI, DIST.: BALASORE

Ph.: 06782-233259, e-Mail ID: nilgirinac.balasore@gmail.com

Notice No. 4018 Date: 15.11.25

### DETAIL SHORT TENDER CALL NOTICE No. 10/25-26

No. C-1488: Short tender in confirming with DTCN to be eventually drawn up in PWD p2 form are hereby invited by the undersigned in percentage rate basis from the registered contractors of Nilgiri N.A.C. for execution of the works as detailed below under OC Grant/Available Funds in the following table. Tender documents consisting plan, specification, schedule of quantities and the set of terms and conditions of the contract and other necessary documents can be had from the Office on application and payment of cost of tender documents (non-refundable) as specified below in any working days during office hour and enclose the money receipt with the tender paper.
Sale of Tender paper from Dt. 17.11.2025 to Dt.11.11.2025 on office hour.
Date of receive of tender paper upto: Dt. 25.11.2025, upto 3.00 P.M.
Date of opening of tender paper: The tender will be opened on Dt.25.11.2025 at 3.30 P.M.
Earned money @ 1% of the estimated cost is to be deposited by the tender's in shape of N.S.C./KVP/POTD/Bank F.D. duly pledged in favour of Exeuctive Officer, Nilgiri N.A.C. with the tender paper. Another 1% will be deposited by the successful bidder as I.S.D. before execution of agreement. Additional performance security will be deposited by the bidders beyond 10% less of the estimated cost along with the tender paper in shape of NSC/ FD of any Nationalized Bank duly pledged in favour of Executive Officer N.A.C., Nilgiri when the bid amount is seriously unbalanced i.e. less than the estimated cost by more than 10%. Tenders submitted without copies of valid contractor licence, PAN Card & GST Clearance Certificate, affidavit towards no relation certificate with the office bearers and certificate on execution of similar type of work executed by the tenderer etc. will be liable for rejection. The undersigned is reserves the right to reject and cancel any or all the tenders without assigning any reason thereof. Rate quoted more than 14.99% less is liable for rejection.

**"Details of Work"**

| Sl. No. | Name of the Work | Approx. Estimated Cost | EMD to be deposited @ 1% of estimated cost | ISD to be deposited @ 1% of estimated cost | Cost of tender paper with GST | Class of Contractor | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Drain Slabs from Church to Radha Mahalik house in W.N. 08 under Nilgiri N.A.C. | 1,69,491/- | 1,694/- | 1,694/- | 600/- | C & D | 30 days |
| 2 | Construction of Drain Slabs from Aswasta Chhaka to Rasananda Barik house in W.N. 09 under Nilgiri N.A.C. | 1,69,491/- | 1,694/- | 1,694/- | 600/- | C & D | 30 days |
| 3 | Construction of Drain Slabs from Baya Das house to Budhia Shop in W.N. 10 under Nilgiri N.A.C. | 1,69,491/- | 1,694/- | 1,694/- | 600/- | C & D | 30 days |
| 4 | Construction of Drain Slabs from Santan Behera house to Ghania Shop & Sashikanta Behera house to Tubewell in W.N. 11under Nilgiri N.A.C. | 1,69,491/- | 1,694/- | 1,694/- | 600/- | C & D | 30 days |
| 5 | Construction of Drain Slabs from Narendra Gochayat house to LI point in W.N. 12 under Nilgiri N.A.C. | 1,69,491/- | 1,694/- | 1,694/- | 600/- | C & D | 30 days |
| 6 | Construction of Drain Slabs near Rabi Samal house & Mahadev Mandir to Patra Sahi Bridge in W.N. 13 under Nilgiri N.A.C. | 1,69,491/- | 1,694/- | 1,694/- | 600/- | C & D | 30 days |

OIPR- Sd./- Executive Officer, N.A.C., Nilgiri

# ବିକଶିତ ଜିଲ୍ଲାର ଅବିକଶିତ ଗାଁ କାନପୁର


କାନପୁର ଗ୍ରାମର ଏକ ପରିବାର ଘର ଉପରେ ପଲିଥିନ ପକାଇ ରହିଛନ୍ତି।

■ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାଲଟିଛି ସାତ ସପନ

■ ଭାରରେ ବୁହା ହେଉଛନ୍ତି ରୋଗୀ

**ଯାଜପୁର ଟାଉନ,୧୬।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଖଣି, ଖାଦାନ ଭରା ଯାଜପୁର ଜିଲା ଏବେ ବିକାଶ ପଥେ ଆଗେଇ ଚାଲିଛି। ଜିଲାର ଉନ୍ନତୀକରଣ ନିମନ୍ତେ ବିପୁଳ ଟଙ୍କା ବ୍ୟୟ କରାଯାଇ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ହକି ଷ୍ଟାଡିୟମ, ଇନ୍‌ଡୋର ଷ୍ଟାଡିୟମ, ଆଉଟ୍ ଡୋର ପ୍ଲେ ଗ୍ରାଉଣ୍ଡ ନିର୍ମାଣ କରାଯାଇଛି। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ପ୍ରତି ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। କିନ୍ତୁ ବିକଶିତ କହୁଥିବା ଏହି ଜିଲାରେ ଏବେ ବି ବହୁ ଗାଁ ଅବିକଶିତ ହୋଇ ପଡ଼ିରହିଛି। ସେମିତି ଏକ ଗ୍ରାମ ହେଉଛି କାହ୍ନୁପୁର ବା କାନପୁର ଗାଁ। ଏହି ଗାଁ ଯାଜପୁର ବ୍ଲକର ଏରବାଙ୍କ ପଞ୍ଚାୟତରେ ଅବସ୍ଥିତ। ଦେଶ ସ୍ୱାଧୀନତାକୁ ୭୯ ବର୍ଷ ବିତିଗଲାଣି ମାତ୍ର ଗାଁରେ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳର ସୁବିଧା କରାଯାଇନାହିଁ। ଏସମସ୍ତ ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ପାଖାପାଖି ୫୦ଟି ପରିବାରର ୨୫୦ରୁ ଊର୍ଦ୍ଧ୍ୱ ଲୋକ ଏଠାରେ ବସବାସ କରୁଛନ୍ତି। ଶିକ୍ଷା ଅଭାବରୁ ପିଢ଼ି ପରେ ପିଢ଼ି ଅପାଠୁଆ ହୋଇ ରହିଛନ୍ତି। ଫଳରେ ଏହି ଗାଁକୁ ବିବାହ ପାଇଁ ଝିଅ ଦେବା କିମ୍ବା ଝିଅ ନେବାକୁ ଆଜିବି ଲୋକେ ଅରାଜି ହେଉଥିବା ଗ୍ରାମବାସୀ କହିଛନ୍ତି। ଅପାଠୁଆ ଗାଁ ହୋଇଥିବାରୁ ବାଜି ପାରୁନାହିଁ ଶାହାନାଇ। ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ଯିବାକୁ ହେଲେ ପାଖାପାଖି ୫ କିମି ବାଟ ଚାଲିକି ଯିବାକୁ ପଡୁଛି। ବର୍ଷା ଦିନେ ଗାଁର ପିଲା ବିଦ୍ୟାଳୟ ଓ ଅଙ୍ଗନୱାଡ଼ିକୁ ଯାଇପାରନ୍ତିନାହିଁ। ଏହି ଗ୍ରାମର ଗୋଟିଏ ପାର୍ଶ୍ୱରେ ବହିଯାଉଛି ଖରସ୍ରୋତାର ଶାଖା ତନ୍ତିଘାଇ ନଦୀ। ବନ୍ୟା ସମୟରେ କାନପୁର ଗ୍ରାମ ଦୀର୍ଘ ଦିନ ଧରି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ଗ୍ରାମର ସମସ୍ତ ଅଧିବାସୀ ଚାଷ କାର୍ଯ୍ୟ କରି ପରିବାର ପୋଷଣ କରିଥାନ୍ତି। ପାନୀୟ ଜଳ ସୁବିଧା ନ ଥିବାରୁ ନଦୀ ଜଳ ଉପରେ ନିର୍ଭର କରିଥାନ୍ତି।

ସ୍ୱାସ୍ଥ୍ୟସେବା ପାଇବାକୁ ହେଲେ କିମ୍ବା ରାଶନ ସାମଗ୍ରୀ ଆଣିବା ପାଇଁ ୮କିମି ଯିବାକୁ ପଡୁଛି। ଯେକୌଣସି ସରକାରୀ କାର୍ଯ୍ୟ ପାଇଁ ମଧ୍ୟ ୭ କିମି ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ବର୍ଷର ୮ମାସ ଗାଁ ଲୋକେ ହାଟ ବଜାର କରିବା, ସ୍କୁଲ, ଅଙ୍ଗନୱାଡ଼ି ଯିବାକୁ ହେଲେ ବିଲବାଟ ଦେଇ ୫ କିମି ଅତିକ୍ରମ କରି ଏରବାଙ୍କ ପଞ୍ଚାୟତରେ ପହଞ୍ଚିଥାନ୍ତି। ଆଉ ୪ ମାସ ବର୍ଷା ହେଲେ ବିଲରେ ପାଣି ଜମି ରହିବା ଦ୍ୱାରା ପାଖାପାଖି ୧୦ କିମି ବୁଲି ଏରବାଙ୍କ ପଞ୍ଚାୟତକୁ ଯାଇଥାନ୍ତି। ଗ୍ରାମରେ ଭଲ ରାସ୍ତାଟିଏ ନାହିଁ। ରାସ୍ତା କେବେ ହୋଇଥିଲା ତାହା କେହି କହିପାରନ୍ତିନାହିଁ। ଗମନାଗମନ ସୁବିଧା ନ ଥିବାରୁ ଆମ୍ବୁଲାନ୍ସ ମଧ୍ୟ ଗାଁକୁ ପ୍ରବେଶ କରିପାରୁନାହିଁ। ରୋଗୀଙ୍କୁ ଭାରରେ ନେଇ ଅଧାବାଟ ଯିବାପରେ ଆମ୍ବୁଲାନ୍ସରେ ନିଆଯାଉଛି। ଆବାସ ଯୋଜନାରେ କାହାରିକୁ ସାମିଲ କରାଯାଇନାହିଁ। ଭଙ୍ଗା, ଦଦରା କୁଡ଼ିଆରେ ଅତି ଦୟନୀୟଭାବେ ଲୋକେ ଜୀବନ ବିତାଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କାନପୁରବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି।

ନିର୍ବାଚନ ପରେ ନିର୍ବାଚନ ଆସୁଛି, ନିର୍ବାଚନୀ ଉଷ୍ମତା କମିଗଲେ ପ୍ରତିଶ୍ରୁତିଭରା ବାକ୍ୟ ସବୁ ପାଣିର ଗାର ପାଲଟିଯାଉଥିବା ଲୋକେ କହିଛନ୍ତି। ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଧାୟକ ପର୍ଯ୍ୟନ୍ତ ସମସ୍ତେ ଗ୍ରାମର ବିକାଶ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ପୂର୍ବରୁ ଅଦ୍ୟାବଧି ବିଭିନ୍ନ ରାଜନୈତିକ ଦଳ ଶାସନ ମଙ୍ଗ ଧରିଥିଲେ ହେଁ ଗ୍ରାମକୁ ବିକାଶର ଆଲୋକ ଦେଖାଇ ପାରିନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଗ୍ରାମକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅମ୍ବର କୁମାର କରଙ୍କୁ ପଚାରିବାରେ ସେ କହିଛନ୍ତି, ଏଭଳି ଗାଁ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ସେ ଗାଁ ପରିଦର୍ଶନ କରି ସେଠାରେ ଥିବା ସମସ୍ତ ସମସ୍ୟାର ସମାଧାନ କରିବେ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସରପଞ୍ଚ ରେଖା ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

## ଗ୍ରାମବାସୀଙ୍କ ମୁହଁରୁ...


"ଆମ ଗାଁରେ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ। ବିଦ୍ୟାଳୟ କିମ୍ବା ଅଙ୍ଗନୱାଡ଼ି ଯିବାକୁ ହେଲେ ପାଖାପାଖି ୫ କି.ମି. ଚାଲିକି ଯିବାକୁ ହୁଏ। ବର୍ଷା ହେଲେ ବିଦ୍ୟାଳୟକୁ କେହି ପାଠ ପଢ଼ିବାକୁ ଯାଆନ୍ତିନାହିଁ। ବିଲ ରାସ୍ତା ଦେଇ ଗଲେ ୫ କି.ମି.। କିନ୍ତୁ ବର୍ଷା ଦିନରେ ବିଲରେ ପାଣି ଜମି ଯାଉଥିବାରୁ ୧୦ କି.ମି. ବୁଲିକି ଯିବାକୁ ହୁଏ। ଗାଁରେ କେହି ଶିକ୍ଷକ ରହୁ ନ ଥିବାରୁ ପାଠପଢ଼ିବା ପାଇଁ ବହୁ ଅସୁବିଧା ହୁଏ।
–ରିନି ଦାସ, ଛାତ୍ରୀ


"ଗାଁରେ କିଛି ସୁବିଧା ନାହିଁ। ମୋ ସ୍ୱାମୀଙ୍କ ଯେତେବେଳେ ଦେହ ଖରାପ ହୋଇଥିଲା ତାଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ଭାରରେ ମେଡିକାଲ ନେଇଥିଲୁ। ଦୂରରେ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଥିବାରୁ ବହୁ ବାଟ ଚାଲିକି ଯିବାକୁ ପିଲା ଚାହାନ୍ତିନାହିଁ। ତେଣୁ ଗାଁର ବହୁ ଲୋକ ଅଶିକ୍ଷିତ। ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ନଦୀ ପାଣି ଉପରେ ନିର୍ଭର କରୁଛୁ।
–ବିଳାସୀ ଜେନା, ଗ୍ରାମବାସୀ


"କାନପୁର ଏରବାଙ୍କ ପଞ୍ଚାୟତର ଏକ ନିରବଚ୍ଛିନ୍ନ ଗାଁ କହିଲେ ଚଳେ। ଏରବାଙ୍କ ରେଭିନ୍ୟୁ ଭିଲେଜ ହୋଇଥିବାରୁ କାହାରି ଦୃଷ୍ଟି ଆମ ଗାଁ ଉପରେ ପଡୁନାହିଁ। ନିର୍ବାଚନ ଆସିଲେ ସମସ୍ତେ କାନପୁରର ଉନ୍ନତି କରିବେ ବୋଲି ପ୍ରତିଶ୍ରୁତି ଦିଅନ୍ତି। ମାତ୍ର ନିର୍ବାଚନ ସରିଗଲେ କେହି ପଚାରନ୍ତି ନାହିଁ। ଦୂରରେ ବିଦ୍ୟାଳୟ ଥିବାରୁ ଗାଁର କେହି ପିଲା ପାଠ ପଢ଼ିବାକୁ ଚାହାନ୍ତି ନାହିଁ। ସମସ୍ତେ ବିଲରେ ଚାଷ କରି ଚଳନ୍ତି। ଯଦି ଆମ ଗାଁ ପ୍ରତି ସରକାର ଦୃଷ୍ଟି ଦିଅନ୍ତେ ତେବେ ଆମ ଅପାଠୁଆ ଗାଁରେ ଶିକ୍ଷା ଓ ବିକାଶର ଆଲୋକ ପଡ଼ିପାରନ୍ତା।
–ଚିତ୍ତରଞ୍ଜନ ଜେନା, ଗ୍ରାମର ଯୁବକ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରଦୀପ୍ତ


@ ଜିତୁ


@ ଅଭୟ


@ ବିଷ୍ଣୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରିଲା ରାହାସ ପୂର୍ଣ୍ଣିମା ଭସାଣି ଯାତ୍ରା

**ବ୍ରହ୍ମବରଦା,୧୬।୧୧(ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ମହିମା ଛକ ସୁଭାଷ ବୋଷ ଯୁଥ କ୍ଲବ୍‌ର ରାହାସ ପୂର୍ଣ୍ଣିମା ଭସାଣି ଯାତ୍ରା ସୁରୁଖୁରୁରେ ସମାପନ ହୋଇଛି। ରାହାସ ପୂର୍ଣ୍ଣିମା ପୂଜା ୫ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ରବିବାର ଭସାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ନମ୍ବର ୱାନ ଡିଜେ ଏସ୍‌ଏମ୍ ଅଡିଓ ନିଜର ଜଲୱା ଦେଖାଇଥିଲା। ହଜାରହଜାର ସଂଖ୍ୟାରେ ଲୋକ ଡିଜେ ଗୀତରେ ନାଚିଉଠିଥିଲେ। ରାଧାକୃଷ୍ଣ ନୃତ୍ୟ, ମା' କାଳୀ ନୃତ୍ୟରେ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଢୋଲ ବାଜାର ତାଳେତାଳେ ଯୁବଗୋଷ୍ଠୀ ନାଚି ଉଠିଥିଲେ। କ୍ଲବ୍ ସଭାପତି ଅରୁଣ ବେହେରା, ସମ୍ପାଦକ ସନାତନ ମଣ୍ଡଳ, କୋଷାଧ୍ୟକ୍ଷ ସୁନିଲ ବେହେରା, ଅକ୍ଷୟ ଚନ୍ଦ୍ର ଗିରି, ସଚିନ ଗିରି, ଜିତେନ୍ଦ୍ର ଗିରି, ବିଚିତ୍ର ଗିରି, ସୁମନ୍ତ ଗିରି, ନିରଞ୍ଜନ ଗିରି, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଭସାଣି ଯାତ୍ରାରେ ରାଧାକୃଷ୍ଣ ନୃତ୍ୟ ଓ ମା' କାଳୀ ନୃତ୍ୟ।

# ଜିଲାସ୍ତରୀୟ ବନ୍ଦନା,ପ୍ରାର୍ଥନା ପ୍ରଶିକ୍ଷଣ ଶିବିର


ଶିବିରରେ ଯୋଗଦେଇଥିବା ବିଦ୍ୟାର୍ଥୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

**ପାଣିକୋଇଲି,୧୬।୧୧ (ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷାବିଭାଗ ସମିତି ଉତ୍ତର ପୂର୍ବ ସମ୍ଭାଗର ଯାଜପୁର ଜିଲାସ୍ତରୀୟ ବନ୍ଦନା ଓ ପ୍ରାର୍ଥନା ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସମ୍ପାଦକ ଦ୍ୱୈତାରୀ ଧଳ, ମୁଖ୍ୟବକ୍ତା ଭାବେ ଜିଲା ପ୍ରମୁଖ ଅଶୋକ ସାହୁ, ସମ୍ମାନିତ ଅତିଥିଭାବେ ସଙ୍କୁଳ ପ୍ରମୁଖ ଅଶୋକ ଶତପଥୀ, ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲୀପ ଧଳ, ଉପସଭାପତି ଶଙ୍କର୍ଷଣ ପରିଡ଼ା, ଯୁଗ୍ମ ସମ୍ପାଦକ ରାଜକିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦାନ କରିଥିଲେ। ଏହି ଶିବିରରେ ଜିଲାର ୪୦ ବିଦ୍ୟାଳୟର ପ୍ରାୟ ୧୨୦ ଛାତ୍ରଛାତ୍ର ପ୍ରଶିକ୍ଷଣ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୃନ୍ଦାବନ ସାହୁ ଧନ୍ୟବାଦ ଦେଇଥିଲେ।

# ସୁକିନ୍ଦାରେ ଘଡ଼େଇ ଶିବିର ହେଉଛି ଖାଲି

■ ମନ୍ତ୍ରୀଙ୍କ ଉପସ୍ଥିତିରେ ପଦ୍ମ ଧରିଲେ ଘଡ଼େଇଙ୍କ ଘନିଷ୍ଠ

■ ୨୦୦ରୁ ଊର୍ଦ୍ଧ୍ୱ ଭାଜପାରେ ମିଶିଲେ

**କାଳିଆପାଣି, ୧୬।୧୧ (ଅସିତ୍ ମହାନ୍ତ)**


ଭାଜପାରେ ସାମିଲ ହୋଇଥିବା କର୍ମୀଙ୍କୁ ମନ୍ତ୍ରୀ ସ୍ୱାଗତ କରୁଛନ୍ତି।

ଯାଜପୁର ଜିଲା ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ମୁଣ୍ଡିଆଳ ନେତା ସହ କର୍ମୀଙ୍କ ଦଳ ଡିଆଁର ସୁଅ ଛୁଟି ଚାଲିଛି। ଏହି ନେତା ଓ କର୍ମୀମାନଙ୍କ ସମର୍ଥନ ଯୋଗୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଏବଂ ତାଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼େଇ (ଡାନି) ସୁକିନ୍ଦା ନିର୍ବାଚନମଣ୍ଡଳୀକୁ ଦୀର୍ଘଦିନ ଧରି ନିଜ ଅକ୍ତିଆରରେ ରଖିପାରିଥିଲେ। ଏବେ ଘଡ଼େଇ ଶିବିର ଖାଲି ହେବାରେ ଲାଗିଛି। ଜଣେ ଜଣେ ହୋଇ ଘନିଷ୍ଠମାନେ ମୁହଁମୋଡ଼ି ଭାଜପା ନେତା ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ (ଟୁଟୁ)ଙ୍କ ଶିବିରରେ ଯୋଗଦେଉଛନ୍ତି। ଏହି ଧାରା ରବିବାର ମଧ୍ୟ ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ହେବ ବିଜେଡିର ସାଙ୍ଗଠନିକ ଦାୟିତ୍ୱ ତୁଲାଇ ଦଳ ଓ ଘଡ଼େଇଙ୍କ ପାଇଁ ବଳ ଯୋଗାଡ଼ କରୁଥିବା ଦେବେନ୍ଦ୍ର ମହାଲିକ ଭାଜପାରେ ସାମିଲ ହୋଇଛନ୍ତି। ତାଙ୍କ ସହ ସୁକିନ୍ଦା ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାର ସଦସ୍ୟତା ନେଇଛନ୍ତି। ସେହିପରି ଖଣି ଅଞ୍ଚଳରେ ବୃହତ୍ ଶ୍ରମିକ ସଂଗଠନ ଏସ୍‌ଆର୍‌ସିକେଏମ୍‌ଏସ୍‌ର ସମ୍ପାଦକ ଭାରତ ଚନ୍ଦ୍ର ମହାନ୍ତଙ୍କ ଭାଇ ମଦନ ମହାନ୍ତଙ୍କ ସହ ଦକ୍ଷିଣ କାଳିଆପଣି ଖଣିର ୨୧ ଜଣ ସଦସ୍ୟ ଶ୍ରମିକ ସଂଘ ଛାଡ଼ି ଭାଜପାର ସଦସ୍ୟତା ନେଇଛନ୍ତି। ଏହାସହ ଗାଁସୋଲ ପଞ୍ଚାୟତରେ ଥିବା ଭୀମଟାଙ୍ଗର ଖଣିର ୨୦୦ କର୍ମଚାରୀ ଏସ୍‌ଆର୍‌ସିକେଏମ୍‌ଏସ ଶ୍ରମିକ ସଂଘ ଛାଡ଼ି ଭାଜପା ମିଶିବା ସହ ଓଡ଼ିଶା ମାଇନିଂ ୱାର୍କର ୟୁନିୟନ ସଂଘ ସଦସ୍ୟତା ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ବିଜେଡିର କର୍ମୀ ଓ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଭାଜପାରେ ମିଶୁଥିବା ପ୍ରକାଶ କରିଛନ୍ତି। ରବିବାର ସୁକିନ୍ଦାସ୍ଥିତ ମନ୍ତ୍ରୀ ବଳସାମନ୍ତଙ୍କ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ବଳସାମନ୍ତ ସମସ୍ତଙ୍କୁ ଉତ୍ତରୀୟ ଦେଇ ଭାଜପାରେ ସାମିଲ କରାଇଥିଲେ। ଏହି ଅବସରରେ ମନ୍ତ୍ରୀ ବଳସାମନ୍ତ କହିଛନ୍ତି, ସୁକିନ୍ଦାର ବିକାଶ ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ। ବିଶେଷକରି ଖଣି ଅଞ୍ଚଳର ବିକାଶ ଦିଗରେ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ସୌରିକ ଅଞ୍ଚଳର ୭ ପଞ୍ଚାୟତର ଅନେକ ବିଜେଡି କର୍ମୀ ଶାସକ ଦଳର ନୀତି ଆଦର୍ଶ ଏବଂ ମନ୍ତ୍ରୀ ବଳସାମନ୍ତଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଉପରେ ଆସ୍ଥା ପ୍ରକଟ କରି ଭାଜପାରେ ମିଶିଛନ୍ତି ବୋଲି ବିଜେଡି ଛାଡ଼ିଥିବା ଦେବେନ୍ଦ୍ର ମହାଲିକ ଓ ମଦନ ମହାନ୍ତ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ସୁକିନ୍ଦା ଭାଜପାର ବରିଷ୍ଠ ନେତା ଅମଳେନ୍ଦୁ ବେହୁରା, ସାମାଜିକ କର୍ମୀ ବେଣୁଧର ମହାନ୍ତ, ଯୁବ ସଂଗଠକ ବେଣୁଧର ମହାକୁଡ଼, ଦୀପକ କୁମାର ପାତ୍ର, ସଚି ମୁର୍ମୁ, କାଳିଆ ମହାନ୍ତ, ପୂର୍ବତନ କଂସ ସରପଞ୍ଚ ରବୀନ୍ଦ୍ର ସାହୁ, ଧୀର ଦେହୁରୀ, କୁନା ମହାନ୍ତ, ମନୋଜ ମହାନ୍ତ, ଯଦୁମଣି ମହାନ୍ତ ଓ ମଣ୍ଡଳ ସଭାପତି ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସତ୍ୟ ଖବର ପରିବେଷଣ କରିବାକୁ ପରାମର୍ଶ

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

**ଯାଜପୁର ଟାଉନ,୧୬।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**


ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ଯୋଗଦେଇ ସମାଜର ବିକାଶ ପଥରେ ଗଣମାଧ୍ୟମର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ଅଧକ୍ଷତା କରି ସତ୍ୟ ଓ ମତାମତ ଆଧାରିତ ସକାରାତ୍ମକ ଖବର ପରିବେଷଣ ଉପରେ ମତବ୍ୟକ୍ତ କରିଥିଲେ। ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ଭିକ ଓ ସତ୍ୟ ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଯୋଗଦେଇ କହିଥିଲେ, ସତ୍ୟ, ନିଷ୍ପକ୍ଷତା ଓ ନୈତିକତା ହେଉଛି ଗଣମାଧ୍ୟମର ମୂଳ ଆଧାର। ଏହି ମୂଲ୍ୟଗୁଡ଼ିକ ଅବିଚଳ ରହିଲେ ଗଣମାଧ୍ୟମ ଜନମନରେ ଭରସା ସୃଷ୍ଟି କରିପାରିବ। ବର୍ତ୍ତମାନ ସୋସିଆଲ ମିଡିଆ ଯୁଗରେ ଖବର ପରିବେଷଣର ପ୍ରତିଯୋଗିତା ବଢ଼ିଯାଇଛି ବୋଲି ସେ ମତ ରଖିଥିଲେ।

ଏହି ଅବସରରେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ପ୍ରସଙ୍ଗରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣପତ୍ର ଓ ଫଳ ଚାରା ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତାମାନେ ଯୋଗଦେଇ ନିଜ ନିଜର ମତ ରଖିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।



ରଘୁଦେଇପୁର-ମଙ୍ଗଳପୁର ରାସ୍ତାକଡ଼ରେ ପଡ଼ିଥିବା ଔଷଧ।

# ରୋଗୀଙ୍କୁ ଔଷଧ ମିଳୁନି, ରାସ୍ତାକଡ଼ରେ ଫିଙ୍ଗିଦେଲେ

## ଡେରାବିଶ୍‌ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଡେରାବିଶ, ୧୬।୧୧(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିବାଦ ଘେରରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରୋଗୀଙ୍କ ସମସ୍ୟାକୁ ନେଇ ବିଭିନ୍ନ ସମୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚର୍ଚ୍ଚାକୁ ଆସିଛି। ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବହୁ ଔଷଧକୁ ରାସ୍ତା କଡ଼ରେ ଫୋପଡ଼ାଯିବା ଘଟଣା ସ୍ୱାସ୍ଥ୍ୟ ବିଭାଗର ଅପାରଗତାକୁ ପଦାରେ ପକାଇଛି। ବ୍ଲକ ଅଧୀନ ରଘୁଦେଇପୁର-ମଙ୍ଗଳପୁର ରାସ୍ତାପାର୍ଶ୍ୱରେ କେତେକ ଭଲ ଓ ଏକ୍ସପାଏରୀ ହୋଇଥିବା ଔଷଧକୁ ଫୋପଡ଼ା ଯାଇଥିବା ନେଇ ସ୍ଥାନୀୟ ଲୋକ ଦେଖିବା ପରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ କହିଛନ୍ତି, ଯଦି ଔଷଧ ଏକ୍ସପାଏରୀ ହେଲା ତାକୁ ସ୍ୱାସ୍ଥ୍ୟକେନ୍ଦ୍ର କ୍ୟାମ୍ପସରେ ପୋତାଯିବା ଦରକାର। କାରଣ ବାହାରେ ପଡ଼ିଲେ ତାକୁ କିଏ ନେଇ ଯଦି ଖାଇବ ତାହାହେଲେ ସେ ରୋଗରେ ଆକ୍ରାନ୍ତ ହେବ। ଅନ୍ୟପକ୍ଷରେ ଭଲ ଥିବା ଔଷଧକୁ କାହିଁକି ବାହାରେ ପକାଯାଇଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ସରକାରୀ ଔଷଧ ମିଳୁ ନ ଥିବାବେଳେ ଏହାକୁ କିଏ ଓ କାହିଁକି ନଷ୍ଟ କରିବାକୁ ଉଦ୍ୟମ କରିଛନ୍ତି, ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। କିଛିଦିନ ତଳେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଲକ୍ଷାଧିକ ଟଙ୍କାର ଔଷଧ ପୋଡ଼ାଯିବା ଘଟଣାରେ ବିଭାଗୀୟ ଅଧିକାରୀ ତଦନ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଜଣେ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ପୁଣି ଏଭଳି ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବାଶିଷ ସାହୁଙ୍କୁ ପଚାରିବାରେ ଏହି ଖବର ଜାଣିବା ପରେ ସ୍ଥାନୀୟ ସେକ୍ଟର ସୁପରଭାଇଜରଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ଏ ବିଷୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି।

# ଚାଷୀଙ୍କୁ ପ୍ରାଣୀ, ମାଛଚାଷ କରିବ ସ୍ୱାବଲମ୍ବୀ

## ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା

ଆଳି, ୧୬।୧୧(ବନମାଳୀ ସେନାପତି)

ଆଳି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆଳି ପ୍ରାଣୀ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଳି ବ୍ଲକ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ବଦ୍ରି ନାରାୟଣ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଭକ୍ତବନ୍ଧୁ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସକ ସୁଧାଂଶୁ ସାମନ୍ତରାୟ, ପ୍ରାଣୀ ଚିକିତ୍ସକ ବିକାଶ ବେହେରା, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ଜିଲା ମତ୍ସ୍ୟ ଅଧିକାରୀ ଆଲୋକ ନାଥ, ବ୍ଲକ ମତ୍ସ୍ୟ ବିଭାଗ ଅଧିକାରୀ ସସ୍ମିତା ବାରିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ମାଛ ଆଦି ବିଭିନ୍ନ ପ୍ରକାର ଚାଷ କରି ସ୍ୱାବଲମ୍ବୀ ହେବା ନିମନ୍ତେ ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଚାଷ ନିମନ୍ତେ ସରକାରୀ ସୁବିଧା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯିବା ସହ ଯେଉଁମାନେ ଏହି ସୁବିଧା ନେଇ ଚାଷ କରିବାକୁ ଇଚ୍ଛୁକ ଅଛନ୍ତି, ସେମାନେ ଅନ୍‌ଲାଇନରେ ଆବେଦନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସୁବିଧା ନେବା ନିମନ୍ତେ ଅବଗତ କରାଯାଇଥିଲା। ଏହି ଅବସରରେ ସରକାରୀ ଯୋଜନା ହାତେଇ ସ୍ୱାବଲମ୍ବୀ ହୋଇଥିବା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁକୁଡ଼ା, ମାଛ, ଛେଳି, ଗାଈ ଚାଷ କରି ସଫଳତା ପାଇଥିବା ସଫଳ ଚାଷୀଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ପାଲା ମାଧ୍ୟମରେ ସରକାରୀ ଯୋଜନା ସମ୍ବନ୍ଧରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସର୍ବେଶ୍ୱର ନାଥ, ନିରାକାର ମଲ୍ଲିକ, ରତିରଞ୍ଜନ ମିଶ୍ର, ସତ୍ୟବ୍ରତ ଦାସଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।



ଅତିଥିମାନେ କୃତୀ ମହିଳା ଚାଷୀମାନଙ୍କୁ ପୁରସ୍କୃତ କରୁଛନ୍ତି।

# ଦେଶରେ ଖବର ସଂଗ୍ରହ ଦାୟିତ୍ୱ ବଢ଼ିଛି

## ମା' ରାମଚଣ୍ଡୀ ପୀଠରେ ଜାତୀୟ ପ୍ରେସ୍ ଦିବସ



ଜାତୀୟ ପ୍ରେସ୍ ଦିବସରେ ମଞ୍ଚାସୀନ ଅତିଥି, ଛାତ୍ରୀଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

ମହାକାଳପଡ଼ା, ୧୬।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ମା' ରାମଚଣ୍ଡୀ ମନ୍ଦିର ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାକାଳପଡ଼ା ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ର ଗଠନରେ ଗଣତନ୍ତ୍ରର ଚତୁର୍ଥ ପ୍ରହରୀ ଖବରଦାତାଙ୍କ ଦାୟିତ୍ୱ ବଢ଼ିଛି। ଦେଶର କୋଣ ଅନୁକୋଣର ଖବର ସଂଗ୍ରହ କରି ନୂଆ ବାର୍ତ୍ତା ବହନ କରୁଛନ୍ତି। ଦେଶ ସୁରକ୍ଷାରେ ସମ୍ବେଦନଶୀଳ ଖବର ସଂଗ୍ରହ କରିବାରେ ଖବରଦାତାଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଧାୟକ ନାୟକ କହିଥିଲେ। ମୁଖ୍ୟବକ୍ତା ଭାବେ ବାବର- ରାହାମା କଲେଜ ଅଧକ୍ଷ ବସନ୍ତ କୁମାର ମିଶ୍ର ଯୋଗଦେଇ ଦେଶର ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଖିରେ ଅସମ୍ଭବ ସ୍ୱପ୍ନ ଭରି ରହିଛି। ତାଙ୍କର ଭିଜନ ଦେଶ ଗଠନରେ ବିଶ୍ୱରେ ଶକ୍ତିଶାଳୀ ବୋଲି ମତବ୍ୟକ୍ତ କରିଥିଲେ। ରାମନଗର ଶିଶୁ ମନ୍ଦିର ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଗାନ ସହ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼, ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜାତୀୟ ପ୍ରେସ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ। ମହାକାଳପଡ଼ା ପ୍ରେସ କ୍ଲବ ସଭାପତି ଅରକ୍ଷିତ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ଅଶୋକ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ନାୟକ ସ୍ଥାନୀୟ ଅଞ୍ଚଳର ୭ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିଶୁ ମନ୍ଦିର ଛାତ୍ରୀମାନଙ୍କୁ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉପସ୍ଥିତ ଖବରଦାତାମାନଙ୍କ ମଧ୍ୟରେ ବିରଞ୍ଚି ନାରାୟଣ ଦାସ, ସଞ୍ଜୟ ଦାସ, କଳ୍ପତରୁ ସାମଲ, ଶ୍ରୀମନ୍ତ ଦାସ, ପ୍ରଦୀପ ସ୍ୱାଇଁ, ସୁବାସ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁଙ୍କ ସମେତ ପ୍ରଶାନ୍ତ କୁମାର ସେଠୀ, ସୁଶାନ୍ତ ପଲେଇ, ଚନ୍ଦ୍ରକାନ୍ତ ସ୍ୱାଇଁ, ବଙ୍କି ଦେବନାଥ, ରମେଶ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଦୀପ୍ତ



@ ଜିତୁ



@ ଅଭୟ



@ ବିଷ୍ଣୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖବରଦାତା ସମାଜର ଜାଗ୍ରତ ପ୍ରହରୀ

ମାର୍ଶାଘାଇ, ୧୬।୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ପ୍ରେସ କ୍ଲବ ପକ୍ଷରୁ ରବିବାର ସ୍ଥାନୀୟ ଓରିଏଣ୍ଟାଲ କ୍ଲବ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି ଖବରଦାତା ମାଧବ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମାର୍ଶାଘାଇ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଯୋଗଦେଇ ଖବରଦାତାମାନେ ସମାଜର ଜଣେ ଜଣେ ଜାଗ୍ରତ ପ୍ରହରୀ। ସମାଜ ପାଇଁ ସେମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ସଭାପତି ନାୟକ ତାଙ୍କ ବକ୍ତବ୍ୟରେ ଖବରଦାତାମାନେ ସେମାନଙ୍କ ସ୍ୱାଭିମାନ ଓ ପତିଆରାକୁ ଆକ୍ଷୁର୍ଣ୍ଣ ରଖି ପରସ୍ପରର ସୁଖଦୁଃଖରେ ସାମିଲ ହେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ପ୍ରମୋଦ କୁମାର ଦାସ, ସୁବାସ ସାହୁ, ବିଚିତ୍ରାନନ୍ଦ ବେହେରା, ଶୁଭେନ୍ଦୁ ପ୍ରକାଶ ଦାସ, ହିମାଂଶୁ ନାୟକ, ପ୍ଲାବନ ସ୍ୱାଇଁ, ସରୋଜକାନ୍ତ ପରିଡ଼ା, ମନୋଜ ଦାସ, ସୂର୍ଯ୍ୟକାନ୍ତ ଦାଶ, ବିଶ୍ୱଜିତ ପ୍ରଧାନ, ରନେନ୍ଦ୍ର ନାୟକ, କାମଳ ଲୋଚନ ସାମଲ, ପ୍ରଶାନ୍ତ ବେହେରା, ତ୍ରିଲୋଚନ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଖବରଦାତା ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ଧନ୍ୟବାଦ ଦେଇଥିଲେ।



ଜାତୀୟ ପ୍ରେସ୍ ଦିବସରେ ଅତିଥିଙ୍କ ଗହଣରେ ଖବରଦାତାମାନେ।

# ମତ୍ସ୍ୟ, ପ୍ରାଣିସମ୍ପଦ ଅଭିବୃଦ୍ଧିରେ ରାଜ୍ୟର ଚାଷୀଙ୍କ ସମୃଦ୍ଧି

ରାଜକନିକା, ୧୬।୧୧ (ସଞ୍ଜୟ କୁମାର ଦାଶ)



ଅତିଥି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

ରାଜକନିକା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ମା' କନିକେଶ୍ୱରୀ ଦୁର୍ଗା ମଣ୍ଡପ ସମ୍ମୁଖ ପଡ଼ିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ମିନତି ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରକାଶ କୁମାର ନାୟକ, ୨୭ନଂ. ଜିଲା ପରିଷଦ ସଭ୍ୟା ପ୍ରବୀଣା ଦାସ, କଣ୍ଟପଡ଼ା ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା ଓ ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କଶେଖର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ମତ୍ସ୍ୟ ଓ ପ୍ରାଣିସମ୍ପଦ ଅଭିବୃଦ୍ଧିରେ ରାଜ୍ୟର ଚାଷୀଙ୍କ ସମୃଦ୍ଧି ହେବ ବୋଲି କହିଥିଲେ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ମାଛ ଆଦି ଚାଷ କରି ସ୍ୱାବଲମ୍ବୀ ହୋଇପାରିବା ଦିଗ ପ୍ରତି ବିଭାଗୀୟ ଅଧିକାରୀ ଓ ଅତିଥିମାନେ କହିଥିଲେ। ଉକ୍ତ ଚାଷ ନିମିତ୍ତ ସରକାରୀ ସୁବିଧା ଓ ପ୍ରୋତ୍ସାହନ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯିବା ସହ ଯେଉଁମାନେ ଏହି ସୁବିଧା ନେଇ ଚାଷ କରିବାକୁ ଇଚ୍ଛୁକ ସେମାନେ ଅନ୍‌ଲାଇନରେ ଆବେଦନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସୁବିଧା ନେବା ନିମନ୍ତେ ଅବଗତ କରାଯାଇଥିଲା। ଏହିକ୍ରମରେ ସରକାରୀ ଯୋଜନା ହାତେଇ ସ୍ୱାବଲମ୍ବୀ ହୋଇଥିବା ଚାଷୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକାଦୃତ ସରକାରୀ ଯୋଜନା ସମ୍ବନ୍ଧରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗରଦପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିର୍ମାଲ୍ୟ ପତି ମଞ୍ଚ ସଞ୍ଚାଳନ କରିଥିଲେ। ଅତିରିକ୍ତ ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଐଶ୍ୱର୍ଯ୍ୟା ଦାସ ଓ ରାଜକନିକା ସହାୟକ ମତ୍ସ୍ୟ ଅଧିକାରୀ ବାବାଜି ଚରଣ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶେଖର ଜେନା ଓ ନିରୋଦ ନାୟକଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ବୃତ୍ତ ୨ ବିଦ୍ୟାଳୟର କବାଟ ଭାଙ୍ଗି ଲୁଟିନେଲେ

ଡେରାବିଶ, ୧୬।୧୧(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାରିମୂଳ ପଞ୍ଚାୟତ କୁଶିଆପାଳ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ୨ ବିଦ୍ୟାଳୟର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଲୁଟପାଟ କରିଥିବା ନେଇ ଶନିବାର ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ବାରିମୂଳ ପଞ୍ଚାୟତ ରାଧାମୋହନ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କବାଟ ତାଡ଼ି ଦୁର୍ବୃତ୍ତମାନେ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ସାମଗ୍ରୀ ଓ ରୋଷେଇ ଉପକରଣ ଚୋରେଇ ନେଇଯାଇଛନ୍ତି। ସେହିପରି ଶନିବାର ମଧ୍ୟରାତ୍ରରେ ଏହି ପଞ୍ଚାୟତ ଅନ୍ତର୍ଗତ ନାଗେଶ୍ୱରପୁର ନିମ୍ନ ମୌଳିକ ବିଦ୍ୟାଳୟର ଶ୍ରେଣୀଗୃହ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଶ୍ରେଣୀଗୃହରେ ଲାଗିଥିବା ପଙ୍ଖା, ପାଠ ଉପକରଣ ଓ ପାଲ ଇତ୍ୟାଦି ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଧର ସେଠୀ, ନିବେଦିତା ବେଉରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହରେକୃଷ୍ଣ କର ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ବିଦ୍ୟାଳୟ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିବା ବେଳେ ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି।

# ଭାଜପାରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ ପରିବାର



ଆଳି, ୧୬।୧୧ (ବନମାଳୀ ସେନାପତି)

ଆଳି ନିର୍ବାଚନମଣ୍ଡଳୀ ଭାଜପା ଦଳୀୟ କାର୍ଯ୍ୟାଳୟ ପରିସରରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀର ୪ ନମ୍ବର ମଣ୍ଡଳ ସଭାପତି ତପନ ପରିଡ଼ାଙ୍କ ନେତୃତ୍ୱରେ କୋଳିଡିହ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ପରିବାର ଅନ୍ୟ ଦଳ ପରିତ୍ୟାଗ କରି ଭାଜପାରେ ଯୋଗଦେଇଛନ୍ତି। ଦଳୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଧାନସଭା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ରଥ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବୈଦ୍ୟନାଥ ମହାନ୍ତି, ଅଜାମ୍ବର ଦାଶ, ପୂର୍ବତନ ସରପଞ୍ଚ ବିଚିତ୍ରାନନ୍ଦ ବିଳାସ, କୋଳିଡିହ ପଞ୍ଚାୟତ ପ୍ରମୁଖ ବାବାଜି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୋଳିଡିହ ପଞ୍ଚାୟତର ଗୌତମ ନାୟକ, ମଣିଭଦ୍ର ତ୍ରିପାଠୀ, ସୌଦାଗର ନାୟକ, ଅଜାମ୍ବର ଦାସ, ନାରାୟଣ ପାଣ୍ଡବଙ୍କ ସମେତ ୫୦ ପରିବାର ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି। ନୂତନ କର୍ମୀମାନଙ୍କୁ ଭାଜପା ନେତା ପଣ୍ଡା ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଦିନକୁଦିନ ଭାଜପା ପ୍ରତି ଆକୃଷ୍ଟ ହୋଇ ଅନ୍ୟଦଳର କର୍ମୀମାନେ ଆସି ସାମିଲ ହୋଇ ଦଳର ସଙ୍ଗଠନ ସୁଦୃଢ଼ ହେଉଥିବା ନେତା ପଣ୍ଡା ପ୍ରକାଶ କରିଛନ୍ତି।

# ଶିବିରରେ ୪୯ ୟୁନିଟ୍ ରକ୍ତ ସଂଗ୍ରହ

ମାର୍ଶାଘାଇ, ୧୬।୧୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଶ୍ରୀସତ୍ୟସାଇ ବହୁମୁଖୀ ସେବା ସଙ୍ଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଡ଼ପାଳ ଆଠବାଟିଆ, ବଡ଼ଗାଁ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ସାଇ ମନ୍ଦିର ପରିସରରେ ଆୟୋଜିତ ଶିବିରରେ ୪୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କେନ୍ଦ୍ରୀୟ ରକ୍ତଭଣ୍ଡାର କଟକର ଡା. ସୌରଭ ଗୁପ୍ତା, ଡା. ରାମ ପ୍ରସାଦ ରାୟ, ଟେକ୍‌ନିସିଆନ କେଦାରନାଥ ସାହୁ, ବିଶ୍ୱଜିତ ସାହାଣୀ, ମୃତ୍ୟୁଞ୍ଜୟ ବେଜ, ପୀତାମ୍ବର ଜେନା, ସଞ୍ଜୟ ପାତ୍ର ସହଯୋଗ କରିଥିଲେ। ଥାଲାସେମିଆ ୱେଲ୍‌ଫେୟାର ଫୋରମ କଟକର ପ୍ରଣବ କିଶୋର ସାମଲ, ସେବା ସଙ୍ଗଠନର ଅନନ୍ତ ଦାସ, ପ୍ରଫୁଲ୍ଲ ମହାପାତ୍ର, ଲକ୍ଷ୍ମୀଧର ଲେଙ୍କା, ସ୍ମୃତି ବାରିକ, ସରିତା ବେହେରା, ଅଞ୍ଜନା ବେହେରା ଶିବିର ପରିଚାଳନା କରିଥିଲେ।

# କଳିଙ୍ଗ ହେଉଛି ବୋଇତ, ନୌବାଣିଜ୍ୟର ଉଦ୍ଭାବକ ଦେଶ

## ପଟ୍ଟାମୁଣ୍ଡାଇ କଲେଜ ଇତିହାସ ବିଭାଗ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ, ୧୬।୧୧ (କଳ୍ପତରୁ ନାୟକ)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ କଲେଜ ଇତିହାସ ବିଭାଗ ପକ୍ଷରୁ 'ମେରାଇନ୍ସ ଆଣ୍ଡ ମର୍ଚ୍ଚାଣ୍ଟ' ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ରାଜନୀତି ବିଭାଗ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ପ୍ରତ୍ନତତ୍ତ୍ୱବିତ ଇତିହାସକାର ଡ଼ ସୁନୀଲ କୁମାର ପଟ୍ଟନାୟକ ଓଡ଼ିଶାର ନୌବାଣିଜ୍ୟ ଇତିହାସ, ସାଧବମାନଙ୍କ ଭୂମିକା ଓ ବାଲିଯାତ୍ରାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଉତ୍କଳ ନୌବାଣିଜ୍ୟ ପରମ୍ପରା ଉତ୍କଳୀୟଙ୍କ ସାହାସିକତାର ପରିଚୟ। ଅତୀତରେ ପୃଥିବୀର ସବୁ ସଭ୍ୟତା ନୌବାଣିଜ୍ୟ ସହ ଊଣା ଅଧିକେ ଜଡ଼ିତ ଥିଲେ। ହେଲେ ବୋଇତ ଓ ବାଲିଯାତ୍ରାକୁ ନେଇ ନିଆରା ପରମ୍ପରା ପୃଥିବୀର ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ। ଏହା ହିଁ ପ୍ରମାଣିତ କରିଥାଏ କଳିଙ୍ଗ ହେଉଛି ବୋଇତ ଓ ନୌବାଣିଜ୍ୟର ଉଦ୍ଭାବକ ଦେଶ। ଉଦ୍ଭାବକ ଓ ଅନୁଗତ ସଭ୍ୟତାମାନଙ୍କ ଭିତରେ ଆମେ ଉଦାହରଣ ଭାବେ ବାଲିଦ୍ୱୀପକୁ ନେଇ ପାରିବା। ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ବାଲିଦ୍ୱୀପ ଥିଲା କଳିଙ୍ଗବାସୀଙ୍କ ମୁଖ୍ୟ କେନ୍ଦ୍ର। ସେହି ସମୟରେ ବାଲିଦ୍ୱୀପକୁ ଓଡ଼ିଆ ସାଧବମାନେ ନାରିକେଳ ଦୀପ ଭାବେ ସମ୍ବୋଧିତ କରୁଥିଲେ। ଫଳତଃ କଳିଙ୍ଗ ଓ ବାଲିଦ୍ୱୀପ ମଧ୍ୟରେ ସାମାଜିକ ଧର୍ମଗତ ଓ ସାଂସ୍କୃତିକ ସମ୍ବନ୍ଧ ମିଶିବା ପରେ ସେଠାରେ ଏକ ନୂତନ ମିଶ୍ରିତ ସଂସ୍କୃତିର ଅଭ୍ୟୁଦୟ ଘଟିଥିଲା। ଆଜି ବାଲିଦ୍ୱୀପର ଜନଜୀବନ, ଧର୍ମାଚାର, କଳା, ସଂସ୍କୃତି ଇତ୍ୟାଦିରେ ଉତ୍କଳୀୟ ପ୍ରଭାବ ସୁସ୍ପଷ୍ଟ ହୋଇଉଠୁଛି। ବାଲିଦ୍ୱୀପର ମୋଟ ଜନସଂଖ୍ୟାର ହାରାହାରି ୮୭ପ୍ରତିଶତ ଲୋକ ହେଉଛନ୍ତି ହିନ୍ଦୁ ଧର୍ମାବଲମ୍ବୀ। ବାଲିଦ୍ୱୀପରେ ମାର୍ଗଶୀର ମାସ ଗୁରୁବାର ଶ୍ରୀଦେବୀଙ୍କୁ ଧାନକେଣ୍ଡା ଦ୍ୱାରା ପୂଜାର୍ଚ୍ଚନା କରନ୍ତି । ବାଲିଦ୍ୱୀପରେ ମଧ କାଷ୍ଠ ନିର୍ମିତ ୩ ବିଗ୍ରହଙ୍କୁ ନେଇ ସର୍ବସାଧାରଣଙ୍କ ମଧ୍ୟରେ ରଥଯାତ୍ରା ପରି ଯାତ୍ରା ଅନୁଷ୍ଠିତ ହୁଏ। ପଟ୍ଟାମୁଣ୍ଡାଇ କଲେଜ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ରଞ୍ଜନ କୁମାର ବେହୁରା ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେବା ସହ ଇତିହାସ ବିଭାଗ ପକ୍ଷରୁ ଓଡ଼ିଶାର ସଂସ୍କୃତି ଓ ପ୍ରାଚୀନ ଇତିହାସକୁ ଉଜ୍ଜୀବିତ କରିବାକୁ ନିଆଯାଉଥିବା ପଦକ୍ଷେପମାନ ଉପସ୍ଥାପନ କରିଥିଲେ। ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପ ପିଣ୍ଟୁ ପଟେଲ ଧନ୍ୟବାଦ ଦେଇଥିଲେ। ଏଥିରେ କଲେଜର ଅଧ୍ୟାପିକାଅଧ୍ୟାପକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ଆଲୋକ ସାହୁ, ଚିନ୍ମୟ ସାମଲ, ଅଧ୍ୟାପିକା ଦେବସ୍ମିତା ତ୍ରିପାଠୀ, ଶୁଭଲକ୍ଷ୍ମୀ ପ୍ରଧାନ ଓ ଲକ୍ଷ୍ମୀପ୍ରିୟା ପାତ୍ର ପରିଚାଳନା କରିଥିଲେ।

# ମିଳୁନି ମହାପ୍ରୟାଣ ସେବା

- ଅଚଳ ହୋଇ ଖତହେଉଛି ଗାଡ଼ି
- ମୃତଦେହ ପରିବହନ ପାଇଁ ସମସ୍ୟା
- ଅଯଥାରେ ଲୋକେ ହେଉଛନ୍ତି ଖର୍ଚ୍ଚାନ୍ତ
- ଘରୋଇ ଆମ୍ବୁଲାନ୍ସ ମନଇଚ୍ଛା ଭଡ଼ା ନେଉଛନ୍ତି




ନୟାଗଡ଼,୧୬।୧୧(ଲୋକନାଥ ମିଶ୍ର)

ମୃତଦେହ ଘରେ ପହଞ୍ଚାଇବା ପାଇଁ ପ୍ରତି ଜିଲା ସଦର ମହକୁମାର ମୁଖ୍ୟ ଚିକିତ୍ସାଳୟରେ ମହାପ୍ରୟାଣ ଗାଡ଼ି ରହିଛି। ହେଲେ ନୟାଗଡ଼ ଜିଲାରେ ମହାପ୍ରୟାଣ ସେବା ମିଳୁନି। ମ୍ୟୁନିସିପାଲିଟିରେ ଯେଉଁ ମହାପ୍ରୟାଣ ଗାଡ଼ି ଥିଲା ତାହା ଅଚଳ ହୋଇ ଖତଖାଉଛି। ବେଳେବେଳେ ମୃତଦେହ ବାଇକ୍‌ରେ ଯିବାର ବି ନଜିର ରହିଛି। ଅନ୍ୟପକ୍ଷେ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରକୁ ନେବା ବେଳକୁ ସବୁବେଳେ ମୃତକ ପରିବାର ଅଯଥା ଖର୍ଚ୍ଚାନ୍ତ ହୋଇ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଛନ୍ତି। ଘରୋଇ ଆମ୍ବୁଲାନ୍ସ ମନଇଚ୍ଛା ଦରନେଇ ରୋଗୀଙ୍କ ପରିବାରକୁ ଶୋଷି ଚାଲିଛନ୍ତି।

ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଲେଖାଏ ମହାପ୍ରୟାଣ ଗାଡ଼ି ସରକାର ଯୋଗାଇ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ମହାପ୍ରୟାଣ ଗାଡିର ତଦାରଖ ମ୍ୟୁନିସିପାଲିଟି କରୁଥିଲା। ତେବେ ମହାପ୍ରୟାଣ ଗାଡ଼ି ସବୁବେଳେ ଅଚଳ ହେବାରୁ ଆଉ କାମରେ ଲାଗୁନି। ଏ ନେଇ ଦଶପଲ୍ଲାର ରାମଚନ୍ଦ୍ର ମଲ୍ଲିକ, ଭାପୁରର ରୀନା ସ୍ୱାଇଁ, ଖଣ୍ଡପଡ଼ାର ଭରତ ନାୟକ, ରଣପୁରର ବିକାଶ ପ୍ରଧାନ ଓ ଗଣିଆର ବିକ୍ରମ ସାହୁ ଗରିବ ଗୁରୁବା ଲୋକଙ୍କର ମୃତ୍ୟୁ ହେଲେ ହଟହଟା ହେବାକୁ ପଡୁଛି। ମୃତଦେହ ପରିବହନ ଖର୍ଚ୍ଚ ସରକାରୀ ଦେୟଠାରୁ ଦୁଇଗୁଣା ବେସରକାରୀ ଆମ୍ବୁଲାନ୍ସ ନେଉଛନ୍ତି। ଯଦି ମହାପ୍ରୟାଣ ଗାଡି ସବୁବେଳେ ଖରାପ ହେବ, ତେବେ ସରକାର ପୁରୁଣା ମହାପ୍ରୟାଣ ଗାଡି ହଟାଇ ନୂଆ ଗାଡି ନ କିଣି କେବଳ ଲୋକଙ୍କୁ ହଇରାଣ କରୁଛନ୍ତି। ଜିଲାପାଳ, ସିଡିଏମ୍‌ଓ ଏ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ସେ କହିଛନ୍ତି।

### ମରାମତି ନାଁରେ ସାଢ଼େ ୪ ଲକ୍ଷ ଅପବ୍ୟୟ

ମହାପ୍ରୟାଣ ସେବା ମିଳୁ ନ ଥିବା ନେଇ ବିଭିନ୍ନ ସମୟରେ ଜିଲା ପରିଷଦ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଆସିଛି। ୨୦୨୪ ସେପ୍ଟେମ୍ବର ୨୧ ଜିଲା ପରିଷଦ ବୈଠକରେ ଗୋଡ଼ିପଡା ଜିଲା ପରିଷଦ ସଭ୍ୟ ସଂଯୁକ୍ତା ପଡ଼ିଆରୀ ମହାପ୍ରୟାଣ ଗାଡ଼ି ଅଚଳ ହୋଇଥିବାବେଳେ ଏହାକୁ କାହିଁକି କାର୍ଯ୍ୟକ୍ଷମ କରାଯାଉନି ବୋଲି ପ୍ରଶ୍ନ କରିଥିଲେ। ସେହିପରି ଜିଲା ପରିଷଦ ସଭ୍ୟ ସୁବାସ କଅଁର ଅନୁରୂପ ଭାବେ ଅଚଳ ମହାପ୍ରୟାଣ ଗାଡିରେ କେତେ ଟଙ୍କା ଖର୍ଚ୍ଚ ହେଲାଣି ସେ ଉପରେ ପ୍ରଶ୍ନ କରିଥିଲେ। ତତ୍କାଳୀନ ସିଡିଏମ୍‌ଓ ଗୃହରେ କହିଥିଲେ, ମୃତଦେହ ଆଣିବା ପାଇଁ ମହାପ୍ରୟାଣ ଗାଡି ୨ଟି ଅଛି। ସେଗୁଡିକ ଅଚଳ ଯୋଗୁ ମୃତଦେହ ନେବାରେ ସବୁବେଳେ ଅସୁବିଧା ହେଉଛି। ସିଡିଏମ୍‌ଓ କହିଥିଲେ, ୨ଟି ଗାଡିରୁ ଗୋଟିଏ ମ୍ୟୁନିସିପାଲିଟି ଦାୟିତ୍ୱରେ ଅଛି। ଏଥିରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଖର୍ଚ୍ଚ ପରେ କାର୍ଯ୍ୟକ୍ଷମ ହେଉନି। ଅନ୍ୟ ମହାପ୍ରୟାଣ ଗାଡ଼ି ନେଇ କିଛି କହି ନ ଥିଲେ। ଏହା ପରେ ଜିଲା ପରିଷଦ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେବେ ମୃତଦେହ ନେବା ପାଇଁ କ'ଣ କରାଯିବ ସେନେଇ ନିର୍ଯାସ ବାହାରି ପାରି ନ ଥିଲା। ତେବେ ପରବର୍ତ୍ତୀ ସମୟରେ ଜିଲା ପରିଷଦ ଦଶମ ସାଧାରଣ ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉତ୍ତର ରଖାଯାଇଛି। ମହାପ୍ରୟାଣ ଗାଡିରେ ମରାମତି ଓ ତେଲ ପାଇଁ ୪ ଲକ୍ଷ ୬୧ ହଜାର ୫୦୦ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଇଛନ୍ତି।

### କୁହାଯାଉଛି, ହେଲେ କିଣାଯାଉନି ମହାପ୍ରୟାଣ ଗାଡ଼ି

ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ନୂଆ ମହାପ୍ରୟାଣ ଗାଡି କିଣାଯିବାକୁ ସୂଚନା ଦେଇଥିଲେ। ହେଲେ ୨୦୨୪ ଜୁଲାଇରୁ ଏଯାବତ୍ ଗାଡି କିଣା ଯାଇପାରୁନି। ନିର୍ବାହୀ ଅଧିକାରୀ କହିଥିଲେ, ଫଣ୍ଡସ ଆସିଲେ ନୂଆ ଗାଡ଼ି କିଣାଯିବ ନ ହେଲେ ନିଜସ୍ୱ ଫଣ୍ଡରେ କିଣାଯିବାକୁ ବ୍ୟବସ୍ଥା କରାଯିବ। ପୁରୁଣା ଗାଡ଼ିକୁ ନୟାଗଡ଼ ରୋଟାରିକୁ ଦିଆଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ହେଲେ କେବେ ନୂଆଗାଡ଼ି କିଣାଯିବ ସେ ନେଇ ମ୍ୟୁନିସିପାଲିଟି କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନାହିଁ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଦୀପ୍ତ



@ ଜିତୁ



@ ଅଭୟ



@ ବିଷ୍ଣୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଲ ମଣିଷ ହେବାକୁ ପରାମର୍ଶ

### ଆବାସିକ ବିଦ୍ୟାଳୟ, କଳା ପରିଷଦ ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ନୟାଗଡ,୧୬।୧୧(ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ପାଣିପୋଇଲାସ୍ଥିତ ମଦର ଆବାସିକ ବିଦ୍ୟାଳୟ ଓ ନୟାଗଡ କଳା ପରିଷଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ ଟିପିସିଓଡିଏଲର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର ଯୋଗ ଦେଇଥିଲେ। ମଦର ଅବାସିକ ବିଦ୍ୟାଳୟ ସଭାପତି ଚକ୍ରଧର ମହାଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତାଭାବେ ଆଇନ ସେବା ପ୍ରାଧିକରଣ ଅଧିକାରୀ ଅଞ୍ଜଳି ମଛଖଣ୍ଡ, ସମ୍ମାନିତ ଅତିଥି ଦଶପଲ୍ଲାର ସାମାଜିକକର୍ମୀ ଅମିତ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶିବିୟନ ପ୍ରଧାନ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉଭୟ ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ପ୍ରଭାସିନୀ ନନ୍ଦ ଏହାକୁ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଭ୍ରୂଣହତ୍ୟା ଉପରେ ନାଟକ ବେଶ୍ ଲୋକପ୍ରିୟ ହୋଇପାରି ଥିଲା। ସେହିପରି ଡ୍ୟାନ୍ସ ଧମାକା ଓ ସଙ୍ଗୀତ ଆବୃତ୍ତି ଅନ୍ୟ ଆକର୍ଷଣ ଥିଲା।

# କୁରାଳ ଚାରଣ ଶାଖାର ୩୭ତମ ବାର୍ଷିକ ସମ୍ମିଳନୀ

ଓଡ଼ଗାଁ, ୧୬।୧୧
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ଚାରଣ ଶାଖା ଆନୁକୂଲ୍ୟରେ ଅନୁଷ୍ଠାନର ୩୭ତମ ବାର୍ଷିକ ସମ୍ମିଳନୀ ଶ୍ରୀଦଧିବାମନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ନିର୍ଘଣ୍ଟ ଅନୁସାରେ ସକାଳେ ଚାରଣ ସ୍ୱାଗତ ଏବଂ ସମୂହ ସ୍ୱାଧ୍ୟାୟ, ନଗର ସଂକୀର୍ତ୍ତନ, ବିଷ୍ଣୁ ଗାୟତ୍ରୀ ଯଜ୍ଞ ଓ ପୂର୍ଣ୍ଣାହୁତି କ୍ରମାନ୍ୱୟରେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ୪ର୍ଥ ଶ୍ରେଣୀଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଥା ବାଚକ ଚାରଣ ପାର୍ଥ ସାରଥି ମହାନ୍ତିଙ୍କ ଦ୍ୱାରା ପ୍ରବଚନ ସହିତ ସାମୂହିକ ଗୀତ ଗୋବିନ୍ଦ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ପୁରୀ ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ନୟାଗଡ଼ ଜିଲା ସଙ୍ଗଠକ ରାମକୃଷ୍ଣ ସାହୁ, ସମ୍ପାଦକ ଡା. ପ୍ରମୋଦ କୁମାର ପାଳ ପ୍ରମୁଖ ଯୋଗଦେଇ ଥିବା ବେଳେ ଚାରଣ ଶୁକଦେବ ମହାରଣା ମଞ୍ଚ ପରିଚାଳନା କରିଥିଲେ।



ଗାୟତ୍ରୀ ଯଜ୍ଞ ଓ ପୂର୍ଣ୍ଣାହୁତି କରାଯାଉଛି।

# ବେଆଇନ ବିସ୍ଫୋରଣକୁ ନେଇ ମାମଲା

ନୟାଗଡ,୧୬।୧୧(ଲୋକନାଥ ମିଶ୍ର)

ହାଟଦ୍ୱାର ମଙ୍ଗରାଜପୁର ମୁଣ୍ଡିଆରେ ବେଆଇନ ବିସ୍ଫୋରଣ ହୋଇଥିଲା। ଖବର ପାଇ ନୟାଗଡ ଟାଉନ ଥାନା ପୋଲିସ ପହଞ୍ଚି ନଂ. ୪୪୧/୨୫ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମଙ୍ଗରାଜପୁର ମୁଣ୍ଡିଆରେ ବେଆଇନ ଖଣି ଖନନ ହେବା ସହ କ୍ରସରରେ ଗୋଡି ଚିପସ୍ ନିଆଯାଉଥିବା ଅଭିଯୋଗ ରହିଛି।

# ମଦ୍ୟପାନକରି ଗାଡ଼ି ଚଳାଇଲେ ଗଣିବେ ଦଣ୍ଡ

### ସଡ଼କ ସୁରକ୍ଷା ସଚେତନତା

- ଶୂନ ମୃତାହତ ପକ୍ଷ ଆରମ୍ଭ
- ରଦ୍ଦ ହେବ ଲାଇସେନ୍ସ

ନୟାଗଡ, ୧୬।୧୧(ଲୋକନାଥ ମିଶ୍ର)

ନୟାଗଡ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୂନ୍ୟ ମୃତାହତ ପକ୍ଷ ସଚେତନତା ରଥ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ପୃକ୍ତ ରଥ ୧୬ତାରିଖ ରବିବାରଠାରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଜିଲାସାରା ବୁଲି ସଚେତନତା କରିବ। ରଥକୁ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମହାନ୍ତି ସ୍ୱାଗତ ଭାଷଣ ଦେଇ କହିଥିଲେ ସଡ଼କ ସୁରକ୍ଷା ସଚେତନତା ଓ ଶୂନ ମୃତାହତ ପକ୍ଷ ରବିବାରଠାରୁ ଆରମ୍ଭ ହେଲା। ୧୫ ଦିନିଆ ପକ୍ଷରେ ଗାଡିମୋଟର ଯାଞ୍ଚ କଡାକଡି କରାଯିବ। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇଲେ ଗଣିବେ ଦଣ୍ଡ ଓ ରଦ୍ଦ ହେବ ଡ୍ରାଇଭିଂ ଲାଇସେନ୍ସ। ଏଣୁ ସଚେତନତା ଏବଂ ସହଯୋଗରେ ଦୁର୍ଘଟଣା ହାର ନିୟନ୍ତ୍ରଣ କରାଯାଇ ପାରିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ସଡ଼କ ସୁରକ୍ଷା ନିମନ୍ତେ ଶପଥ ପାଠ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଯୋଗଦେଇ ଗାଡି ଚଳାଚଳର ସାବଧାନତା ଉପରେ ଆଲୋକପାତ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଯୋଗ ଦେଇଥିଲେ। ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ।




ସଡ଼କ ସୁରକ୍ଷା ସଚେତନତା ସମ୍ପର୍କରେ ଅତିଥିମାନେ ବୁଝାଯାଉଛନ୍ତି।

# ଗଳ୍ପ ସଂକଳନ 'ଭିନ୍ନ ରଙ୍ଗ' ଉନ୍ମୋଚିତ

ନୟାଗଡ,୧୬।୧୧(ଲୋକନାଥ ମିଶ୍ର)

ଲେଖକ ଧୀରେନ୍ଦ୍ର ପଟ୍ଟନାୟକଙ୍କ ଗଳ୍ପ ସଂକଳନ 'ଭିନ୍ନ ରଙ୍ଗ' ରବିବାର ରୋଟାରୀ କ୍ଲବ ନୟାଗଡ଼ରେ ଉନ୍ମୋଚିତ ହେଇଯାଇଛି। ପୁସ୍ତକ ଲୋକାର୍ପଣ ଉତ୍ସବରେ ଖବରଦାତା ରାମକୃଷ୍ଣ ରଥ ସଂଯୋଜନା କରିଥିବା ବେଳେ ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମୀକ୍ଷା କରିଥିଲେ। ଅତିଥିମାନେ ଭିନ୍ନ ରଙ୍ଗରେ ମାନବୀୟ ଭାବନା, ଦୈନିକ ଜୀବନ ଓ ସରଳ ଶୈଳୀରେ ଲେଖା ଯାଇଥିବା ଗଳ୍ପଗୁଡ଼ିକୁ ସ୍ୱାଗତ କରିଥିଲେ। ପୁସ୍ତକ ଉନ୍ମୋଚନ ପରେ ଲେଖକ ତାଙ୍କ ପ୍ରେରଣା, ଅଭିଜ୍ଞତା ଏବଂ ପାଠକଙ୍କ ଆଶୀର୍ବାଦର ଗୁରୁତ୍ୱ ବିଷୟରେ ମତାମତ ରଖିଥିଲେ। ଭିନ୍ନ ରଙ୍ଗ ବହିର ଏକ ଗଳ୍ପକୁ ନେଇ ପୂଜା ମହାନ୍ତି ଏକକ ଅଭିନୟ ପରିବେଷଣ କରିଥିଲେ। ଶେଷରେ କବି ନୀଳିମା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ 'ଭିନ୍ନ ରଙ୍ଗ' ଗଳ୍ପ ସଂକଳନ ଉନ୍ମୋଚନ କରୁଛନ୍ତି।

# ଶ୍ରୀରଘୁନାଥ ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ

### ପଥରା ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ



ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି।

ଓଡ଼ଗାଁ, ୧୬।୧୧
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଶ୍ରୀରଘୁନାଥ ବରିଷ୍ଠ ନାଗରିକ ମଞ୍ଚର ନୂତନ ସଭାପତିଙ୍କ ନେତୃତ୍ୱରେ କର୍ମକର୍ତ୍ତାଗଣ ରବିବାର କୋମଣ୍ଡ ନିକଟସ୍ଥ ପଥରା ମହର୍ଷି ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ରବିବାର ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ପ୍ରାକ୍ତନ ସଭାପତି ଦାମୋଦର ଖିଲାରଙ୍କ ସଭାପତିତ୍ୱରେ ଓଡ଼ଗାଁ ସରକାରୀ କଲ୍ୟାଣ ମଣ୍ଡପରେ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ବରିଷ୍ଠ ନାଗରିକ ବସନ୍ତ କୁମାର ମିଶ୍ରଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ସୁବାସ ଚନ୍ଦ୍ର ପାତ୍ର, ସମ୍ପାଦକ ନୃସିଂହ ଚରଣ ସାହୁ, ସହ ସମ୍ପାଦକ ବଟକୃଷ୍ଣ ପଣ୍ଡା ଏବଂ କୋଷାଧ୍ୟକ୍ଷ ଭାବେ ଶେଷଦେବ ସାହୁ ମନୋନୀତ ହୋଇଥିଲେ।

ସେହିପରି ସୁବାସ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଦାଶ, ଅଜିତ କୁମାର ନାୟକ ଓ ପ୍ରମୋଦ ଦୋରାଙ୍କୁ କାର୍ଯ୍ୟକାରୀ ସଦସ୍ୟଭାବେ ମନୋନୀତ କରାଯାଇଥିଲା। ବରିଷ୍ଠ ନାଗରିକ ଲୋକନାଥ ମିଶ୍ର(ଭରଦ୍ୱାଜ)ଙ୍କ ପ୍ରସ୍ତାବ କ୍ରମେ ଉପସ୍ଥିତ ବରିଷ୍ଠ ନାଗରିକ ଗଣ ନିଜେ କିଛି ଅର୍ଥ ପ୍ରଦାନ କରିଥିଲେ। ଉକ୍ତ ଅର୍ଥ ବିନିମୟରେ କମ୍ବଳ ଯୋଗାଡ କରାଯାଇ ସେଗୁଡିକୁ ନେଇ ବୃଦ୍ଧାଶ୍ରମରେ ବଣ୍ଟନ କରାଯାଇଥିଲା। ଆସନ୍ତା ସପ୍ତାହରେ ସ୍ଥାନୀୟ ଅଞ୍ଚଳର ଗରିବ, ଅସହାୟ ମହିଳା ଓ ପୁରୁଷଙ୍କୁ କମ୍ବଳ ବଣ୍ଟନ କରିବାର ଉଦ୍ୟମ ଜାରି ରହିବ ବୋଲି ସଭାପତି ମିଶ୍ର କହିଛନ୍ତି।

# ୪ କେଜି ଗଞ୍ଜେଇ ଜବତ

### ବ୍ୟବସାୟୀ, ରିଟେଲର ଜେଲ ଗଲେ

ନୟାଗଡ,୧୬।୧୧(ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ଜଣେ ଗଞ୍ଜେଇ ବ୍ୟବସାୟୀ ଓ ରିଟେଲରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଇଟାମାଟିର ସଞ୍ଜୟ ମହାପାତ୍ର ଓ ରାଧାନାଥପୁର ଗାଁର ସନ୍ତୋଷ ସେଠୀଙ୍କୁ ନୟାଗଡ ଜିଲା ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ଇଟାମାଟିର ସଞ୍ଜୟ ଜଣେ ଗଞ୍ଜେଇ ବ୍ୟବସାୟୀ। ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିଲା। ତେବେ ବାଲିକୁଦିଆ ହରିପୁର ରାସ୍ତାରେ ସଞ୍ଜୟ ରିଟେଲର ସନ୍ତୋଷଙ୍କୁ ୪ କେଜି ଗଞ୍ଜେଇ ଦେଉଥିବା ବେଳେ ପୋଲିସ ଗିରଫ କରିଥିଲା। ଏନେଇ ନଂ.୪୦୩/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ଗଣମାଧ୍ୟମର ସହଯୋଗ ନ ରହିଲେ ପରିବର୍ତ୍ତନ ଅସମ୍ଭବ

### ଜାତୀୟ ପ୍ରେସ୍ ଦିବସ

- ମିଥ୍ୟା ଖବରକୁ ନେଇ ଜାତୀୟ ପ୍ରେସ୍ ଦିବସରେ ଚିନ୍ତା
- ଡିଜିଟାଲ ମିଡିଆ ସମାଜକୁ କରୁଛି କଳୁଷିତ

ନୟାଗଡ,୧୬।୧୧(ଲୋକନାଥ ମିଶ୍ର)

ନୟାଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭ୍ରମାତ୍ମକ ଖବର ଓ ଗଣମାଧ୍ୟମର ବିଶ୍ୱସନୀୟତା ଶୀର୍ଷକ ଆଲୋଚନାଚକ୍ରରେ କେବଳ ଖବରଦାତାମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ସମ୍ମାନିତ ଅତିଥି ଏସ୍‌ପି ଏସ୍ ସୁଶ୍ରୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ୍ ଓ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଅନୁପସ୍ଥିତ ଥିଲେ। ଯାହାକି ଅସନ୍ତୋଷ ସୃଷ୍ଟି କରିଥିଲା।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ନାୟକ କହିଥିଲେ, ଚାକିରି ଜୀବନରେ ପ୍ରଥମ ଥର ପାଇଁ ଜିଲାର ଖବରଦାତାମାନଙ୍କ ସହ ଏକାଠି ହୋଇ ଆଲୋଚନା କରିବାର ସୁଯୋଗ ପାଇଲି। ତେବେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ଦେଶ ଓ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକ ଗ୍ରହଣ କରି ଆସିଛି। ଡିଜିଟାଲ ଯୁଗରେ ବି ଛାପା ଗଣମାଧ୍ୟମର ଗୁରୁତ୍ୱ ରହିଛି। ସତ୍ୟର ସନ୍ଧାନ, ନିରପେକ୍ଷ ଖବର ପ୍ରସାରଣ ଓ ଜନମତ ଗଠନ ହେଉଛି ଏହାର ମୂଳ ଲକ୍ଷ୍ୟ। କିନ୍ତୁ ତଥ୍ୟ ଓ ପ୍ରଯୁକ୍ତି ଯୁଗରେ ଭ୍ରମାତ୍ମକ ଖବର ବା ଫେକ୍ ନିଉଜ୍ ପ୍ରସାର ଚିନ୍ତାର କାରଣ। ଏବେ ସାମାଜିକ ଗଣମାଧ୍ୟମ ଆସିବା ପରେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାରେ ଦୌଡ ସତ୍ୟତାର ଯାଞ୍ଚକରି ପାରୁନି। ସୋସିଆଲ ମିଡିଆ ଓ ଡିଜିଟାଲ ମାଧ୍ୟମର ପ୍ରଭାବ ସତ୍ୟ ଓ ମିଥ୍ୟାକୁ ପରଖିବା ଆମ ପାଇଁ ଅସୁବିଧା ସୃଷ୍ଟି କରି ସାରିଲାଣି। ଫେକ୍ ନିଉଜ ଏବେ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଯାହାକି ସମାଜକୁ କଳୁଷିତ କରିବାକୁ ବସିଲାଣି। ଏହାକୁ କିମିତି ରୋକାଯିବ ଆମେ କିଛି କରି ପାରୁନୁ। ଲାଇକ୍ କରିବା ଏବେ ବ୍ୟବସାୟରେ ପରିଣତ ହୋଇଯିବାରୁ ଭ୍ରମାତ୍ମକ ଖବର ଲୋକମାନଙ୍କ ମନୋଭାବ ଓ ବିଶ୍ୱାସକୁ ବିଭ୍ରାନ୍ତ କରି ସାରିଲାଣି। ଏଥିପାଇଁ ଗଣମାଧ୍ୟମର ସହଯୋଗ ନ ରହିଲେ କିଛି କରି ହେବନି ବୋଲି କହିଥିଲେ।




ଅତିଥିମାନେ ପ୍ରେସ୍ ଦିବସ ସମ୍ପର୍କରେ ଆଲୋଚନା କରୁଛନ୍ତି।

# ଇ-ଡେସ୍‌ପାଚ୍‌କୁ ଡର

- ଜିଲାପାଳଙ୍କ କାର୍ଯ୍ୟାଳୟରୁ ୬ ବର୍ଷ ହେଲା ଡେସ୍‌ପାଚ୍ ବନ୍ଦ
- ଶ୍ରାଦ୍ଧ ହେଉଛି ସରକାରୀ ରାଜସ୍ୱ, ସ୍ୱଚ୍ଛ ଶାସନ ଲକ୍ଷ୍ୟ ପରାହତ

ଯାଜପୁର,୧୬।୧୧
(ହର୍ଷବର୍ଦ୍ଧନ ବେହେରା)




ରାଜ୍ୟ ସରକାର ଦୁର୍ନୀତିର ମୂଳୋତ୍ପାଟନ କରି ଲୋକଙ୍କ ସରକାର କରିବାକୁ ଉଦ୍ୟମ ଚଳାଇଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏହିସବୁ କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ କେବଳ ପ୍ରଚାର ସର୍ବସ୍ୱ। ଦୁର୍ନୀତି, ହେରଫେର, ଅପାରଗତା ଆଦିକୁ ଲୁଚାଇବାକୁ ଇ-ଡେସ୍‌ପାଚ୍ ଓ ଜିଲା ୱେବପୋର୍ଟାଲକୁ ନବୀକରଣ କରାଯାଉନାହିଁ । ଡେସ୍‌ପାଚ୍ କ୍ଷେତ୍ରରେ ଅତି ଚାଲାକି ଭାବେ ନମ୍ବର ସିନା ବଢୁଛି ହେଲେ ବାସ୍ତବରେ ଚିଠିପତ୍ର ଦେଖାଯାଉନାହିଁ। ଏଥିରେ ସର୍ବାଗ୍ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଅବକାରୀ, ପରିବହନ, ଯୋଗାଣ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆର୍‌ଡବ୍ଲୁଏସ୍‌ଏସ୍) ବିଭାଗ, ଜିଲା ଶିଳ୍ପ କେନ୍ଦ୍ର, ବ୍ୟାସନଗର ଓ ଯାଜପୁର ପୌର ପରିଷଦ, ଜିଲା ଶିଳ୍ପ, ପୂର୍ତ୍ତ, ସମବାୟ ଆଦି ବିଭାଗ ଆଗରେ ରହିଛି । ଫଳରେ ଆବଶ୍ୟକ ତଥ୍ୟ କିମ୍ବା ଅଭିଯୋଗ ସମ୍ପର୍କିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସାଧାରଣ ଜନତା ଜାଣିପାରୁନାହାନ୍ତି।

ବିଭାଗୀୟ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ପ୍ରାୟ ୧୪ ବର୍ଷ ତଳେ ଇ-ଡେସ୍‌ପାଚ୍ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏଥିରେ ରାଜ୍ୟର ସମସ୍ତ ବିଭାଗର ଚିଠିପତ୍ର ଆଦାନ ପ୍ରଦାନ ସହ ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ପ୍ରତିଦିନ ଅପ୍‌ଡେଟ୍ କରାଯିବାକୁ ନିର୍ଦ୍ଦେଶ ରହିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିବା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକେ ଯେପରି ଜାଣିପାରିବେ, ତାହାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ଯାଜପୁର ଜିଲା ପ୍ରଶାସନ ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ ଅବମାନନା କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତିକୁ ଅନ୍ଧାରରେ ରଖୁଥିବା ଅଭିଯୋଗ ହେଉଛି। ଏହି ଇ-ଡେସ୍‌ପାଚ୍ ଲବଂ ୱେବ୍‌ପୋର୍ଟାଲ ଦାୟିତ୍ୱରେ ଥିବା ଭୁବନେଶ୍ୱରର ଅଧିକାରୀମାନେ ନିୟମିତ ବ୍ୟବଧାନରେ ସମୀକ୍ଷା ନ କରି କେଉଁ ସ୍ୱାର୍ଥରେ ଆଖି ବୁଜି ଦେଇଛନ୍ତି, ତାହା ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି ।

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ସୁଦ୍ଧା ୨,୫୨୪ଟି ଚିଠିପତ୍ର ଡେସ୍‌ପାଚ୍ ହୋଇଥିବାବେଳେ ୯୬,୬୫୬ଟି ଚିଠି ରିସିଭ ହୋଇଛି। କିନ୍ତୁ ବାସ୍ତବରେ ଗତ ପ୍ରାୟ ୬ ବର୍ଷରୁ ଊର୍ଦ୍ଧ୍ୱ ହେବ ଗୋଟିଏ ବି ଚିଠି ଡେସ୍‌ପାଚ୍ ହୋଇ ନ ଥିବା ଦେଖିବାକୁ ମିଳିଛି। ଏପରିକି ରିସିଭ୍ କ୍ଷେତ୍ରରେ ମଧ୍ୟ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ନିୟମିତ ଚିଠିପତ୍ର ଆଦାନ ପ୍ରଦାନ ହେଉନାହିଁ। ସମସ୍ତ ବିଭାଗ ଉପରେ ଜିଲାପାଳଙ୍କ କର୍ତ୍ତୃତ୍ୱ ରହୁଥିବାବେଳେ ଏଠାରେ ଲୋକଙ୍କ ବିଶ୍ୱାସରେ ବିଷ ଦିଆଯାଉଛି ବୋଲି ମତପ୍ରକାଶ ପାଉଛି। ଏହାବାଦ ଯାଜପୁର ୱେବ୍‌ପୋର୍ଟାଲରେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ରାଜ୍ୟରେ ଅନ୍ୟ ଜିଲା ଅପେକ୍ଷା ଯାଜପୁର ଜିଲାରେ କେଉଁ କାରଣରୁ ତଥ୍ୟ ଦେବାରେ ପଛଘୁଞ୍ଚା ଦିଆଯାଉଛି ତାହା ଏକ ବଡ଼ ପ୍ରଶ୍ନ ହୋଇଛି। ଏଥିଯୋଗୁ ରାଜ୍ୟ ସରକାର କେତେକାଂଶରେ ସାଧାରଣ ଲୋକଙ୍କ ଆସ୍ଥା ହରାଇଥିବା ମନେହେଉଛି। ଅନ୍ୟପକ୍ଷେ ଜିଲା ଶିଳ୍ପ କେନ୍ଦ୍ରରେ ଚିଠି ଡେସ୍‌ପାଚ୍ ୨୩।୧୦।୨୦୧୯ରୁ ବନ୍ଦ ପଡ଼ିଛି। ଡେପୁଟି ଡାଇରେକ୍ଟର ଅଫ୍ ଏଗ୍ରିକଲଚର, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ଜିଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ, ପୂର୍ତ୍ତ ପ୍ରଭୃତି ବିଭାଗରେ କିଛି ବି ପତ୍ର ପ୍ରେରଣ କରାଯାଇନାହିଁ। ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ, ଆସିଷ୍ଟାଣ୍ଟ ଡେପୁଟି ଡାଇରେକ୍ଟର ଅଫ ହର୍ଟିକଲଚର, ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ, ଯାଜପୁର ଓ ଚଣ୍ଡିଖୋଲ ଆର୍‌ଟିଓ, ଯାଜପୁର ଓ ବ୍ୟାସନଗର ମ୍ୟୁନିସିପାଲିଟି, ଚଣ୍ଡିଖୋଲ ଆରଡବ୍ଲୁଏସ୍‌ଏସ୍ ଆଦି ବିଭାଗରେ ନମ୍ବର ବଢୁଛି ସତ, ହେଲେ ଦୀର୍ଘ ସମୟ ହେବ ଚିଠିପତ୍ର ଦିଶୁନାହିଁ। ଇ-ଡେସ୍‌ପାଚ୍ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଭାବେ ଏକ କମ୍ପ୍ୟୁଟର ସଂସ୍ଥାଙ୍କୁ ନିୟୋଜିତ କରାଯାଇଛି। ଉକ୍ତ ସଂସ୍ଥା ପାଇଁ ମାସକୁ ମାସ ବିପୁଳ ଅର୍ଥ ଶ୍ରାଦ୍ଧ ହେଉଛି । ଏହାସତ୍ତ୍ୱେ ବିଭାଗୀୟ ଚିଠି ଓ ନିର୍ଦ୍ଦେଶାବଳୀ ଆଦି ସେହି ପୁରୁଣା ଢଙ୍ଗରେ ଫାଇଲ୍‌ରୁ ଫାଇଲ୍‌କୁ ବୁଲୁଛି। ଏବେ କେତେକ ଗୁରୁତ୍ୱପୂର୍ଣ୍ଣ ଚିଠିପତ୍ର ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖି ଗୁପ୍ତ ଭାବେ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଆଦାନପ୍ରଦାନ ହେଉଥିବା ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କୁ ପଚାରିବାରୁ ସେ କହିଛନ୍ତି, ଇ-ଡେସ୍‌ପାଚ୍‌ରେ ସମସ୍ତ ବିଭାଗର ଚିଠିପତ୍ର ଆଦାନ ପ୍ରଦାନ ହେବା କଥା। ଯେଉଁ ବିଭାଗରେ ଏହି ଦାୟିତ୍ୱ ନିର୍ବାହ କରାଯାଉନାହିଁ ସେ ସଂକ୍ରାନ୍ତରେ ଆବଶ୍ୟକ ସମୀକ୍ଷା କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।

# ଚେସ୍-ଇନ୍ ସ୍କୁଲ କାର୍ଯ୍ୟକ୍ରମ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ ।

ବଡଚଣା,୧୬।୧୧
(ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ଯାଜପୁର ୟୁନାଇଟେଡ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚେସ୍ ଇନ୍ ସ୍କୁଲ୍ କାର୍ଯକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଆସୋସିଏଶନ ସଭାପତି ତପନ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍କୁଲ୍ ଅଧ୍ୟକ୍ଷ ସ୍ୱରୁପାନନ୍ଦ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସୋସିଏଶନର ସମ୍ପାଦକ ସମରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ମହାବିନାୟକ ଚେସ ଏକାଡେମୀର ନିର୍ଦ୍ଦେଶକ ମନୋଜ ପରିଡ଼ାଙ୍କ ଏହା ପାଇଲଟ ପ୍ରୋଜେକ୍ଟ ରୁପେ ଆରମ୍ଭ ହୋଇଛି। ପରବର୍ତ୍ତୀ ସମୟରେ ଜିଲାର ୪ଟି ବିଦ୍ୟାଳୟରେ ଏହା ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି। ଖେଳରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସପ୍ତାହକୁ ଦୁଇଦିନ ଶୁକ୍ରବାର ଓ ଶନିବାର ଆସୋସିଏଶନର ପ୍ରତିଷ୍ଠିତ ପ୍ରଶିକ୍ଷକମାନେ ପିଲାଙ୍କୁ ନିଶୁଳ୍କ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଶିକ୍ଷକ ସତ୍ୟ ସୁନ୍ଦର ମହାକୁଡ଼, ସଂଯୋଜକ ଚନ୍ଦ୍ରଭାନୁ ପ୍ରଧାନ, ଶିକ୍ଷକ ରଶ୍ମିରଞ୍ଜନ ସାହାଣୀ, ସତ୍ୟରଞ୍ଜନ ଜେନା ଓ ନିଗମାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ମୀନାରାୟଣ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ରସୁଲପୁର,୧୬।୧୧(ରଞ୍ଜିତ ରାଉତ):

ଯାଜପୁର ଜିଲାର କୁଆଖିଆ ବଜାରଠାରେ ଆୟୋଜିତ ହୋଇଆସୁଥିବା ଲକ୍ଷ୍ମୀନାରାୟଣ ପୂଜାଉତ୍ସବ ପାଇଁ ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିସହିତ ପ୍ରଭୁଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁଭଖୁଣ୍ଟି ସ୍ଥାପନ ପାଇଁ ଅନୁଷ୍ଠିତ ପୂଜାରେ କର୍ତ୍ତାଭାବେ ନାରାୟଣ ଚନ୍ଦ୍ର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। କୁଆଖିଆ ବଜାର ଲକ୍ଷ୍ମୀନାରାୟଣ ପୂଜା କମିଟି ସଭାପତି ବନୋଜ ସ୍ୱାଇଁ, ସମ୍ପାଦକ ଦେବାକାନ୍ତ ପଲେଇ, କୋଷାଧ୍ୟକ୍ଷ ମନୋଜ ସାହୁଙ୍କ ନେତୃତ୍ୱରେ ପୂଜା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ବଜାର କମିଟି ସଦସ୍ୟ, ବରିଷ୍ଠ ବ୍ୟବସାୟୀ, ସ୍ଥାନୀୟ ଓରାଳି, ଚଣ୍ଡିପୁର, ସାରଙ୍ଗପୁର, ମୁଗୁପାଳ, ବରାଂଶ, ରସୁଲପୁର, ସାନଓରାଳି, ନତିପୁର, କୋଳଥଳ ଆଦି ଗ୍ରାମର ମୁରବି ଯୋଗଦେଇଥିଲେ। ସମେସ୍ତ ସଂକୀର୍ତ୍ତନ ମଣ୍ଡଳି, ଘଣ୍ଟଘଣ୍ଟା, ବାଦ୍ୟ ଆଦିର ଶୋଭାଯାତ୍ରାର ସହ ସ୍ଥାନୀୟ ଓରାଳି ପୁଷ୍କରିଣୀ ନିକଟରେ ପହଞ୍ଚିଥିଲେ। ସେଠାରେ ମୃତ୍ତିକା ପୂଜା କରାଯାଇଥିଲା। ପୁଷ୍କରିଣୀରୁ ମୃତ୍ତିକା ଅଣାଯାଇ ଲକ୍ଷ୍ମୀନାରାୟଣଙ୍କ ପୂଜା ପୀଠରେ ସ୍ଥାପନ କରାଯାଇଥିଲା। ସ୍ଥାନୀୟ କୁଲୁଗାଁ ଅଞ୍ଚଳର କାରିଗର ରବୀନ୍ଦ୍ର ସାହୁ, ଚିତ୍ରକାରିଗର ହରିହର ମହାରଣା ଓ ଅନ୍ୟ ଶିଳ୍ପୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ସକାଶେ ପ୍ରସ୍ତୁତି ଆରମ୍ଭ କରିଥିଲେ। ୧୦ରୁ ଅଧିକ କାରିଗର ମୂର୍ତ୍ତି ନିର୍ମାଣ କାର୍ଯ୍ୟକୁ ସମ୍ପନ୍ନ କରିବେ। ଧନୁ ସଂକ୍ରାନ୍ତିରୁ ପୂଜା ଉତ୍ସବ ଆରମ୍ଭ ହେବ। ଏହା ୨୧ଦିନ ଧରି ଚାଲିବ। ପୂଜା ଉତ୍ସବ ଅବସରରେ କୁଆଖିଆ ମହୋତ୍ସବ ୧୧ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ନିଖିଳ ଉତ୍କଳ ଶିଶୁ ମେଳା ସମିତିର ବାର୍ଷିକ ଉତ୍ସବ


ଉତ୍ସବରେ ମଞ୍ଚାସୀନ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା ।

ବଡ଼ଚଣା,୧୬।୧୧(ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲ ନିଖିଳ ଉତ୍କଳ ଶିଶୁ ମେଳା ସମିତିର ୪୬ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଚଣ୍ଡିଖୋଲ ଛକ ସନ୍ନିକଟ ସେଣ୍ଟ ଜାଭିୟର୍ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଚଣା ଓ ଧର୍ମଶାଳା ବ୍ଲକର ବିଭିନ୍ନ ସ୍କୁଲ୍‌ର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ନାନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଧନଞ୍ଜୟ ସ୍ୱାଇଁ, ମୁଖ୍ୟବକ୍ତା ଭାବେ କବି ତୁହିନାଂଶୁ ରଥ, ସମ୍ମାନିତ ଅତିଥି ଭାବେ ଶିଶୁସାହିତ୍ୟିକ ମାନସ ରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିଲେ।

ସଭାରେ ସମିତି ସଭାପତି ପ୍ରିୟନାଥ ମହାପାତ୍ର ଅଧ୍ୟକ୍ଷତା କରିଥଲେ। ସେଣ୍ଟ ଜାଭିୟର୍ ପବ୍ଲିକ ସ୍କୁଲ ଚେୟାରମ୍ୟାନ ଦୁଷ୍ମନ୍ତ ପଣ୍ଡା, ପ୍ରାଧ୍ୟାପକ ବିଜୟ କେତନ ସାମଲ, ସେଣ୍ଟ ଜାଭିୟର୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ରବୀନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ଶରତ ନାୟକ ବାର୍ଷିକ ବୀବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ନିର୍ଦ୍ଦିଷ୍ଟ ଲକ୍ଷ ନେଇ ଆଗେଇଲେ ଛାତ୍ରୀଛାତ୍ର ବିଶ୍ୱସ୍ତରରେ ପହଞ୍ଚି ଅଞ୍ଚଳର ସୁନାମ ଅର୍ଜନ କରି ପ୍ରଶଂସିତ ହୋଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ଏହି ଅବସରରେ ଶିଶୁ ସାହିତ୍ୟିକ ନିର୍ଭର ପାଣିଙ୍କୁ ମା' ଯଶୋଦା ଶିଶୁ ମେଳା ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ବୈକୁଣ୍ଠନାଥ ସ୍ମୃତି ସମ୍ମାନ, ସାମ୍ବାଦିକ ଶିବରାମ ସାହୁଙ୍କୁ ଆଦର୍ଶ ସାମ୍ବାଦିକ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ହରିହର ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ଅନିତା ତ୍ରୀପାଠୀ, ଭାରତୀ ପ୍ରସନ୍ନା ନାୟକ, ନମ୍ରତା ପଶାୟତ, ମୈତ୍ରୀ ହୋତା, ଝିଲିରାଣୀ ଜେନା, ପ୍ରଣୟ କିଶୋର ଦାସ, ଆର୍ତ୍ତତ୍ରାଣ ସେଠୀ, ସୁଷମା ମହାନ୍ତି, ରଞ୍ଜନ ପ୍ରତିହାରୀ, ଚିରଞ୍ଜୀବ ମିଶ୍ର, କେଶବ ଚନ୍ଦ୍ର ସାମଲଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସୁଶ୍ରୀ ଆକାଂକ୍ଷା ପ୍ରିୟଦର୍ଶୀ, ରାଜଶ୍ରୀ ସାମଲଙ୍କୁ ମାନପତ୍ର, ପୁଷ୍ପ ଗୁଚ୍ଛ ଓ ଅର୍ଥରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ମହୋତ୍ସବରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମିତି ପକ୍ଷରୁ ଅତିଥିଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର କାର୍ଯ୍ୟକର୍ତ୍ତା ବିପିନ ବିହାରୀ ସ୍ୱାଇଁ, ଜଗନ୍ନାଥ ସାମନ୍ତରାୟ, ଅଧ୍ୟାପକ ଅରୁଣ ନାୟକ, ପ୍ରସନ୍ନ ବିଶ୍ୱାଳ, ଶରତ ଚନ୍ଦ୍ର ଦାସ, ସେଣ୍ଟ ଜାଭିୟର୍ ପବ୍ଲିକ ସ୍କୁଲର ସମସ୍ତ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜାତୀୟ ପ୍ରେସ୍ ଦିବସ ପାଳିତ

ଯାଜପୁରରୋଡ୍,୧୬।୧୧
(ପବିତ୍ର ରଞ୍ଜନ ମହାନ୍ତି):

ଉତ୍କଳ ସାମ୍ବାଦିକ ସଂଘ ବ୍ୟାସନଗର ଶାଖା ପକ୍ଷରୁ ରବିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ସାମ୍ବାଦିକ ଜଗତର ପିତାମହ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଗୋପବନ୍ଧୁଛକ ଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ପବିତ୍ର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟକାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜିଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଜିଲା ସମ୍ପାଦକ ସୁଭାଶିଷ ରାଉତ, ବ୍ୟାସନଗର ପୌରାଞ୍ଚଳ ସଂଯୋଜକ ଯଜ୍ଞଦତ୍ତ ତ୍ରିପାଠୀ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଦୀପ ଚାନ୍ଦ, ସାମ୍ବାଦିକ ପ୍ରକାଶ ରାଉତ, ରଜତ ସାହା, ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନ ସଭାପତି ଶରତ ପଥାଳ, ଉପଦେଷ୍ଟା ଅଭିମନ୍ୟୁ ମିଶ୍ର, ବରିଷ୍ଠ ସଭ୍ୟ ପ୍ରଦ୍ୟୁମ୍ନ ବୋଇତାଇ, ସୁଦୀପ ମିଶ୍ର, ପ୍ରଶାନ୍ତ ପାତ୍ର, ଶ୍ରୀକାନ୍ତ ବ୍ରହ୍ମ, ପଦ୍ମଲୋଚନ ନାୟକ, ଚକ୍ରଧର ଦାସ, ସନ୍ତୋଷ ରଥ, କଳ୍ପତରୁ ଧୀର ଓ ସନ୍ତୋଷ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ନିର୍ଭିକ ସମ୍ବାଦ ପରିବେଷଣ କରିବା ସହ ଐକ୍ୟବଦ୍ଧ ହୋଇ ରହିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ।



ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଉତ୍କଳ ସାମ୍ବାଦିକ ସଂଘ ବ୍ୟାସନଗର ଶାଖାର କର୍ମକର୍ତ୍ତା ।

# ଜଗନ୍ନାଥଙ୍କ ମୁକୁଟ, ପାଟ ଦେଇଛି ରୋଜଗାର

## ସଫଳ ମହିଳା ଉଦ୍ୟୋଗୀ ଝରଣା

କାଏମା,୧୬।୧୧(ଶିବ ପ୍ରସାଦ ମହାନ୍ତି):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ପାଟପୁର ଗ୍ରାମର ଝରଣା ଦାସ ଜଣେ ସଫଳ ମହିଳା ଉଦ୍ୟୋଗୀ। ସେ ଜଗନ୍ନାଥଙ୍କ ମୁକୁଟ, ପାଟ ସମେତ ଚାନ୍ଦୁଆ ଘାଗରା, ଓଢ଼ଣି, ବିବାହ ମୁକୁଟ, ହନୁମାନ ବସ୍ତ୍ର, ଲକ୍ଷ୍ମୀଙ୍କ ଓଢ଼ଣି, ବୃନ୍ଦାବତୀ ଘାଗରା, ପତାକା ଆଦି ସାମଗ୍ରୀ ତିଆରି କରି ନିଜେ ସ୍ୱାବଲମ୍ବୀ ହେବା ସହ ସଫଳ ଉଦ୍ୟୋଗୀ ଭାବେ ପରିଚୟ ହାସଲ କରିଛନ୍ତି। ଝରଣାଙ୍କ ବୟସ ପାଖାପାଖି ୪୦ ବର୍ଷ। ତାଙ୍କର ଏକ ପୁଅ ସ୍କୁଲରେ ପାଠ ପଢୁଛନ୍ତି। ତେଣୁ ପୁଅ ଏବଂ ନିଜ ଖର୍ଚ୍ଚ ପାଇଁ ସେ ପ୍ରତ୍ୟେକ ଦିନ ଘର କାମ କରିବା ସହ ଏହି କାର୍ଯ୍ୟ କରି ଆସୁଛନ୍ତି।

ଝରଣା ବିବାହ କରିଥିଲେ। କିନ୍ତୁ ବୈବାହିକ ଜୀବନରେ ଦେଖା ଦେଇଥିଲା ଅଶାନ୍ତି। ତେଣୁ ସେ ଶାଶୁଘର ଛାଡ଼ି ବାପଘରେ ଦୀର୍ଘ ବର୍ଷ ହେବ ରହିଆସୁଛନ୍ତି। ଝରଣା ଘରର ଗୋଟିଏ ଝିଅ। ତାଙ୍କର ଜଣେ ମାତ୍ର ଭାଇ। ତେଣୁ ବାପା ଭାଇଙ୍କ ଉପରେ ବୋଝ ନ ହେବା ପାଇଁ ପିଲାଦିନେ ଶିଖିଥିବା ଚାନ୍ଦୁଆ ତିଆରି କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତ୍ତି ନେଇଥିଲେ।


ଝରଣା ଦାସ ପ୍ରସ୍ତୁତ କରିଥିବା ଚାନ୍ଦୁଆ ।

ଏସବୁ ସାମଗ୍ରୀ ତିଆରି ପାଇଁ ଟଙ୍କାର ଆବଶ୍ୟକତାଥିଲା। ଝରଣା ବାପାଭାଇଙ୍କ ସହଯୋଗରେ କିଛି ଟଙ୍କା ଋଣ ଆକାରରେ ଆଣି କଟକ ଯାଇ ଉପକରଣ କିଣିଥିଲେ। ଦିନରାତି କାମ କରି ଉପରୋକ୍ତ ସାମଗ୍ରୀ ସବୁ ପ୍ରସ୍ତୁତ କରିଥିଲେ। ସେଗୁଡ଼ିକୁ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିଥିଲେ। ଅବଶିଷ୍ଟ କଟକରେ ନେଇ ମଧ୍ୟ ବିକ୍ରି କରୁଛନ୍ତି। ଚାନ୍ଦୁଆ ସାମଗ୍ରୀ ବିକ୍ରି କରି ଝରଣା ମାସକୁ ୭/୮ ହଜାର ଟଙ୍କା ରୋଜଗାର କରୁଛନ୍ତି।

ବିବାହ ଓ ପାର୍ବଣ ସମୟରେ ଏସବୁର ଚାହିଦା ଅଧିକ ରହୁଛି। ଏହି ସମୟରେ ଭଲ ରୋଜଗାର ମଧ୍ୟ ହେଉଛି। ଅନ୍ୟପକ୍ଷରେ ଦିନକୁ ଦିନ ଚାନ୍ଦୁଆ ତିଆରି ଉପକରଣର ମୂଲ୍ୟବୃଦ୍ଧି ପାଇବାରେ ଲାଗୁଛି। ଫଳରେ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନାହିଁ। ତଥାପି ଝରଣା ଏହି କାର୍ଯ୍ୟ ଜାରି ରଖିଛନ୍ତି। ନିଜ ପରିଶ୍ରମ ଓ ବାପଘର ଲୋକଙ୍କ ସହଯୋଗରେ ସେ ସଫଳ ମହିଳା ଉଦ୍ୟୋଗୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଉପାର୍ଜିତ ଅର୍ଥରେ ସେ ପୁଅର ପାଠପଢ଼ା ଖର୍ଚ୍ଚ ସହ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ତାଙ୍କୁ ସରକାରୀ ପ୍ରୋତ୍ସାହନ ମିଳିପାରିନାହିଁ। ପ୍ରଶାସନ ତାଙ୍କୁ ଆନୁଷଙ୍ଗିକ ଉପକରଣ ସୁବିଧାରେ ଯୋଗାଇ ଦେବା ସହ ଉତ୍ପାଦିତ ସାମଗ୍ରୀକୁ ଉଚିତ ମୂଲ୍ୟରେ ବିକ୍ରି ବ୍ୟବସ୍ଥା କଲେ ଝରଣା ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି।

# କଲେଜ ଛାତ୍ରୀଙ୍କ ବ୍ୟାଗ୍ ଝାମ୍ପି ନେଲେ ଦୁର୍ବୃତ୍ତ

ଧର୍ମଶାଳା,୧୬।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଜାରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଜଣେ କଲେଜ ଛାତ୍ରୀ ଲୁଟ୍‌ର ଶିକାର ହୋଇଛନ୍ତି। ଛାତ୍ରୀ ଜଣକ ଶନିବାର କଲେଜରୁ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ଦୁର୍ବୃତ୍ତ ତାଙ୍କ ସାଇକେଲ ବାସକେଟରୁ ବ୍ୟାଗକୁ ଝାମ୍ପିନେଇ ପଳାଇଛନ୍ତି। ଏନେଇ ଛାତ୍ରୀ ଜାରକା ବିଟ୍ ହାଉସରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଚଳାଇଛି। ଲୁଟ୍‌ର ଶିକାର ଛାତ୍ରୀ ହେଲେ ଉକ୍ତଥାନା ଉତ୍ତରପ୍ରତାପ ପଞ୍ଚାୟତ ଜଗତସାହୁ ପାଟଣା ଗ୍ରାମର ରାହାସ ନନ୍ଦଙ୍କ ଝିଅ ଆକାଂକ୍ଷା ନନ୍ଦ। ସେ ଯୁକ୍ତ ୩ର ଛାତ୍ରୀ। ତାଙ୍କ ବ୍ୟାଗରେ ଏକ ମୋବାଇଲ ଓ ୩୨ ଶହ ଟଙ୍କା ରହିଥିଲା।

# ମାରପିଟ : ଜଣେ ଗିରଫ

ପାଣିକୋଇଲି,୧୬।୧୧(ବିକାଶ ମଲ୍ଲିକ): ପାଣିକୋଇଲି ପୋଲିସ ମାରପିଟ ଓ ଗଣ୍ଡଗୋଳ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗୁ ଓରଫ୍ ରାଜେନ୍ଦ୍ର ହେମ୍ବ୍ରମ। ଉକ୍ତ ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତ ଦଇଦାସପାଟଣା ଗ୍ରାମର ଲକ୍ଷ୍ମଣ ମୁର୍ମୁଙ୍କ ଅଭିଯୋଗ ମୁତାବକ, ପଡ଼ୋଶୀ ଜଗୁ ତାଙ୍କ ପରିବାର ସହ ମାରପିଟ କରିଥିଲେ। ଫଳରେ ଲକ୍ଷ୍ମଣଙ୍କ ପରିବାର ଲୋକେ ଆହତ ହୋଇଥିଲେ। ପରେ ଏନେଇ ଲକ୍ଷ୍ମଣ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୩୭୨/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସତ୍ୟକୁ ଉଜାଗର କରାଇବା ଖବରଦାତାଙ୍କ କର୍ତ୍ତବ୍ୟ

କଳିଙ୍ଗନଗର,୧୬।୧୧
(ଶୁଭାଶିଷ ରାଉତ):

ଷ୍ଟେଟ୍ ୟୁନିଅନ ଅଫ ଜର୍ନାଲିଷ୍ଟସ (ଏସ୍‌ୟୁଜେ) ଯାଜପୁର ଜିଲା ଶାଖା ଏବଂ ଦାନଗଦି ବ୍ଲକ ୟୁନିଟ ତରଫରୁ ସ୍ଥାନୀୟ ଦାନଗଦି ଭବନଠାରେ ରବିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ସମାବେଶ ଏବଂ ପ୍ରଦୂଷଣ ଜ୍ୱାଳାରେ ଝଡ଼ିପଡୁଛି ଅନେକ ଅମୂଲ୍ୟ ଜୀବନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୁବାସ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ସାମ୍ବାଦିକତା ଏକ ପେଶା ନୁହେଁ ବରଂ ଏହା ଏକ ବ୍ରତ। ସତ୍ୟକୁ ଉଜାଗର କରାଇବା ହେଉଛି ଖବରଦାତାଙ୍କ କର୍ତ୍ତବ୍ୟ। ସେହିପରି ପରିବେଶ ସଙ୍କଟକୁ ନୀରବ ଦୁର୍ଘଟଣା ବୋଲି ମନ୍ତ୍ରୀ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ବିରଞ୍ଚି ନାରାୟଣ ଦାସ ଯୋଗଦେଇ ପ୍ରଦୂଷଣ ଏକ ନିରବ ହତ୍ୟାକାରୀ ଓ ଏହା ଧୀରେଧୀରେ ମନୁଷ୍ୟ ଏବଂ ପରିବେଶକୁ ପ୍ରଭାବିତ କରିଚାଲିଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ପ୍ରଶାସନିକ ଅଧିକାରୀ ଅକ୍ଷୟ ମଲ୍ଲିକ, କଳିଙ୍ଗନଗର ଅତିରିକ୍ତ ଏସପି ସୁପ୍ରସନ୍ନ ମଲ୍ଲିକ, ଜାତୀୟ ସାମ୍ବାଦିକ ୟୁନିୟନର ସାଂଗଠନିକ ସମ୍ପାଦକ ଚିନ୍ତାମଣି ପାଢ଼ୀ, ଦାନଗଦି ବିଡିଓ ପ୍ରଦୀପ ସେଠୀ ପ୍ରମୁଖ ଯୋଗଦେଇ ପ୍ରେସ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ଜିଲା ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବିବରଣୀ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ଅକ୍ଷୟ ଧଳ ପ୍ରାକ ସୂଚନା ପ୍ରଦାନ କରିଥିଲେ।

ଡା. ଜ୍ୟୋତିରଞ୍ଜନ ମହାପାତ୍ର, ଥାନା ଅଧିକାରୀ ଆଶିଷ ସାହୁ, ଆଲେକଜାଣ୍ଡାର ଦାସ, ବୈଜ୍ଞାନିକ ଉଦୟ ଦେଓ, ପଙ୍କଜିନୀ ସାହୁ, ସନ୍ଦୀପ ବରୁଣ ଜେନା, ଚିତ୍ରଶିଳ୍ପୀ ଲକ୍ଷ୍ମୀପ୍ରିୟା ଦାସ, ଶିକ୍ଷୟିତ୍ରୀ ଯୁଗପ୍ରଭା ସାବତ, ଡା. ରଶ୍ମିତା, ମେଧାବୀ ଛାତ୍ର ତୁଷାରକାନ୍ତ ମହାନ୍ତ, ବସନ୍ତ ବାରିକ, ଓମ ପ୍ରକାଶ ସାଇଁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସଭ୍ୟ ନୀଳମାଧବ ନାୟକ, ଅନୁଜ ମଲ୍ଲିକ, ସେକ୍ ଅବତାର ଅଲ୍ଲୀ, ନରୋତ୍ତମ ବେହେରା, ବିପ୍ଳବ ବିଜୟ ପଣ୍ଡା, ମନୋଜ ଜେନା, ଶ୍ରୀକାନ୍ତ ମହାପାତ୍ର, ଅନିଲ ଦାସ, ଅଜୟ ଦେହୁରି, ରଶ୍ମିରଞ୍ଜନ ତ୍ରିପାଠୀ, ଚିତ୍ତରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦିଲୀପ ପରିଡ଼ା ଧନ୍ୟବାଦ ଦେଇଥିଲେ।


ଏସ୍‌ୟୁଜେ ପକ୍ଷରୁ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

**ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ**

ପାରାଦୀପ,(ଶରତ ରାଉତ): ପାରାଦୀପମଧୁବନ ଏସ୍‌ସି-ଏସ୍‌ଟି ଆସୋସିଏଶନ ପରିସରରେ ଭଗବାନ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ରବିବାର ପାଳନ କରାଯାଇଛି।ଆସୋସିଏଶନର କାର୍ଯ୍ୟକାରୀ ସଭାପତି ପରେଶ ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଉପସ୍ଥିତ ରହି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଆସୋସିଏଶନ କର୍ମକର୍ତ୍ତା ଧ୍ରୁବଚନ୍ଦ୍ର ତରାଇ, ମହେଶ୍ୱର ସୋରେନ, ପୁରୁଷୋତ୍ତମ ବେଶ୍ରା ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।



# ୨ ସନ୍ଦିଗ୍ଧ ବାଂଲାଦେଶୀ ମହିଳା ଗିରଫ

- ବେହେରାମପୁର ବସ୍ତିରେ ପୋଲିସ ଚଢ଼ାଉ
- ଅତିରିକ୍ତ ଏସ୍‌ପି, ମହିଳା କନଷ୍ଟେବଲ ଆହତ
- ରିଭଲଭର ସହ ମାରଣାସ୍ତ୍ର ଜବତ
- ବସ୍ତିରେ ୩୦ ସନ୍ଦିଗ୍ଧ ଥିବା ପୋଲିସର ଆକଳନ

ଜଗତ୍‌ସିଂହପୁର, ୧୬।୧୧
(ପ୍ରମୋଦ କୁମାର ନାୟକ)

ଭାରତରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପସ୍ଥିତିକୁ ନେଇ ସାରା ଦେଶରେ ଚିନ୍ତାପ୍ରକଟ କରାଯାଉଛି। ଏଭଳି ସମୟରେ ଦିଲ୍ଲୀରେ ଆତଙ୍କବାଦୀ ବିସ୍ଫୋରଣ ଏହି ଚିନ୍ତାକୁ ବଢ଼ାଇ ଦେଇଛି। ଦିଲ୍ଲୀ ବ୍ଲାଷ୍ଟକୁ ନେଇ ସାରା ଦେଶରେ ହାଇଆଲର୍ଟ ଜାରି କରାଯାଇଛି। ନିକଟରେ ଜଗତ୍‌ସିଂହପୁର ପୋଲିସ ପକ୍ଷରୁ ବମ୍ ଓ ଡଗ୍ ସ୍କ୍ୱାଡ୍ ସହ ପୋଲିସ ଜଗତ୍‌ସିଂହପୁର ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ଯାଞ୍ଚ କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇ ନ ଥିଲା। ରବିବାର ରାତିରେ ପୋଲିସକୁ ଖବର ମିଳିଥିଲା ଯେ, ଜଗତ୍‌ସିଂହପୁର ଥାନା ଧନିପୁର ବେହେରାମପୁର ବସ୍ତି ନିକଟରେ ପାଖାପାଖି ୩୦ ଜଣ ସନ୍ଦିଗ୍ଧ ରହିଛନ୍ତି, ଯେଉଁମାନଙ୍କ ପାଖରେ ରିଭଲଭର ସମେତ ବହୁ ମାରଣାସ୍ତ୍ର ରହିଛି। ସେମାନେ କିଛି ବଡ଼ ଧରଣର ଆକ୍ରମଣ ଯୋଜନା କରୁଛନ୍ତି। ଏହି ଖବରକୁ ଗୁରୁତ୍ୱର ସହ ନେଇ ପୋଲିସ ସେଠାରେ ପହଞ୍ଚି ୨ ସନ୍ଦିଗ୍ଧ ବାଂଲାଦେଶୀ ମହିଳାଙ୍କୁ ଗିରଫ କରିଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିକନ୍ଦର ଆଲାମ ଖସି ଯାଇଛନ୍ତି। ଚଢ଼ାଉ ସମୟରେ ଏକ ଦେଶୀ ରିଭଲଭର ଓ ଏକାଧିକ ମାରଣାସ୍ତ୍ର ଜବତ ହୋଇଥିବା ଜଗତ୍‌ସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟ ମାଣେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଚଢ଼ାଉ ବେଳେ ୨ଜଣ ମହିଳା ଦେଖାଯାଇଥିଲେ। କିନ୍ତୁ ସେମାନେ ନିଜର ଠିକଣାର କୌଣସି ପ୍ରମାଣ ଦେଇପାରି ନ ଥିଲେ। ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲାମଙ୍କ ନାମରେ ଅଭିଯୋଗ ଅଛି। ସେ ବାଂଲାଦେଶର କିଛି ଲୋକଙ୍କୁ ଆଣି ରଖିଛନ୍ତି। କିନ୍ତୁ ପୋଲିସ ଚଢ଼ାଉ ସମୟରେ ସେ ଖସି ଯାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଆକ୍ରମଣ କରିବାରୁ ଅତିରିକ୍ତ ଏସ୍‌ପିଙ୍କ ସମେତ ୨ ମହିଳା ପୋଲିସ କନଷ୍ଟେବଲ ଆହତ ହୋଇଛନ୍ତି। ଏହି ମାମଲାରେ ପୋଲିସ ୨ ସନ୍ଦିଗ୍ଧ ମହିଳାଙ୍କୁ କାବୁ କରିଛି। ଏହାପରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୂରା ଅଞ୍ଚଳ ସର୍ଚ୍ଚ କରାଯାଉଛି। ଘର ମାଲିକଙ୍କ ଘରୁ ଯେଉଁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି ତାହା କେଉଁଠୁ ଆସିଥିଲା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ମୁଖ୍ୟ ଅଭିଯୁକ୍ତ ଗିରଫ ପରେ ହିଁ ଅଧିକ ତଥ୍ୟ ମିଳିପାରିବ ବୋଲି ଏସ୍‌ଡିପିଓ ମାଣେ କହିଛନ୍ତି। ଖବର ଲେଖାହେବା ବେଳକୁ ୩୦ଟି ଖଣ୍ଡା, କାତି, ଫାର୍ସା ଓ କଟୁରି ଆଦି ଘର ପଛ ପଟ ଜଙ୍ଗଲିଆ ଅଞ୍ଚଳ, ପାଇଖାନା ଓ ବିଭିନ୍ନ ଘରୁ ଜବତ ହୋଇଛି। ୨ ପ୍ଲାଟୁନ ପୋଲିସ ଫୋର୍ସ ଉକ୍ତ ଅଞ୍ଚଳ ଘେରି ରହିଛନ୍ତି। ପାଖାପାଖି ୭ରୁ ୮ ଆଜବେଷ୍ଟସ ବଖରା ଥିବାବେଳେ ଅଧିକାଂଶ ତାଲା ପଡ଼ିଛି। ତଥାପି ପୋଲିସ କେତୋଟି ଘର ତାଲା ତାଡିବା ଆରମ୍ଭ କରିଛି। ଏହି ପ୍ରକ୍ରିୟା ସରିଲେ ଘରଗୁଡ଼ିକରେ ଆଉ କ'ଣ ରହିଛି ତାହା ସ୍ପଷ୍ଟ ହୋଇପାରିବ। ଏ ସମ୍ପର୍କରେ କେତେଜଣ ଲୋକଙ୍କ କହିବା କଥା ହେଲା, ପ୍ରଥମେ ଅତିରିକ୍ତ ଏସ୍‌ପି ଓ ଅନ୍ୟ ପୋଲିସ କର୍ମଚାରୀ ଉକ୍ତ ସ୍ଥାନରେ ଚଢ଼ାଉ କଲାବେଳେ ଅଭାବନୀୟ ଘଟଣା ଘଟିଥିଲା। ବାଂଲାଦେଶୀ ଅନୁପ୍ରବେଶକାରୀମାନେ ପୋଲିସକୁ ଆକ୍ରମଣ କରି ଆହତ କରିଛନ୍ତି। ଏ ପରିସ୍ଥିତିରେ ପୋଲିସ ସେଠାରୁ ପଳାଇ ଆସି ପୂରା ଫୋର୍ସ ନେଇ ପୁଣିଥରେ ଚଢ଼ାଉ କରିଥିଲା। କିନ୍ତୁ ସେତେବେଳକୁ ଅଧିକାଂଶ ବାଂଲାଦେଶୀ ଘର ତାଲାପକାଇ ଖସିଯିବାରେ ସକ୍ଷମ ହୋଇଥିଲେ। ବର୍ତ୍ତମାନ ଉକ୍ତ ଅଭିଯୁକ୍ତମାନଙ୍କୁ ଧରିବା ପୋଲିସ ପାଇଁ ବଡ଼ ଚାଲେଞ୍ଜ ସୃଷ୍ଟି କରିଛି।



ଜବତ ହୋଇଥିବା ରିଭଲଭର ଓ ମାରଣାସ୍ତ୍ର।

## ପଞ୍ଚାୟତ କାର୍ଯ୍ୟାଳୟରେ କୃଷି ସମବାୟ ସମିତି ଅଫିସ ଖୋଲିବା ଉପରେ ହାଇକୋର୍ଟଙ୍କ ରହିତାଦେଶ

ରଘୁନାଥପୁର, ୧୬।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ ଭାବେ ଖୋଲାଯିବାକୁ ଥିବା କୃଷି ସମବାୟ ସମିତିକୁ ଇତିମଧ୍ୟରେ ଉଚ୍ଚ ନ୍ୟାୟାଳୟ ରହିତାଦେଶ ଜାରି କରିଛନ୍ତି।

ଚାଷୀଙ୍କ ସୁବିଧା ପାଇଁ ଧରାଧରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ କୃଷି ସମବାୟ ସମିତି ଅଫିସ ଖୋଲିବା ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ଘର ନ ଥିବାରୁ ପଞ୍ଚାୟତର ସରପଞ୍ଚ ଏହି ନିଷ୍ପତ୍ତିକୁ ଗ୍ରହଣ ନ କରି ସ୍ଥାନୀୟ ଏକ ଫାଙ୍କା ସ୍କୁଲ ଘରେ ସମିତି କାର୍ଯ୍ୟାଳୟ ଖୋଲିବା ପାଇଁ ରଘୁନାଥପୁର ବିଡିଓଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ବ୍ଲକ ପ୍ରଶାସନ ନିଜ ଜିଦରେ ଅଟଳ ରହିବା ସହ ପଞ୍ଚାୟତ କାର୍ଯ୍ୟାଳୟର ଏକ ଗୃହକୁ ଖାଲି କରିବା ପାଇଁ ସରପଞ୍ଚଙ୍କ ଉପରେ ବିଭିନ୍ନ ପ୍ରକାରର ଚାପ ପ୍ରୟୋଗ କରିଥିଲେ। କିନ୍ତୁ ଭାରତୀୟ ନ୍ୟାୟ ସଂହିତା ୨୪୩ ଜି ଅନୁଚ୍ଛେଦ ଅନୁଯାୟୀ, ପଞ୍ଚାୟତ ହେଉଛି ଗାଁର ଏକ ସ୍ଥାନୀୟ ସ୍ୱୟଂଶାସିତ ସରକାର, ଯେଉଁଠାରେ ଗାଁର ବିଭିନ୍ନ କାମକୁ ଦେଖାଶୁଣା କରାଯାଏ। ଏହାଛଡା ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଓ ସମସ୍ତ ପ୍ରକାର ସରକାରୀ ଯୋଜନାର ସୁବିଧା ଯୋଗାଇ ଦିଆଯାଇଥାଏ। ଏଥି ସହିତ ପଞ୍ଚାୟତରେ ଯେକୌଣସି ସୁବିଧା ଅସୁବିଧା ପାଇଁ ଲୋକ ପ୍ରତିନିଧି ଭାବେ ନିର୍ବାଚିତ ହୋଇଥିବା ସରପଞ୍ଚ ଏହାର ଉତ୍ତରଦାୟୀ ରହିଥାନ୍ତି। ବାଧ ହୋଇ ବ୍ଲକ ପ୍ରଶାସନ ନିଷ୍ପତ୍ତି ବିରୋଧରେ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ମୁଦୁଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ କୃଷି ସମବାୟ ସମିତି କାର୍ଯ୍ୟାଳୟ ଖୋଲିବା ନେଇ ରହିତାଦେଶ ଜାରି କରିଛନ୍ତି।

## ଗ୍ରାମସଭା ପାଇଁ ପଦକ୍ଷେପ ନେବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ

କୁଜଙ୍ଗ ,୧୬।୧୧(ମନୋଜ ପ୍ରଧାନ)

ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତରେ ଦୁଇ ସପ୍ତାହ ମଧ୍ୟରେ ଗ୍ରାମସଭା ପାଇଁ ପଦକ୍ଷେପ ନେବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ୨୮ରେ ଏହି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ପାଇଁ ନୋଟିସ୍ କରାଯାଇଥିଲା। ମାତ୍ର ଉକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ଉପୁଜିବାର ଆଶଙ୍କା କରି ଢିଙ୍କିଆ ଫୁଲଖାଇ ଠାକୁରାଣୀ ପୀଠ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଅକ୍ଟୋବର ୨୭ରେ ଭାରତୀୟ ନାଗରିକ ସଂହିତା ୧୬୩ ଧାରା ଜାରି କରାଯାଇଥିଲା। ଫଳରେ ଅକ୍ଟୋବର ୨୮ରେ ହେବାକୁ ଥିବା ଗ୍ରାମସଭା ହୋଇପାରି ନ ଥିଲା। ଏହାକୁ ଚ୍ୟାଲେଞ୍ଜ କରି ଏବଂ ପୁନର୍ବାର ସ୍ୱତନ୍ତ୍ର ଗ୍ରାମସଭା କରିବା ପାଇଁ ଅଜୟ କୁମାର ଦାସ ଓ ଅନ୍ୟମାନଙ୍କ ପକ୍ଷରୁ ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଏକ ରିଟ୍ ପିଟିଶନ ଦାଖଲ କରାଯାଇଥିଲା। ଏହାକୁ ଗ୍ରହଣ କରି ଦୁଇ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଚାଷୀଙ୍କ ସହ ଆଲୋଚନା କରି ମୂଲ୍ୟ ନିର୍ଦ୍ଧାରଣ କରୁ ପ୍ରଶାସନ



ଜମିର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଏକଜୁଟ୍ ହୋଇଥିବା ଚାଷୀମାନେ।

### ପ୍ରଶାସନର ଜମି ଅଧିଗ୍ରହଣକୁ ବିରୋଧ

କୁଜଙ୍ଗ, ୧୬।୧୧(ମନୋଜ ପ୍ରଧାନ)

ଏରସମା ତହସିଲ ଅନ୍ତର୍ଗତ ନୂଆଗାଁ ମୌଜାରେ ଶିଳ୍ପ ପାଇଁ ଆବଶ୍ୟକ ଘରୋଇ ଜମି ଅଧିଗ୍ରହଣ ପାଇଁ ଇଡ୍‌କୋ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହାକୁ ବିରୋଧ କରି ନୂଆଗାଁ ଚାଷୀମାନେ ମେଳି କରିଛନ୍ତି। ରବିବାର ଅପରାହ୍ନରେ ନୂଆଗାଁସ୍ଥିତ ସିଦ୍ଧ ଗୁମ୍ଫାଠାରେ ଅସିତ ସ୍ୱାଇଁଙ୍କ ଅଧକ୍ଷତାରେ ବହୁ ଚାଷୀ ଏକତ୍ରିତ ହୋଇ ପ୍ରଶାସନ ସହ ସିଧାସଳଖ ଆଲୋଚନା କରି ଜମିର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଦାବି କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ନିୟମାନୁସାରେ ଶତକଡା ୮୦ ଭାଗ ଚାଷୀ ସମ୍ମତି ପ୍ରଦାନ କଲେ ଜମି ଅଧିଗ୍ରହଣ କରାଯାଇପାରିବ। ମାତ୍ର ଏପରି ନ କରି କେତେଜଣ ଅପାଠୁଆ ଓ ସାଧାରଣ ଲୋକଙ୍କୁ ଭୂଆଁ ବୁଲାଇ ସମ୍ମତିପତ୍ରରେ ଦସ୍ତଖତ କରି ଜମି ଅଧିଗ୍ରହଣ କରିବା ପାଇଁ ମସୁଧା କରାଯାଉଛି। ପ୍ରଶାସନ ଏଭଳି କାର୍ଯ୍ୟ ବନ୍ଦ କରି ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରନ୍ତୁ। ଜମିର ଦର ସ୍ଥିର କରିବା ସହ ପ୍ରତ୍ୟେକ ଜମିହରା ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ବହୁବାର ଲିଖିତ ଅଭିଯୋଗ କରିଥିଲେ ବି ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରୁନାହାନ୍ତି। ଆଗାମୀ ଦିନରେ ଏନେଇ ଜୋରଦାର ଆନ୍ଦୋଳନ କରାଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ଅସିତ ସ୍ୱାଇଁ କହିଛନ୍ତି। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ମନ୍ତ୍ରୀ, ତପନ ସାମନ୍ତରାୟ, ବିଷ୍ଣୁ ଚରଣ ଲେଙ୍କା, ସରୋଜ ଦାସ, ଭ୍ରମରବର ବେହେରା, ବିଜୟାନନ୍ଦ ସ୍ୱାଇଁ ଓ କାମଦେବ ସ୍ୱାଇଁ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

ନୂଆଗାଁ ମୌଜାର ୧୦୪ ଏକର ଘରୋଇ ଜମି ଅଧି ଗ୍ରହଣ ହେବାକୁ ଥିବା ବେଳେ ଗଡ଼କୁଜଙ୍ଗ ମୌଜାର ୪ ଶହ ଏକର ଘରୋଇ ଜମି ଅଧିଗ୍ରହଣ ହେବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଗଡ଼କୁଜଙ୍ଗ ମୌଜାରେ ଅଧି ଗ୍ରହଣ ହେବାକୁ ଥିବା ଜମିର ୯୦ ଭାଗ ମାଲିକ ନୂଆଗାଁ ଗ୍ରାମର ବୋଲି ଜଣାପଡ଼ିଛି। ଏସବୁ ଜମି ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ହେଉଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁର ଜନସମ୍ପର୍କ ଅଧିକାରୀ ମିତ୍ରଭାନୁ ଚୌଧୁରୀଙ୍କ ସହ ମୋବାଇଲ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ସେ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏସମ୍ପର୍କରେ ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ପଚାରିବାରେ ସେ ପରେ କହିବେ କହି ଘଟଣାକୁ ଏଡ଼ାଇ ଯାଇଥିଲେ।

## ବେଆଇନ ନିର୍ମାଣ ଉଚ୍ଛେଦ କରି ପାରିଲାନି ପ୍ରଶାସନ

କୁଜଙ୍ଗ,୧୬।୧୧(ମନୋଜ ପ୍ରଧାନ)

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ପ୍ରାଥମିକ ବିଦ୍ୟାଳୟ ଅପରପାର୍ଶ୍ୱରେ ଏକ ବେଆଇନ ନିର୍ମାଣକୁ ଉଚ୍ଛେଦ କରିବାକୁ ଯାଇ ପ୍ରଶାସନକୁ ହଟହଟା ହେବାକୁ ପଡ଼ିଛି। ଶେଷରେ ଉଚ୍ଛେଦ କରି ନ ପାରି ଖାଲି ହାତରେ ଫେରିବାକୁ ପଡ଼ିଛି।

ଢିଙ୍କିଆ ପ୍ରାଥମିକ ବିଦ୍ୟାଳୟ ଅପରପାର୍ଶ୍ୱରେ କେତେଜଣ ଲୋକେ ଏକ ସରକାରୀ ଯାଗାରେ ବେଆଇନ ଭାବେ ଗୃହ ନିର୍ମାଣ କରୁଥିଲେ। ଖବରପାଇ ରବିବାର ଅପରାହ୍ନରେ ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳୀ ବେହେରା ଏବଂ ଅଭୟଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଢିଙ୍କିଆ ମୌଜା ଖାତା ନଂ. ୭୦୨ ଏବଂ ପ୍ଲଟ୍ ନଂ. ୧୦୨୮ ସରକାରୀ ଜମିରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା। ତାହାକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ବାହାରିବାରୁ ବିରୋଧର ସମ୍ମୁଖୀନ ହୋଇଥିଲେ। ଶେଷରେ ବାଧହୋଇ ପ୍ରଶାସନ ଦୀର୍ଘ ସମୟ ବ୍ୟବଧାନରେ ଅର୍ଥାତ୍ ରାତି ୯ଟା ୩୦ରେ ଫେରିଆସିଛି। ଏ ସମ୍ପର୍କରେ ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳୀ ବେହେରାଙ୍କୁ ଯୋଗାଯୋଗ କରାଯିବାରେ ସେ ଫୋନ ଉଠାଇ ନ ଥିଲେ। ଏ ବିଷୟରେ ଥାନା ଅଧିକାରୀ ସମୀର କୁମାର ରାଉତଙ୍କୁ ପଚାରିବାରେ ଅଧିକ ରାତି ହେବାରୁ ଓ ଶୀତ ପଡ଼ିବାରୁ ତହସିଲଦାର ଫେରିଯିବାକୁ କହିଥିଲେ। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତହସିଲଦାର ନିଷ୍ପତ୍ତି ନେବେ ବୋଲି ଥାନା ଅଧିକାରୀ କହଛନ୍ତି।




ବେଆଇନ ଭାବେ ସରକାରୀ ଜାଗାରେ ନିର୍ମାଣାଧୀନ ଘର।

## ଅବୈଧ ଡ୍ରଗ୍ସ ବିରୋଧରେ ସଚେତନତା ସାଇକେଲ ଶୋଭାଯାତ୍ରା

ପାରାଦୀପ,୧୬।୧୧(ଶରତ ରାଉତ)

ଭାରତରେ ନିଷିଦ୍ଧ ଅବୈଧ ଡ୍ରଗ୍ସ କାରବାର, ସେବନ କରିବା ଘଟଣାକୁ ନେଇୱାର ଏଗନେଷ୍ଟ ଡ୍ରଗ୍ସ ଆବ୍ୟୁସ(ୱାଦା)ସଂଗଠନ ପକ୍ଷରୁ ରବିବାର ସଚେତନତା ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ଝିମାଣୀ କଲେଜର ଛାତ୍ରୀଛାତ୍ର ଓ ବହୁ ଯୁବକ ଏଥିରେ ସାମିଲ ହୋଇଥିଲେ। ସେମାନେ ଭୂତମୁଣ୍ଡାଇଠାରୁ ପାରାଦୀପଗଡ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା କରିଥିଲେ। ଏହାର ନେତୃତ୍ୱ ସଙ୍ଗଠନ ମୁଖ୍ୟ ତଥା ଆଇନଜୀବୀ ଗତିକୃଷ୍ଣ ଶତପଥୀ ନେଇଥିଲେ। ବର୍ତ୍ତମାନର ଯୁବପିଢ଼ି ମାଦକଦ୍ରବ୍ୟ ଓ ଡ୍ରଗ୍ସ କବଳରେ ପଡି କୁପରିଣତି ଭୋଗୁଛନ୍ତି। ଏହାକୁ ତୃଣମୂଳ ସ୍ତରରେ ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏପରି ସଚେତନ କରାଯାଉଛି ବୋଲି ଶତପଥୀ କହିଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଶିକ୍ଷକ ଓ ଛାତ୍ରମାନେ।

## ଜାତୀୟ ପ୍ରେସ୍ ଦିବସ

ପାରାଦୀପ,୧୬।୧୧(ଶରତ ରାଉତ)

ପାରାଦୀପ ନୂଆବଜାରସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପରିସରରେ ରବିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ସାମ୍ବାଦିକ ସଂଘ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପର ଖବରଦାତାମାନେ ଭାଗ ନେଇଥିଲେ। ସଂଘର ରାଜ୍ୟ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଖବରଦାତା ଚିତ୍ତ ସ୍ୱାଇଁ, ଶୁକଦେବ ଜେନା ଓ ଧ୍ରୁବ ଚରଣ ମହାପାତ୍ର ପ୍ରମୁଖ ଏହି ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋକ କୁମାର ମହାପାତ୍ର ଓ ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ସେହିପରି ପୋର୍ଟ କ୍ଲବ ପରିସରରେ କାର୍ଯ୍ୟରତ ଖବରଦାତା ଆସୋସିଏଶନ ପକ୍ଷରୁ ପ୍ରେସ ଦିବସ ପାଳନ କରାଯାଇଥିଲା।

## ନାଟକ 'କିଏ କାନ୍ଦି ନାହିଁ ହାତ ଟେକ' ମଞ୍ଚସ୍ଥ

### ଘଡ଼ିମୂଳ ଶିଶୁ ମେଳା, ସାଂସ୍କୃତିକ ସନ୍ଧ୍ୟାରେ ନିଆରା ପରିବେଶ

ଜଗତ୍‌ସିଂହପୁର, ୧୬।୧୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ଘଡ଼ିମୂଳ ନାରାୟଣ ପଡ଼ିଆରେ ଅନୁଷ୍ଠିତ ୬୫ତମ ଶିଶୁ ମେଳାରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଘଡ଼ିମୂଳ ଆଇଡିଆଲ ଡ୍ରାମାଟିକ କ୍ଲବ ଦ୍ୱାରା ଆୟୋଜିତ ଦ୍ୱିତୀୟ ଦିନ ସାଂସ୍କୃତିକ ସନ୍ଧ୍ୟାରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ଆସରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହା ପୂର୍ବରୁ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକ ଦାସଙ୍କୁ କଣ୍ଟିଲୋ ପଞ୍ଚାୟତ ଅଫିସ ନିକଟରୁ ସଭା ମଞ୍ଚ ପର୍ଯ୍ୟନ୍ତ ବିରାଟ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ସେଠାରେ ଉତ୍ସବକୁ ସରସ ସୁନ୍ଦର କରିବା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ଚିଲ୍‌ଡ୍ରେନ ପାର୍କରେ ବ୍ୟାୟାମ ଉପକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ମୁଖ୍ୟ ବକ୍ତାଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ଦେବୀଦତ୍ତ ମହାନ୍ତି ଯୋଗଦେଇ ନାରାୟଣ ପଡ଼ିଆରେ ଉଜ୍ଜ୍ୱଳ ଆଲୋକୀକରଣର ଉଦ୍‌ଘାଟନ କରିଥିଲେ। ଜଗତ୍‌ସିଂହପୁର ପୂର୍ବତନ ବ୍ଲକ ଅଧକ୍ଷ ପ୍ରସନ୍ନ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ଜଗତ୍‌ସିଂହପୁର ପଞ୍ଚାୟତ ସମିତି ପୂର୍ବତନ ଉପାଧକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସମ୍ପାଦକ ଶେଷଦେବ ନନ୍ଦ, ସାରଙ୍ଗଧର ପାଇଟାଳ, ପ୍ରତାପ ଚନ୍ଦ୍ର ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଈପ୍ସିତା ମହାପାତ୍ର, ବିଷ୍ଣୁ ପ୍ରସାଦ ପରିଡା, ସୁଶୀଲ ମଲ୍ଲିକ, ପଦ୍ମ ଚରଣ ନନ୍ଦ, ସୌଭାଗ୍ୟ ନନ୍ଦ, ସଞ୍ଜୟ ସ୍ୱାଇଁ, ମନୋରଞ୍ଜନ ମଲ୍ଲିକ, ପ୍ରତୀକ୍ଷା ମହାନ୍ତି ଓ ପ୍ରିୟବ୍ରତ ବେହୁରାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱଜିତ ମହାନ୍ତି, ସଂଗ୍ରାମ ସ୍ୱାଇଁ, ସଞ୍ଜିତ ସ୍ୱାଇଁ, ପ୍ରଦୀପ୍ତ ମାଝୀ ଓ ଜ୍ଞାନ ରଞ୍ଜନ ଜେନା ତଥା ଆଇଡିଆଲ ଡ୍ରାମାଟିକ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସୁଧୀର ମଲ୍ଲିକ ଅତିଥି ପରିଚୟ, ବେଣୁଧର ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରତାପ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ପରେ ଆଇଡିଆଲ କ୍ଲବର ସଦସ୍ୟମାନଙ୍କ ଦ୍ୱାରା ବିଷ୍ଣୁ ପ୍ରସାଦ ପରିଡ଼ାଙ୍କ ନିର୍ଦ୍ଦେଶନାରେ ନାଟକ 'କିଏ କାନ୍ଦି ନାହିଁ ହାତ ଟେକ' ମଞ୍ଚସ୍ଥ ହୋଇଥିଲା।

## ଗଣମାଧ୍ୟମର ସ୍ୱାଧୀନତା, ସମନ୍ୱୟ ଉପରେ ଗୁରୁତ୍ୱ

### ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

ଜଗତ୍‌ସିଂହପୁର, ୧୬।୧୧ (ପ୍ରମୋଦ କୁମାର ନାୟକ)



ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ବିଧାୟକ ଅମରେନ୍ଦ୍ର ଦାସ, ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ବ୍ୟବସ୍ଥା ଭିତରେ ଆମ୍ଭେମାନେ ଯିଏ ବି କେହି ଥାଉ ନା କାହିଁକି ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରିଥାଉ। ସିଏ ଖବରଦାତା ହୁଅନ୍ତି କି ପ୍ରଶାସନିକ ଅଧିକାରୀ କିମ୍ବା ନିର୍ବାଚିତ ପ୍ରତିନିଧି ହୁଅନ୍ତୁ। ତେଣୁ ବ୍ୟବସ୍ଥାରେ ସବୁବେଳେ ସ୍ୱଚ୍ଛତା ଆସେନାହିଁ। ଅନେକ ସମୟରେ ବିଭ୍ରାନ୍ତିକର ତଥା ଫେକ୍ ନିଉଜ ସମୟ ଅନୁସାରେ ଆସେ। ଏଭଳି ଖବର ଏବେ ନୁହେଁ ଯୁଗେ ଯୁଗେ ଆସିଚାଲିଛି। ବଡ କଥା ହେଲା ଏଇ ୨/୪ ବର୍ଷ ହେବ ସତ ଖବର ଚାପି ଦେବା ପାଇଁ ଭୟଙ୍କର ଉଦ୍ୟମ ହୋଇଛି। ଏପରି କି ଗଣମାଧ୍ୟମ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜ୍ଞାପନ ବନ୍ଦ କରି ଦିଆଯାଇଛି। କୌଣସି ଗଣମାଧ୍ୟମ ବଞ୍ଚିବା ପାଇଁ ହେଲେ ବିଜ୍ଞାପନ ଓ ସରକାରୀ ସହଯୋଗ ଜରୁରୀ। କିନ୍ତୁ ବ୍ୟବସ୍ଥାରେ ସତ ଖବର ଆସିଲା ବେଳକୁ ତଣ୍ଟି ଚିପି ଦିଆଯିବା ଯନ୍ତ୍ରଣାଦାୟକ କଥା। କେତେକ କ୍ଷେତ୍ରରେ ଗଣମାଧ୍ୟମ ସଂସ୍ଥା ମାଲିକଙ୍କୁ ମଧ ଜେଲ୍ ପଠାଇ ଦିଆଯାଇଛି। ଏହା ଗଣତନ୍ତ୍ରର କଣ୍ଠରୋଧ କହିଲେ ଅତ୍ୟୁକ୍ତ ହେବନାହିଁ। ତେଣୁ ଗଣମାଧ୍ୟମର ପୂର୍ଣ୍ଣ ସ୍ୱାଧୀନତା ଆବଶ୍ୟକ। ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏହା କହିଛନ୍ତି।

ସେ କହିଥିଲେ, ସରକାର ନିରପେକ୍ଷତାକୁ ଅବଲମ୍ବନ କରିବା ଦରକାର। ସରକାରୀ ଅଧିକାରୀ କିମ୍ବା ନିର୍ବାଚିତ ପ୍ରତିନିଧିମାନେ ଯଦି ଗଣମାଧ୍ୟମ କିମ୍ବା ଏଥିରେ କାମ କରୁଥିବା ପ୍ରତିନିଧିମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରନ୍ତି ତେବେ ବିଭ୍ରାନ୍ତିକର ତଥା ମିଛ, ସତ ଖବର ପ୍ରକାଶ ପାଇଚାଲିବ। ତେଣୁ ଏସବୁ ସ୍ୱଚ୍ଛ ଶାସନ ବ୍ୟବସ୍ଥା ଉପରେ ନିର୍ଭର କରେ। ଓଡ଼ିଶାରେ ନୂତନ ସରକାର ଆସିବା ପରେ ଗଣମାଧ୍ୟମକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଚାଲିଛି। ସେମାନେ ଯଦି କିଛି ଭୁଲ୍ କରୁଛନ୍ତି ତେବେ ଖବର ପ୍ରକାଶ କରାଯାଉ ବୋଲି ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଧାୟକ ଦାସ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଖବରଦାତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ଉପରେ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣମାଧ୍ୟମ ଯୋଗାଯୋଗ ବିଭାଗର ମୁଖ୍ୟ ଡ. ଅମ୍ବିକା ଶଙ୍କର ମିଶ୍ର ଯୋଗଦେଇ ବର୍ତ୍ତମାନର ଏଆଇ ଓ ସୋସିଆଲ ମିଡିଆ ପ୍ରଭାବରେ ଅନେକ ବିଭ୍ରାନ୍ତିକର ତଥା ଭ୍ରମାତ୍ମକ ତଥ୍ୟ ଉପସ୍ଥାପିତ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଗଣମାଧ୍ୟମ ଏସବୁକୁ ଠିକ ଭାବେ ଅନୁଧ୍ୟାନ କରି ସତ୍ୟ ଖବର ପ୍ରସାରଣ କରିବା ଉଚିତ ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ପୌରୋହିତ୍ୟ କରି କହିଥିଲେ, ସତ୍ୟତା ପ୍ରତିପାଦନ ପାଇଁ ଗଣମାଧ୍ୟମ ଠିକ ତଥ୍ୟ ଲୋକଲୋଚନକୁ ଆଣିବା ଆବଶ୍ୟକ। ଏହାକୁ ପାଥେୟ କରି ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ଜରୁରୀ ବୋଲି ମତ ରଖିଥିଲେ। ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଗୁରୁ ଦାୟିତ୍ୱ ରହିଛି। ସତ୍ୟ ଖବର ପରିବେଷଣ କରି ଲୋକଙ୍କୁ ସଚେତନ ସହ ସମ୍ପ୍ରଦାୟକୁ ଯୋଡିବା କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରମୁଖ ଭୂମିକା ଥିବା କହିଥିଲେ। ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଗଣମାଧ୍ୟମ ପ୍ରତିନିଧିମାନେ ଖବରଦାତାର ଗାରିମାକୁ ବଜାୟ ରଖିବା ଏବଂ ଏକତ୍ରିତ ହୋଇ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ପ୍ରଦୀପ୍ତ କିଶୋର ଚୌଧୁରୀ, ପ୍ରମୋଦ କୁମାର ନାୟକ, ଅମର ନାଥ ପରିଡ଼ା, ମନୋଜ କୁମାର ଦାଶ, ମିଳନ ଜେନା, ଶୁଭଙ୍କର ଜେନା, ସରୋଜ ସାହୁ, ନାରାୟଣ ପ୍ରସାଦ ନନ୍ଦ, ରମାକାନ୍ତ ଦାଶ, ଶଶାଙ୍କ ଶେଖର ପଣ୍ଡା ଓ ବିପ୍ଳବ ମହାନ୍ତି ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ବିଶେଷକରି ଖବରଦାତାମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଓ ଖବରଦାତା-ପ୍ରଶାସନ ମଧ୍ୟରେ ଦୂରତ୍ୱକୁ ନେଇ ଅସନ୍ତୋଷବ୍ୟକ୍ତ କରିଥିଲେ। ଏଥିସହ ଜିଲାପାଳ, ବିଭାଗୀୟ ଅଧିକାରୀମାନଙ୍କ ଅନୁପସ୍ଥିତି ଏକପ୍ରକାର ଆଲୋଚନାକୁ ଦିଶାହୀନ କରି ଦେଇଥିଲା। ଏହି ଦିବସ ଉପଲକ୍ଷେ ଆୟୋଜିତ ହାଇସ୍କୁଲସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

ଚିକିଟି,୧୬।୧୧(ପ୍ରକାଶ ଚନ୍ଦ୍ର ସାହୁ)

ଓଡିଶା ସୀମାନ୍ତ ପୁତ୍ତପୁର ନିକଟରେ ରବିବାର ଟ୍ରକ-ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିକିଟି ବ୍ଲକ କତୁରୁ ପଞ୍ଚାୟତ ଅନ୍ତର୍ଗତ ଅଲାଡିପୁର ଗ୍ରାମର କେ. ଦୁର୍ଯ୍ୟୋଧନ। ଏହି ଦୁର୍ଘଟଣାରେ ସିଏଚ. ପୁରୁଷୋତ୍ତମ ରେଢ୍ଡୀ ନାମକ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସବୁଦିନ ପରି ସକାଳ ୯ଟାରେ ଦୁର୍ଯ୍ୟୋଧନ ଏବଂ ପୁରୁଷୋତ୍ତମ ଆନ୍ଧ୍ର ଓଡିଶା ସୀମାନ୍ତରେ ଥିବା ଏକ ୱେଲଡ଼ିଂ ଦୋକାନକୁ କାମ କରିବାକୁ ଯାଉଥିଲେ। ପୁତ୍ତପୁର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ କେ. ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ଘଟିଥିଲା। ପୁରୁଷୋତ୍ତମ ଗୁରୁତର ହୋଇଥିଲେ। ଖବରପାଇ ଆନ୍ଧ୍ରର ଇଚ୍ଛାପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲା।

### ଜାତୀୟ ପ୍ରେସ୍ ଦିବସ ପାଳିତ

ଆସିକା/ ଭଞ୍ଜନଗର,୧୬।୧୧
(ସୁରେନ୍ଦ୍ର ନାଥ ସାହୁ/ ବାବୁଲା ପ୍ରଧାନ)

ଆସିକାର ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ସଂଗଠନ ପକ୍ଷରୁ ରବିବାର ପୃଥକ ଭାବେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। କଳିଙ୍ଗାରୋଡସ୍ଥିତ ତପସ୍ୟାଧାମଠାରେ ଆସିକା ସାମ୍ବାଦିକ ସଂଘ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ହରିହର ପାଢ଼ୀ ସଂଯୋଜନା କରିଥିଲେ । ଅତିଥି ଭାବେ ତହସିଲଦାର ସଙ୍ଗୀତା ସେନ, ହିଞ୍ଜିଳିକାଟୁ ବିଡିଓ ସାଗରିକା ଷଡଙ୍ଗୀ, ଓକିଲ ସଂଘ ସଭାପତି ଅଜିତ ଚୌଧୁରୀ, ସଂପାଦକ ନାରାୟଣ ମୁନି, ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡା ଯୋଗ ଦେଇଥିଲେ । ଏତଦ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ମଧ୍ୟାହ୍ନରେ ଖମ୍ବେଶ୍ୱରୀ ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଆସିକା ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନିଲ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ତହସିଲଦାର ସଙ୍ଗୀତା ସେନ, ଅବସରପ୍ରାପ୍ତ ପ୍ରଫେସର ଅଜୟ ପଣ୍ଡା, ମନୋରଞ୍ଜନ ପଣ୍ଡା ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ରରେ ଆସିକା ପ୍ରେସ କ୍ଲବ ପକ୍ଷରୁ ସତ୍ୟନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣେଶ ରଥ, ଅଜିତ ପଟ୍ଟନାୟକ, ପ୍ରସନ୍ନ ତ୍ରିପାଠୀ, ରତ୍ନାକର ସାହୁ ଯୋଗଦେଇଥିଲେ । ସେହିପରି ଭଞ୍ଜନଗର ପ୍ରେସ କ୍ଲବ ପକ୍ଷରୁ ରବିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ କହିଥିଲେ, ବହୁ ବାଧାବିଘ୍ନ ଦେଇ କାମ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନେ କେବେ ନିଜ କର୍ତ୍ତବ୍ୟରେ ଅବହେଳା କରନ୍ତି ନାହିଁ। ଭଞ୍ଜନଗର ଏଏସ୍‌ପି ରଞ୍ଜନ କୁମାର ଦେ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଭାପତି ଲୋକନାଥ କର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କ୍ଲବର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସମ୍ପାଦକ ବାବୁଲା ପ୍ରଧାନ ଧନ୍ୟବାଦ ପ୍ରଦାନ କରିବା ସହ ଭାରତୀୟ ଗଣମାଧ୍ୟମ ଇତିହାସ ଉପରେ ସୂଚନା ଦେଇଥିଲେ।

### ମଇଳା ପାଣି ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ

ଗଞ୍ଜାମ,୧୬।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ମଲାଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମେଗା ପାନୀୟ ଜଳ ପ୍ରକଳ୍ପ ରହିଛି। ଉକ୍ତ ପ୍ରକଳ୍ପର ବର୍ଜ୍ୟ ବା ଗୋଳିଆ ପାଣି ଓଭର ଫ୍ଲୋ ହୋଇ ନିକଟସ୍ଥ ଚାଷ ଜମିରେ ପଶୁଛି। ଯାହାକୁ ନେଇ ଅସନ୍ତୋଷ ଦେଖା ଦେଉଛି। ବର୍ତ୍ତମାନ ଧାନ ଅମଳ ସମୟ ହେଲେ ଗୋଳିଆ ବର୍ଜ୍ୟ ପାଣି ପଶିଯିବା ଫଳରେ ପାଚିଲା ତାହା ନଷ୍ଟ ହେଇଯିବ। ଏନେଇ ସ୍ଥାନୀୟ ସରପଞ୍ଚ ମମତା ବେହେରା ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ଜଣାଇଥିଲେ। ବିଧାୟକ ଉକ୍ତ ପ୍ରକଳ୍ପ ସ୍ଥଳ ଏବଂ ଚାଷ ଜମି ବୁଲିବା ସହ ଚାଷୀଙ୍କ ଆଲୋଚନା କରିଥିଲେ। ଏଥିସହ ପ୍ରକଳ୍ପ ଅଧିକାରୀ ଏବଂ ଜଳ ସେଚନ ବିଭାଗ ଅଧିକାରୀଙ୍କ ସହ କଥା ହୋଇ ଉକ୍ତ ମଇଳା ପାଣି କେନାଲକୁ ସଂଯୋଗ କରିବା ନିମନ୍ତେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଅଧିକାରୀମାନେ ଉକ୍ତ ଜଳ କେନାଲକୁ ଖୁବ ଶୀଘ୍ର ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ ପ୍ରତିନିଧି ସୁଦାମ ବେହେରା କହିଛନ୍ତି।

# ପାଳିକରି ଆସୁଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ, ହେଉନି କାର୍ଯ୍ୟାନୁଷ୍ଠାନ

ଫିରିଙ୍ଗିଆ, ୧୬।୧୧(ବିମଳ ଦିଗାଲ)

**ବାଲନ୍ଦାପଡ଼ା ଉଚ୍ଚ ବିଦ୍ୟାଳୟ**



କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ବାଲନ୍ଦାପଡ଼ା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ କାର୍ଯ୍ୟକଳାପକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ୁଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟକୁ ପାଳିକରି ଆସୁଛନ୍ତି। ଏନେଇ ଅଭିଯୋଗ ହୋଇଥିଲେ ମଧ୍ୟ ଏହାର ତଦନ୍ତ ଠିକ୍ ରୂପେ ହେଉନାହିଁ କି ବିଭାଗୀୟ ଅଧିକାରୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ପିଲାମାନେ ଶିକ୍ଷାପ୍ରାପ୍ତରୁ ବଞ୍ଚିତ ହେଉଛନ୍ତି। ଗତ ସୋମବାର କେତେ ଜଣ ଶିକ୍ଷକ ସ୍କୁଲ ଯାଇ ଭୋଜି ଖାଇବାକୁ ପଳାଇଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପୁଣି ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଶିକ୍ଷକ ମୋର ଭଉଣୀ ଜିଲାପାଳଙ୍କ ନିଜ ଲୋକ କହି ଧମକଚମକ ଦେଉଥିବା ଗ୍ରାମବାସୀ କହିଛନ୍ତି।

ଫିରିଙ୍ଗିଆ ବ୍ଲକ୍ ମୁଖ୍ୟାଳୟଠାରୁ ପ୍ରାୟ ୪୦ କି.ମି. ଦୂରରେ ରହିଛି ବାଲନ୍ଦାପଡା ଉଚ୍ଚ ବିଦ୍ୟାଳୟ। ଏଠାରେ ପ୍ରଥମ ଶ୍ରେଣୀରୁ ଯୁକ୍ତ ୨ ପର୍ଯ୍ୟନ୍ତ ରହିଛି । ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମିଶାଇ ବିଦ୍ୟାଳୟରେ ୧୭ ଜଣ ଅଛନ୍ତି। କୌଣସି ଦିନ ସ୍କୁଲକୁ ସମସ୍ତ ଶିକ୍ଷକ ଯାଉ ନାହାନ୍ତି। ସେମାନେ ପାଳିକରି ଆସୁଛନ୍ତି। ପ୍ରତ୍ୟେକ ଶିକ୍ଷକ ଗୋଟିଏ ଛୁଟି ଦରଖାସ୍ତ ସ୍କୁଲରେ ରଖି ଯାଉଛନ୍ତି । ଯେଉଁ ଶିକ୍ଷକ ପାଳି କରି ଘରେ ଥିବେ ଏବଂ ସେଦିନ ଯଦି କେହି ଅଧିକାରୀ ସ୍କୁଲ ପରିଦର୍ଶନରେ ଯାଆନ୍ତି ତେବେ ସମ୍ପୃକ୍ତ ଶିକ୍ଷକ ଛୁଟିରେ ଥିବା ଏହି ଦରଖାସ୍ତ ସ୍କୁଲ ପକ୍ଷରୁ ପ୍ରଦାନ କରନ୍ତି। ଅଧିକାରୀ କେହି ପରିଦର୍ଶନରେ ନ ଗଲେ ସବୁଦିନ ଉପସ୍ଥାନ ଖାତାରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଫୁଲ ଉପସ୍ଥାନ ଦର୍ଶାଯାଇଥାଏ। ଉପସ୍ଥାନ ଖାତାରୁ ପ୍ରତ୍ୟହ ଶିକ୍ଷକମାନେ ୯.୩୦ରେ ବିଦ୍ୟାଳୟରେ ପହଞ୍ଚୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଖବର ନେବାକୁ ଖବରଦାତା ବିଦ୍ୟାଳୟରେ ପହଞ୍ଚିବାରୁ ଜଣେ ଶିକ୍ଷକ ତାଙ୍କ ପ୍ରତି ଅସଭ୍ୟ ଆଚରଣ ପ୍ରଦର୍ଶନ କରିଥିଲେ। ମୋ ଭଉଣୀ ଜିଲାପାଳଙ୍କ ଡାହାଣ ହାତ। ମୋର କେହି କିଛି କରିପାରିବେ ନାହିଁ କହି ଧମକ ଦେଇଥିଲେ । ଆମ ସ୍କୁଲରେ ସବୁବେଳେ ଅବ୍ୟବସ୍ଥା ଲାଗି ରହିଛି ବୋଲି ସେ କହିଥିଲେ। ଠିକ୍ ସମୟରେ ସ୍କୁଲକୁ ଶିକ୍ଷକମାନେ ଆସୁନାହାନ୍ତି। ୪ଟା ପୂର୍ବରୁ ଚାଲି ଯାଉଛନ୍ତି। ସେମାନେ ପାଳିକରି ଆସୁଛନ୍ତି । ସ୍କୁଲ ଆସି ଭୋଜିଭାତରେ ମାତି ରହୁଛନ୍ତି ବୋଲି ବିଦ୍ୟାଳୟରେ ଅନୁଧ୍ୟାନ କରିବା ବେଳେ ଜଣାପଡ଼ିଥିଲା। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଲନ୍ଦାପଡା ଗ୍ରାମର ଶ୍ରୀପତି ନାୟକ, ରକି ନାୟକ, ଜିତେନ୍ଦ୍ର ପ୍ରଧାନ, ଜେଜେନ୍ଦ୍ର ନାୟକ, ଦୁଲବ ସେଠୀ, ବବିତା ଦିଗାଲ, ସୌମ୍ୟରଞ୍ଜନ ପ୍ରଧାନ ଓ ଅନ୍ୟମାନେ ଦାବି କରିଛନ୍ତି।

ଏ ନେଇ ପ୍ରଧାନଶିକ୍ଷକ ଦୀପ୍ତିରଞ୍ଜନ ନନ୍ଦଙ୍କୁ ପଚରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ। ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷାଧିକାରୀ ଆଲୋକ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ପୂର୍ବରୁ ସେ ସ୍କୁଲ ନାଁରେ ଅଭିଯୋଗ ଆସିଥିଲା । ପୁଣି ଅଭିଯୋଗ ଶୁଣିଲି । ଘଟଣା ବିଷୟରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିବି ବୋଲି କହିଛନ୍ତି ।

# ଦଶପଲ୍ଲା ପ୍ରେସ୍ କ୍ଲବରେ ଜାତୀୟ ପ୍ରେସ୍ ଦିବସ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଦଶପଲ୍ଲା,୧୬।୧୧
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ପ୍ରେସ୍ କ୍ଲବରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ଇ.ପୁନମ୍ ପ୍ରିୟଦର୍ଶିନୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଓ ଅଧ୍ୟାପିକା ସୁକୃତି ମହାପାତ୍ର ଆଜିର ଦିନରେ ଗଣମାଧ୍ୟମର ଭୂମିକା ଓ ଗଣମାଧ୍ୟମର ସୃଷ୍ଟି ବିଷୟରେ ସୂଚନା ଦେଇଥିଲେ। ସାମ୍ବାଦିକ ଦେଶର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଥିବା ବେଳେ ସାମ୍ବାଦିକଟିଏ କେଉଁଭଳି ପରିସ୍ଥିତିରେ ଖବର ସଂଗ୍ରହ କରିଥାଏ, ସେକଥା ସେ ହିଁ ହୃଦୟଙ୍ଗମ କରିଥାଏ । ନିର୍ଭୁଲ୍ ଖବର ପରିବେଷଣ କରିବା ପାଇଁ ଖରା ବର୍ଷା ଶୀତକୁ ଖାତିର ନ କରି ଘଟଣାସ୍ଥଳକୁ ଯାଇ ସତ୍ୟାସତ୍ୟ ସଂଗ୍ରହ କରି ଲୋକଲୋଚନକୁ ଆଣିଥାଏ ସାମ୍ବାଦିକ। ଏଣୁ ଗଣମାଧ୍ୟମ ହିଁ ସମାଜର ମୁଖ ଦର୍ପଣ। ନିଜ ଲେଖନୀ ମୁନରେ ସେ ହିଁ ସମାଜରେ ଘଟି ଯାଉଥିବା ଘଟଣାବଳୀକୁ ଦର୍ପଣ ଭଳି ଲୋକଙ୍କ ନିକଟରେ ପ୍ରତିପାଦିତ କରାଇଥାଏ ବୋଲି ସମ୍ମାନିତ ଅତିଥି ଡ ସନ୍ଦୀପ କୁମାର ସ୍ୱାଇଁ, ବଣିକ ମହାସଂଘ ସଭାପତି ଅଲେଖ କୁମାର ସାହୁ ମତ ଦେଇଥିଲେ। ଜାତୀୟ ପ୍ରେସ୍ ଦିବସରେ ଦିବଂଗତ ସାମ୍ବାଦିକ ଅରିନ୍ଦମ ଦାସଙ୍କ ସ୍ମୃତିଚାରଣ କରାଯାଇଥିଲା। ସାମ୍ବାଦିକ ତଥା କ୍ଲବ ସମ୍ପାଦକ ଡ. ପ୍ରଫୁଲ୍ଲ ଦାସ ସମ୍ପାଦକୀୟ ପାଠ ଓ ଦୀର୍ଘ ବର୍ଷର ଅନୁଭୂତି ବିଷୟରେ ଆଲୋଚନା କରିଥିଲେ। ସମାଜରେ ଅବହେଳିତ ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ସହିତ ତାର ସମସ୍ତ ସରକାରୀ ସୁବିଧା କିପରି ପାଇବ ତାହା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ହେଉଛି ସାମ୍ବାଦିକର ମୂଳ ଲକ୍ଷ୍ୟ।

କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ସୁରେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିବାବେଳେ ସଭ୍ୟ ପ୍ରଶାନ୍ତ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟତମ ସଭ୍ୟ କିଶୋର ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ପଣ୍ଡା, ଗଙ୍ଗାଧର ରଣା, ମନୋଜ କୁମାର ଷଡ଼ଙ୍ଗୀ, ସଞ୍ଜୀବ ସାହୁ, ରତ୍ନାକର ହୋତା ଓ ପ୍ରକାଶ କୁମାର ପାଣି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସମ୍ପାଦକ ଡ. ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାର ଅପହଞ୍ଚ ଖବର ପ୍ରଶାସନ ପାଖରେ ପହଞ୍ଚାଇଥାଏ ଗଣମାଧ୍ୟମ




ପାରଳାଖେମୁଣ୍ଡିରେ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପାରଳାଖେମୁଣ୍ଡି/କାଶୀନଗର,୧୬।୧୧
(ଗିରିଧାରୀ ପରିଚ୍ଛା/ପି.ମୁରଲୀ)

ଗଜପତି ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲାପାଳ ମଧୁମିତା ଯୋଗ ଦେଇ ଗଜପତି ଜିଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଜିଲାର ଅପହଞ୍ଚ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ଖବର ସଂଗ୍ରହ କରି ପ୍ରଚାର ପ୍ରସାର କରି ସବୁ କ୍ଷେତ୍ରରେ ପ୍ରଶାସନକୁ ଆଗକୁ ନେବାରେ ସହାୟତା କରୁଛନ୍ତି। ସେମାନେ ଖରା, ବର୍ଷା ଓ ଶୀତକୁ ଖାତିର ନ କରି ନିଜର କର୍ତ୍ତବ୍ୟ ନିଷ୍ଠାର ସହିତ ତୁଲାଉଛନ୍ତି। ଗଣମାଧ୍ୟମ ପାଇଁ ଜନସାଧାରଣ ବହୁ ଗୁରୁତ୍ୱପୂର୍ଣ୍ଣ ଖବର ଜାଣିପାରୁଛନ୍ତି ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଭ୍ରମାତ୍ମକ ଖବର ପ୍ରସାର ବୃଦ୍ଧି ପରିପ୍ରେକ୍ଷୀରେ 'ଗଣମାଧ୍ୟମ ବିଶ୍ୱସନୀୟତା ସଂରକ୍ଷଣ' ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନ୍ନାଗା ଯୋଗଦେଇ କହିଥିଲେ, ସମାଜର ବିକାଶରେ ଗଣମାଧ୍ୟମର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ତୃଣମୂଳ ସ୍ତରରୁ ଲୋକଙ୍କ ବିଭିନ୍ନ ସମସ୍ୟା ଲୋକଲୋଚନ ଆଣିବାରେ ଗଣମାଧ୍ୟମ ଏକ ବଳିଷ୍ଠ ମାଧ୍ୟମ। ଅନ୍ୟତମ ସମ୍ମାନିତ ଅତିଥି ବରିଷ୍ଠ ଖବରଦାତା ଗରୁଡ଼ଧ୍ୱଜ ଚୌଧୁରୀ, ବସନ୍ତ ପଣ୍ଡା ନିଜ ମତ ରଖିଥିଲେ। ଖବରଦାତା ଡିଜେନ୍ଦ୍ରନାଥ ପାଢ଼ୀ ସଭା ପରିଚାଳନା କରିଥିଲେ। ରୂପେଶ ସାହୁ ଧନ୍ୟବାଦ ଦେଇଥିଲେ । ଜଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ।

କାଶୀନଗର ପ୍ରେସ କ୍ଲବ ପକ୍ଷରୁ ରବିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। କ୍ଲବ ସଭାପତି ରାଜେଶ ମିସାଲଙ୍କ ପରିଚାଳନାରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ପାଦକ ଏସ . ପ୍ରଭାକର ବିବରଣୀ ପାଠ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ସଭାପତି ପ୍ରଶାନ୍ତ ମିଶ୍ର, ସମ୍ମାନିତ ଅତିଥି ରୂପେ ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ଏମ୍‌ପି ପ୍ରତିନିଧି ଆର୍. ସତୀଶ, ଖବରଦାତା ସିଏଚ ଲୋକନାଥମ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପ୍ରେସ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଇନ ପରାମର୍ଶଦାତା ଜଗଦୀଶ ପାତ୍ର ଧନ୍ୟବାଦ ଦେଇଥିଲେ।

# ହୁମ୍ବର ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ

ଛତ୍ରପୁର,୧୬।୧୧(ଦିଲୀପ ସାମଲ)

